بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 27

ସାପ୍ତାହିକ

# ବଦର

The Weekly କାଦିଆନ
BADAR Qadian
ODIA

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

05 ଜୁଲାଇ 2018 05 ୱଫା 1397 ହି.ଶ 20 ଶୱାଲ 1439 ହି.କ


## ଅଲ୍ଲାଃତାଲାଙ୍କ ବାଣୀ

وَمَا تَفۡعَلُوۡا مِنۡ خَیۡرٍ یَّعۡلَمۡہُ اللّٰہُ ؕ
وَتَزَوَّدُوۡا فَاِنَّ خَیۡرَ الزَّادِ التَّقۡوٰی ۫
وَاتَّقُوۡنِ یٰۤاُولِی الۡاَلۡبَابِ

(سورۃ البقرۃ :198)

ଅନୁବାଦ - ଏବଂ ତୁମେମାନେ ଯାହାକିଛି ପୁଣ୍ୟ (କାର୍ଯ୍ୟ) କର ଅଲ୍ଲାଃ ତାହାକୁ (ନିଶ୍ଚୟ) ଜାଣନ୍ତି ଏବଂ ତୁମେମାନେ (ନିଜସହ) ପାଥେୟ ନିଅ ଓ (ମନେରଖ ଯେ) ଉତ୍କୃଷ୍ଟ ପାଥେୟ ହେଉଛି ଧର୍ମପରାୟଣତା ଏବଂ ହେ ବୁଦ୍ଧିମାନ୍ ବ୍ୟକ୍ତିମାନେ ! ଆମ୍ଭଙ୍କୁ ହିଁ ଭୟ କର ।

(ବକ୍ରା : ୧୯୮)

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍ରିହି ୱ ଅମ୍ରିହି ॥

**ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ କହିଲେ:- କଶ୍‌ତିନୁହ୍‌ରେ ''ହମାରି ତାଲିମ୍'' (ଆମ ଶିକ୍ଷା) ବିଷୟରେ ଯେଉଁ ଅଂଶ ରହିଛି ତାହା ପ୍ରତ୍ୟେକ ଅହେମଦୀଙ୍କୁ ନିଶ୍ଚିତ ରୂପେ ପଢ଼ିବା ଆବଶ୍ୟକ ବରଂ ସମ୍ପୂର୍ଣ୍ଣ କଶ୍‌ତିନୁହ୍ (ପୁସ୍ତକଟି) ହିଁ ପଢ଼ିବା ଉଚିତ୍ ।**

**ତୁମେ ନିଶ୍ଚିତ ରୂପେ ଜାଣିରଖ କି ଇସା ଇବ୍‌ନେ ମରିୟମ୍ ମରିସାରିଛନ୍ତି ଓ କଶ୍ମିର୍ (ପ୍ରଦେଶ)ର ଶ୍ରୀନଗର (ସହର)ର ମହଲା ଖାନିୟାର୍‌ଠାରେ ତାଙ୍କ କବର ଅଛି । ଖୁଦାତାଲା ନିଜ ପ୍ରିୟ ପୁସ୍ତକରେ ତାଙ୍କ ମୃତ୍ୟୁର ଖବର ଦେଇଛନ୍ତି ।**

## କଶ୍‌ତିନୁହ୍ ପୁସ୍ତକରୁ ସୟଦ୍‌ନା ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀ

ତୁମେମାନେ ନିଜ ହୃଦୟକୁ ନିର୍ମଳ କରି ଏବଂ ଜିଭ, ଆଖି ଓ କାନକୁ ପବିତ୍ର କରି ତା ଆଡକୁ ଆସ । ଫଳତଃ ସେ (ଇଶ୍ୱର) ତୁମକୁ ଗ୍ରହଣ କରିବେ । ଇଶ୍ୱର ତୁମଠାରୁ ବିଶ୍ୱାସ ସମ୍ବନ୍ଧରେ ଯାହା ଆଶାକରୁଛନ୍ତି ତାହା ହେଉଛି ଏପରିକି ଇଶ୍ୱର ହେଉଛନ୍ତି ଏକ ଓ ମୁହମ୍ମଦ୍ ସ:ଆ:ସ ହେଉଛନ୍ତି ତାର ନବୀ (ପ୍ରେରିତ ଦୂତ) ଓ ଖାତମୁଲ୍ ଅମ୍ବିୟା (ନବୀ ଶ୍ରେଷ୍ଠ) ଓ ସମସ୍ତଙ୍କ ଠାରୁ ଅଧିକା । ଏବେ ତାଙ୍କ ପରେ କୌଣସି ନବୀ ହେବେନାହିଁ, କିନ୍ତୁ ସେ ହେବେ ଯାହାଙ୍କ ଉପରେ ବରୋଜି (ଅନୁରୂପ) ରୂପେ ମୁହମ୍ମଦିୟତ୍‌ର ଚାଦର ପିନ୍ଧାଯାଇଥିବ । କାରଣ ସେବକ ତା ମୁନୀବ ଠାରୁ ଭିନ୍ନ ନୁହେଁ ଓ ନା ଶାଖା ପ୍ରଶାଖା ନିଜ ଗଣ୍ଡିଠାରୁ ଭିନ୍ନ । ତେଣୁ ଯିଏ ସମ୍ପୂର୍ଣ୍ଣ ରୂପେ ମୁନୀବଙ୍କ ଠାରେ ଲୀନ ହୋଇ ଇଶ୍ୱରଙ୍କଠାରୁ ନବୀର ଉପାଧି ପାଏ ସେ ଖତ୍‌ମେ ନବୁଓ୍ୱତ୍ (ନବୀଙ୍କ ମୋହର୍)ର ବାଧକ ନୁହେଁ । ଯେପରି ତୁମେମାନେ ଯେତେବେଳେ ଦର୍ପଣରେ ନିଜ ଚେହେରାକୁ ଦେଖୁଅଛ ସେତେବେଳେ ତୁମେ ଦୁଇଜଣ ହୋଇପାରିବ ନାହିଁ ବରଂ ତୁମେ ହେଉଛ ଜଣେ । ଯେବେ କି ତାହା ଦୁଇଜଣ ବ୍ୟକ୍ତି ରୂପେ ଦେଖାଯାଇଥାଏ । କେବଳ ପ୍ରତିବିମ୍ବ ଓ ଅସଲ ଚେହେରାର ପାର୍ଥକ୍ୟ ଥାଏ । ତେଣୁ ସେହିପରି ଇଶ୍ୱର ମସିହ୍ ମଉଦ୍‌ଙ୍କ ପାଇଁ ଏହା ଇଛା କରିଛନ୍ତି । ଏହି ରହସ୍ୟକୁ ଆଁ ହଜ୍‌ରତ୍ ସ:ଆ:ସ ଏପରି ବର୍ଣ୍ଣନା କରିଛନ୍ତି କି ମସିହ୍ ମଉଦ୍ ମୋ କବରରେ ଦଫନ୍ (ପୋତା)ହେବେ ଅର୍ଥାତ୍ ସେ ହେଉଛି ମୁଁ ଓ ଏଥିରେ କୌଣସି ଦ୍ୱିମତ ନାହିଁ । ତୁମେ ନିଶ୍ଚିତ ରୂପେ ଜାଣିରଖ କି ଇସା ଇବ୍‌ନେ ମରିୟମ୍ ମରିସାରିଛନ୍ତି ଓ କଶ୍ମିର୍ (ପ୍ରଦେଶ)ର ଶ୍ରୀନଗର (ସହର)ର ମହଲା ଖାନିୟାର୍[୧]ଠାରେ ତାଙ୍କ କବର ଅଛି । ଖୁଦାତାଲା ନିଜ ପ୍ରିୟ ପୁସ୍ତକରେ ତାଙ୍କ ମୃତ୍ୟୁର ଖବର ଦେଇଛନ୍ତି । ଯଦି ଏହି ଆୟତର ଆଉ କୌଣସି ଅର୍ଥ ଅଛି ତେବେ ଇସା ଇବ୍‌ନେ ମରିୟମ୍‌ଙ୍କ ମୃତ୍ୟୁର ଖବର ପବିତ୍ର କୋରାନ୍‌ରେ କେଉଁଠାରେ ଅଛି । ମୃତ୍ୟୁ ନିମନ୍ତେ ଯେଉଁ ଆୟତ ଗୁଡିକ ରହିଛି ଯଦି ସେଗୁଡିକର ଅର୍ଥ ଅଲଗା, ଯେପରିକି ଆମ ବିରୋଧିମାନେ ଭାବୁଛନ୍ତି ତେବେ କୋରାନ୍ ତାଙ୍କ ମୃତ୍ୟୁର ଖବର ବିଷୟରେ କୌଣସି ଚର୍ଚ୍ଚା କରିନାହିଁ କି ସେ କେବେ ମରିବେ ମଧ । ଇଶ୍ୱର ଆମ ନବୀଙ୍କ ମୃତ୍ୟୁର ଖବର ତ ଦେଲେ କିନ୍ତୁ ସମ୍ପୂର୍ଣ୍ଣ କୋରାନ୍‌ରେ ଇସାଙ୍କ ମୃତ୍ୟୁର ଖବର ଦେଲେନାହିଁ । ଏଥିରେ କଣ ଭେଦ ଅଛି । ଯଦି କୁହ କି ଇସାଙ୍କ ମୃତ୍ୟୁର ଖବର ଏହି ଆୟତରେ ରହିଛି ବୋଲି ଯଥା- فَلَمَّا تَوَفَّیۡتَنِیۡ کُنۡتَ اَنۡتَ الرَّقِیۡبَ عَلَیۡہِمۡ (ଫଲମ୍ମା ତଓ୍ୱଫ୍ ଫଇତନି କୁନ୍‌ତା ଅନ୍‌ତର୍ ରକିବା ଆଲୈହିମ୍[୨]) ତେବେ ଏହି ଆୟତ୍‌ଟି ସ୍ୱଷ୍ଟ ରୂପେ ଏହା ପ୍ରମାଣ କରୁଛି କି ସେ (ଇସା) ଇସାଇ ମାନଙ୍କ (ଚାରିତ୍ରିକ) ରୂପେ ଭ୍ରଷ୍ଟ ହୋଇଯିବା ପୂର୍ବରୁ ହିଁ ମରିସାରିଛନ୍ତି । ସୁତରାଂ ଯଦି فَلَمَّا تَوَفَّیۡتَنِیۡ (ଫଲମ୍ମା ତଓ୍ୱଫ୍ ଫଇତନି) ଆୟତର ଅର୍ଥ ଏହା ଅଟେ କି ଇସାଙ୍କୁ ସେ (ଇଶ୍ୱର) ସଶରୀରେ ଆକାଶକୁ ଉଠାଇ ନେଇଛି ବୋଲି ତେବେ କାହିଁକି ଇଶ୍ୱର ଏପରି ବ୍ୟକ୍ତିଙ୍କ ମୃତ୍ୟୁ ବିଷୟରେ ସମ୍ପୂର୍ଣ୍ଣ କୋରାନ୍‌ରେ ବର୍ଣ୍ଣନା କଲେନାହିଁ, ଯାହାଙ୍କ ଜୀବିତ ରହିବାର ଭାବନା ଲକ୍ଷ ଲକ୍ଷ (ଲୋକଙ୍କୁ) ନିଃଶେଷ କରିଦେଲା । ଅର୍ଥାତ୍ ଇଶ୍ୱର ତାଙ୍କୁ ସଦାସର୍ବଦା ଏଥିପାଇଁ ଜୀବିତ ରହିବାକୁ ଦେଲେ ଯଦ୍ୱାରା ଲୋକମାନେ ମୁସ୍‌ରିକ୍ (ଅନେକେଶ୍ୱରବାଦୀ) ଓ ବିଧର୍ମୀ ହୋଇଯିବେ । (ଏଥିରୁ ଏପରି ଲାଗୁଛି) ଯେପରି ଏହାସବୁ ଲୋକମାନଙ୍କର ଭୁଲ୍ ନୁହେଁ ବରଂ ଇଶ୍ୱର ନିଜେ ଏସବୁ କରିଛନ୍ତି । ଫଳତଃ ସେ ଲୋକମାନଙ୍କୁ ବିପଥଗାମୀ କରାଇବେ । ଭଲରୂପେ ମନେରଖ, ମସିହ୍‌ଙ୍କ ମୃତ୍ୟୁ ବିନା ସଲିବି ଅକିଦା (କ୍ରୁଶ ଉପରେ ରହିଥିବା ବିଶ୍ୱାସ ଓ ପ୍ରଥା)ର ମୃତ୍ୟୁ ହୋଇପାରିବ ନାହିଁ । ତେଣୁ ପବିତ୍ର କୋରାନ୍‌ର ଶିକ୍ଷା ବିରୁଦ୍ଧରେ ତାଙ୍କୁ ଜିବୀତ ବୋଲି ମନେ କରିବାରେ କି ଲାଭ ଅଛି ? ତାଙ୍କୁ ମରିବାକୁ ଦିଅ । ଯଦ୍ୱାରା ଏହି ଦୀନ୍ (ଇସ୍‌ଲାମ୍ ଧର୍ମ) ଜିବୀତ ହେବ । ଇଶ୍ୱର ତାଙ୍କ ନିଜ କଥନରେ ମସିହ୍‌ଙ୍କ ମୃତ୍ୟୁକୁ ପ୍ରକାଶ କଲେ ଏବଂ ରସୁଲୁଲ୍ଲାଃ ସ:ଆ:ସ ମେରାଜ୍‌ର ରାତିରେ ତାଙ୍କୁ ମୃତବ୍ୟକ୍ତି ଗଣଙ୍କ ମଧ୍ୟରେ ଦେଖିସାରିଛନ୍ତି । ତେବେ ମଧ ତୁମେ ମାନୁନାହଁ ? ଏହା କି ପ୍ରକାରର ଇମାନ୍ (ବିଶ୍ୱାସ) ଯେ କଣ (ତୁମେ) ମନୁଷ୍ୟର କଥନକୁ ଇଶ୍ୱରଙ୍କ ବାଣୀ ଉପରେ ଅଗ୍ରାଧିକାର ଦେଉଅଛ । ଏହା କି ପ୍ରକାରର ଦୀନ[୩] । ଆମ୍ଭ ରସୁଲୁଲ୍ଲାଃ ସ:ଆ:ସ ନା କେବଳ ସାକ୍ଷୀ ଦେଇଛନ୍ତି କି ମୁଁ ମୃତ ଆତ୍ମାମାନଙ୍କ ଗହଣରେ ଇସା ଆ:ସଙ୍କୁ ଦେଖିଛି ବୋଲି ବରଂ (ଆପଣ) ନିଜେ ମୃତ୍ୟୁବରଣ କରି ଏହା ସ୍ୱଷ୍ଟ କରିଦେଲେ କି ଏହା ପୂର୍ବରୁ କେହି ଜୀବିତ ରହିନାହାଁନ୍ତି । ତେଣୁ ଆମ ବିରୋଧିମାନେ ଯେପରି ପବିତ୍ର କୋରାନ୍‌କୁ ଛାଡୁଛନ୍ତି ସେହିପରି ସୁନ୍ନତ୍‌କୁ ମଧ ଛାଡ଼ିଦେଉଛନ୍ତି । କାରଣ ମୃତ୍ୟୁବରଣ କରିବା ହେଉଛି ଆମ ନବୀଙ୍କ ସୁନ୍ନତ୍ । ଯଦି ଇସା ଜୀବିତ ଥିଲେ ତେବେ ମୃତ୍ୟୁ ହେବା ଯୋଗୁ ଆମ ରସୁଲ୍‌ଙ୍କର ବୈଜତ୍ ହେବାର ଥିଲା । ତେଣୁ ତୁମେମାନେ ଯେପର୍ଯ୍ୟନ୍ତ ଇସାଙ୍କ ମୃତ୍ୟୁକୁ ନ ମାନିଛ ସେପର୍ଯ୍ୟନ୍ତ ନା ତୁମେ ଅହ୍‌ଲେ ସୁନ୍ନତ୍ ଓ ନା ତୁମେ ଅହ୍‌ଲେ କୁରୁଆନ୍ । ମୁଁ ହଜ୍‌ରତ୍ ଇସା ଆ:ସଙ୍କ ମହିମାର ଅମାନ୍ୟକାରୀ ନୁହେଁ । ଯଦିଚ ଇଶ୍ୱର ମୋତେ ଏ ଖବର ଦେଇଛନ୍ତି କି ମସିହ୍ ମୁହମ୍ମଦି (ମୁହମ୍ମଦ୍‌ଙ୍କ ମସିହ୍) ମସିହ୍ ମୁସ୍‌ୱି (ମୁସାଙ୍କ ମସି)ଙ୍କ ଠାରୁ ଉତମ । କିନ୍ତୁ ଏହା ସତ୍ୱେ ମଧ ମସିହ୍ ଇବ୍‌ନେ ମରିୟମ୍‌ଙ୍କୁ ମୁଁ ବହୁତ ସମ୍ମାନ ଦେଉଅଛି । କାରଣ ମୁଁ ହେଉଛି ଆଧାତ୍ମିକ ଦୃଷ୍ଟିକୋଣରୁ ଇସ୍‌ଲାମ୍ (ଧର୍ମ) ରେ ଖାତମୁଲ୍ ଖୋଲଫାଆ (ଶ୍ରେଷ୍ଠ ଖଲିଫା) ଯେପରି ମସିହ୍ ଇବ୍‌ନେ ମରିୟମ୍ ଇସ୍‌ରାଇଲିୟ ସିଲ୍‌ସିଲା ନିମନ୍ତେ ଖାତମୁଲ୍ ଖୋଲଫାଆ ଥିଲେ । ମୁସାଙ୍କ ସିଲ୍‌ସିଲାରେ ଇବ୍‌ନେ ମରିୟମ୍ ମସିହ୍ ମଉଦ୍ ଥିଲେ ଓ ମୁହମ୍ମଦି ସିଲ୍‌ସିଲାରେ ମୁଁ ହେଉଛି ମସିହ୍ ମଉଦ୍ ତେଣୁ ମୁଁ ତାଙ୍କର ସମ୍ମାନ କରୁଅଛି, ଯାହାଙ୍କର ମୁଁ ହେଉଛି ସମନାମ । ସେ ବ୍ୟକ୍ତି ହେଉଛି ଖଳ ଓ ଭ୍ରଷ୍ଟ ଯିଏ ମୋତେ କହୁଛି କି ମୁଁ ମସିହ୍ ଇବ୍‌ନେ ମରିୟମ୍‌ଙ୍କର ସମ୍ମାନ କରୁନାହିଁ ବୋଲି ବରଂ ମସିହ୍ ମୁଁ ତ ତାଙ୍କ ଚାରି ଭାଇମାନଙ୍କର ମଧ ସମ୍ମାନ କରୁଅଛି । କାରଣ ପାଂଚଜଣଯାକ ଗୋଟିଏ ମା'ର ସନ୍ତାନ । ନା କେବଳ ଏତିକି ବରଂ ମୁଁ ହଜ୍‌ରତ୍ ମସିହ୍‌ଙ୍କ ନିଜ ଦୁଇ ଭଉଣୀଙ୍କୁ ମଧ ପବିତ୍ର ବୋଲି ଭାବୁଛି । କାରଣ ଏମାନେ ସମସ୍ତେ ପବିତ୍ର ମରିୟମ୍‌ଙ୍କ ଔରସରୁ ଜାତ ଓ ମରିୟମ୍‌ଙ୍କର ଏପରି ମହିମା କି ଯିଏ ବହୁତ ଦିନ ପର୍ଯ୍ୟନ୍ତ ନିଜକୁ ବିବାହ କରିବାରୁ ରୋକିଲେ । ପୁଣି କୌମ୍‌ର ଭଦ୍ରବ୍ୟକ୍ତିମାନଙ୍କ ବାରମ୍ବାର ଅନୁରୋଧକ୍ରମେ ଗର୍ଭରେ ଥାଇ ମଧ ବିବାହ କଲେ । ଯଦିଚ ଲୋକମାନେ ଏ ଆରୋପ ଲଗାଉଛନ୍ତି କି ତୌରାତ୍ ଶିକ୍ଷାର ବିରୋଧ ଗର୍ଭାବସ୍ଥାରେ କାହିଁକି ନିକାହ୍ (ବିବାହ) କରାଗଲା ଓ କୁଆଁରୀ ରହିବାର ପ୍ରତିଶୃତିକୁ କାହିଁକି ବିନା କାରଣରେ ଭଙ୍ଗ କରାଗଲା ଓ ବହୁବିବାହ କରିବାର ମୁଳଦୁଆ କାହିଁକି ରଖାଗଲା । ଅର୍ଥାତ୍ ୟୁସୁଫ୍ ନଜାରଙ୍କ ସ୍ତ୍ରୀ ଥିବା ସତ୍ୱେ ପୁଣି ମରିୟମ୍ (ବିବାହ ପାଇଁ) କାହିଁକି ରାଜି ହେଲେ କି ସେ ୟୁସୁଫ୍ ନଜାରଙ୍କ ନିକାହ୍‌ରେ ଆସନ୍ତୁ । ମୁଁ ଏହା କହିବି କି ଯାହା ସବୁ ଘଟିଗଲା ତାହା ବିବଶତା ଥିଲା । ଏହିପରି ପରିସ୍ଥିତିରେ ସେହି ଲୋକମାନେ ଦୟାର ପାତ୍ର ଥିଲେ ନା ଆରୋପର ପାତ୍ର ।

(କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୧୫-୧୮)

୧-ଇସାଇ ଗବେଷକମାନେ ଏହି ରାୟକୁ ପ୍ରକାଶ କରିଛନ୍ତି । ଦେଖନ୍ତୁ ପୁସ୍ତକ ''ସୁପର୍ ନ୍ୟାଚୁରାଲ୍ ରିଲିଜିଅନ୍'' ପୃଷ୍ଠା-୫୨୨ । ଯଦି ବ୍ୟାପକ ରୂପେ ଦେଖିବାକୁ ଚାହୁଁଛ ତେବେ ଆମ ପୁସ୍ତକ ତୋହ୍‌ଫା ଗୋଲଡୁଓ୍ୱିୟାର ପୃଷ୍ଠା ୧୩୯ ଦେଖିନିଅ ।

୨-ଏହି ଆୟରୁ ଜଣାପଡୁଛି କି ହଜ୍‌ରତ୍ ଇସା ଆ:ସ ପୁଣି ଏ ଦୁନିଆକୁ ଆସିବେ ନାହିଁ କାରଣ ଯଦି ତାଙ୍କୁ ଦୁନିଆକୁ ଆସିବାକୁ ଥାଆନ୍ତା ତେବେ ଏହି ପରିସ୍ଥିତିରେ ହଜ୍‌ରତ୍ ଇସା ଆ:ସଙ୍କର ଏପରି ଉତର ଦେବା କେବଳ ମିଥ୍ୟା ପ୍ରମାଣିତ ହୋଇଥାଆନ୍ତା ଅର୍ଥାତ୍ ମୋତେ ଇସାଇମାନଙ୍କ ପଥଭ୍ରଷ୍ଟ ହେବାର କୌଣସି ଖବର ଜଣାନାହିଁ । ଯେଉଁ ବ୍ୟକ୍ତି ଦ୍ୱିତୀୟଥର ସଂସାରକୁ ଆସିଲା ଓ ଚାଳିଶି ବର୍ଷ ରହିଲା ଓ କୋଟିକୋଟି ଇସାଇମାନଙ୍କୁ ଦେଖିଲା, ଯେଉଁମାନେ ତାଙ୍କୁ ଇଶ୍ୱର ବୋଲି ଭାବୁଥିବେ ଓ ସଲିବି (କ୍ରୁଶ)କୁ ଭଙ୍ଗ କଲା ଓ ସମସ୍ତ ଇସାଇମାନଙ୍କୁ ମୁସଲ୍‌ମାନ୍ କଲା ସେ କାହିଁକି କୟାମତ୍ ଦିନ ଇଶ୍ୱରଙ୍କ ନିକଟରେ ଏ ବାହାନା

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ପୃଷ୍ଠା- ୧ ର ଅବଶିଷ୍ଟାଂଶ ...

କରିପାରିବ କି ମୋତେ ଇସାଇମାନଙ୍କ ପଥଭ୍ରଷ୍ଟ ହେବାର କୌଣସି ଖବର ଜଣାନାହିଁ ।

୩-ପବିତ୍ର କୋରାନ୍‌ର ଗୋଟିଏ ଆୟତରେ ସ୍ପଷ୍ଟ ରୂପେ କାଶ୍ମିର ପ୍ରତି ଇଙ୍ଗିତ କରାଯାଇଛି କି ମସିହ୍ ଓ ତାଙ୍କ ମାତା ସଲିବି (କ୍ରୁଶବିଦ୍ଧ) ହେବାର ଘଟଣା ପରେ କାଶ୍ମିର ଆଡକୁ ଚାଲିଗଲେ ଯେପରିକି ଅଲ୍ଲାଃ କହୁଛନ୍ତି- وَآوَيْنٰهُمَآ اِلٰى رَبْوَةٍ ذَاتِ قَرَارٍ وَّمَعِيْنٍ ଅର୍ଥାତ୍- ଆମ୍ଭେ ଇସା ଓ ତାଙ୍କ ମା'ଙ୍କୁ ଏପରି ଏକ ଉଚ୍ଚା ସ୍ଥାନରେ ଶରଣ ଦେଲୁ ଯାହା ଆରାମର ସ୍ଥାନ ଥିଲା ଓ ପାଣି ସ୍ୱଚ୍ଛ ଥିଲା । ଅର୍ଥାତ୍ ଝରଣାର ପାଣି ସେଠାରେ ଥିଲା । ସୁତରାଂ ଏଥିରେ ଖୁଦାତାଲା କାଶ୍ମୀରର ନକ୍ସା ବର୍ଣ୍ଣନା କରିଛନ୍ତି ଏବଂ ଆୱା ଶବ୍ଦର ଅର୍ଥଟି ଆରବୀ ଶବ୍ଦକୋଷରେ କୌଣସି ବିପତି ବା କଷ୍ଟରୁ ବଂଚାଇ ଶରଣ ଦେବା ପାଇଁ ଆସିଛି । ସଲିବି ପୂର୍ବରୁ ଇସା ଓ ତାଙ୍କ ମା'ଙ୍କ ଉପରେ ଏପରି କୌଣସି ଦୁଃଖ କଷ୍ଟର ସମୟ ଆସିନାହିଁ ଯେଉଁଥିରେ ତାଙ୍କୁ ଶରଣ ଦିଆଯାଇଥାଆନ୍ତା । ତେଣୁ ଏହା ନିଶ୍ଚିତ ହେଲା କି ଖୁଦାତାଲା ଇସା ଓ ତାଙ୍କ ମା'ଙ୍କୁ ସଲିବି (କ୍ରୁଶବିଦ୍ଧ) ହେବାର ଘଟଣା ପରେ ସେହି ଉଚ୍ଚ ସ୍ଥାନରେ ପହଂଚାଇଥିଲେ ।

ହାଶିୟା: ଇସୁ ମସିହ୍‌ଙ୍କ ଚାରିଜଣ ଭାଇ ଓ ଦୁଇଜଣ ଭଉଣୀ ଥିଲେ । ଏମାନେ ସମସ୍ତେ ଇସୁଙ୍କର ନିଜ ଭାଇଭଉଣୀ ଥିଲେ ଅର୍ଥାତ ସମସ୍ତେ ୟୁସୁଫ୍ ଓ ମରିୟମ୍‌ଙ୍କ ସନ୍ତାନ ଥିଲେ । ଚାରିଭାଇଙ୍କର ନାମ ହେଉଛି ଏପରି- ୟହୁଦା, ୟାକୁବ୍, ଶମ୍‌ଉନ୍, ୟୁଜସ୍ ଏବଂ ଦୁଇଜଣ ଭଉଣୀଙ୍କର ନାମ ଏପରି ଥିଲା- ଆସିୟା, ଲିଦିୟା । ଦେଖନ୍ତୁ ପୁସ୍ତକ ''ପାଷ୍ଟୋଲିକ୍ ରେକର୍ଡସ୍'' ଲେଖକ-ପାଦ୍ରୀ ଜନ୍ ଇଲନ୍ ଗାଇଲଜ୍, ମୁଦ୍ରଣ- ଲଣ୍ଡନ ୧୮୮୬, ପୃଷ୍ଠା-୧୫୯,୧୬୬ । ⌘⌘⌘⌘⌘⌘⌘⌘

ପୃଷ୍ଠା- ୬ ର ଅବଶିଷ୍ଟାଂଶ ...

ଖଣ୍ଡ-୧, ପୃଷ୍ଠା-୧୫୫-୧୫୭, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଆପଣ ପୁଣି କହୁଛନ୍ତି କି ଅଲ୍ଲାଃତାଲା ସେମାନଙ୍କୁ ସାହାଯ୍ୟ ଓ ସହଯୋଗ କରିଥାଏ ଯେଉଁମାନେ ତକ୍‌ୱା ଗ୍ରହଣ କରିଥାନ୍ତି । କୁକର୍ମଠାରୁ ଦୂରେଇ ରହି ପୁଣ୍ୟ କାର୍ଯ୍ୟକୁ ଗ୍ରହଣ କରିବା ତକ୍‌ୱା ଅଟେ । ମୁହସେନୁନ୍ ହେଉଛନ୍ତି ସେମାନେ ଯେଉଁମାନେ ନା କେବଳ କୁକର୍ମଠାରୁ ବଂଚି ରହିଥାନ୍ତି ବରଂ ପୁଣ୍ୟ ମଧ୍ୟ କରିଥାନ୍ତି । ତେଣୁ ଅଲ୍ଲାଃତାଲା କହୁଛନ୍ତି ଲିଲ୍ ଲଜିନା ଆହସାନୁଲ୍ ହୁସ୍‌ନା ଅର୍ଥାତ୍ ସେମାନେ ସେହି ସବୁ ପୁଣ୍ୟଗୁଡିକୁ ଗୋଟି ଗୋଟି କରି ଓ ଗଣି ଗଣି କରି ଗ୍ରହଣ କରିଥାନ୍ତି" । ଆପଣ ଏହି ଆୟତର ବ୍ୟାଖ୍ୟା କରି କହୁଛନ୍ତି କି ଇନ୍ନଲ୍ଲାହା ମାଅଲଲଜିନା ଅତ୍‌ତକୋ ଓ୍ୱଲ୍ ଲଜିନା ହୁମ୍ ମୁହସିନୁନ୍ ଅର୍ଥାତ୍ ନିଶ୍ଚିତ ରୂପେ ଅଲ୍ଲାଃ ସେହି ଲୋକମାନଙ୍କ ସହିତ ଅଛନ୍ତି ଯେଉଁମାନେ ତକ୍‌ୱା ଗ୍ରହଣ କରୁଛନ୍ତି ଓ ତତ୍ ସହିତ ଯେଉଁମାନେ ଏହ୍‌ସାନ୍ (ଅନୁଗ୍ରହ) ମଧ୍ୟ କରୁଛନ୍ତି । ଆପଣ ପୁଣି କହୁଛନ୍ତି "ମୋତେ ଏହି ସ୍ୱର୍ଗବାଣୀ ବାରମ୍ବାର ହୋଇଛି କି ଇନ୍ନଲ୍ଲାହା ମାଅଲଲଜିନା ଅତ୍‌ତକୋ ଓ୍ୱଲ୍ ଲଜିନା ହୁମ୍ ମୁହସିନୁନ୍ ଏବଂ ଏହା ଏତେଥର ହୋଇଛି କି ତାହା ଗଣାଯାଇପାରେନା । ଖୁଦା ଜାଣିଥିବେ ଏହା ଦୁଇହଜାର ଥର ହୋଇଥିବ । କେବଳ ଏହିଥିରେ ଖୁସି ହୋଇଯିବା ଉଚିତ୍ ନୁହେଁ କି ଆମେ ଜମାଅତରେ ଅନ୍ତର୍ଭୁକ୍ତ ହୋଇଯାଇଛେ । ଅଲ୍ଲାଃଙ୍କ ସାନିଧ ଓ ସାହାଯ୍ୟ ସେତେବେଳେ ହାସଲ ହୋଇଥାଏ ଯେତେବେଳେ ପ୍ରକୃତ ଧର୍ମନିଷ୍ଠ ଓ ପୁଣ୍ୟକର୍ମ ସମ୍ପାଦନ କରିବ ।" (ମଲଫୁଜାତ୍ ଖଣ୍ଡ-୮, ପୃଷ୍ଠା-୩୭୧, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଏ ସମ୍ବନ୍ଧରେ ଆପଣ ପୁଣି ଆହୁରି କହୁଛନ୍ତି ଇନ୍ନଲ୍ଲାହା ମାଅଲଲଜିନା ଅତ୍‌ତକୋ ଓ୍ୱଲ୍ ଲଜିନା ହୁମ୍ ମୁହସିନୁନ୍ (ନହଲ :୧୨୯) **ଅଲ୍ଲାଃତାଲା ମଧ୍ୟ ମଣିଷର ଅମଳର ହିସାବ ରଖୁଛନ୍ତି । ତେଣୁ ମଣିଷକୁ ଆବଶ୍ୟକ କି ନିଜ ନିତିଦିନିଆ କାର୍ଯ୍ୟକଳାପକୁ ଲିପିବଦ୍ଧ କରି ତାହାର ଅନୁଧ୍ୟାନ କରୁ କି ସେ ପୁଣ୍ୟକର୍ମ ସମ୍ପାଦନ କରିବାରେ କିଭଳି ଅଗ୍ରସର ରହିଛି ।** ମନୁଷ୍ୟର ଆଜି ଆଉ କାଲି ସମାନ ରହିବା ଉଚିତ୍ ନୁହେଁ, ଯାହାର ଆଜି ଓ କାଲି ପୁଣ୍ୟ କରିବା ଦୃଷ୍ଟିକୋଣରୁ ଓ ଏଥିରେ ଆଗକୁ ବଢ଼ିବା ଦୃଷ୍ଟିକୋଣରୁ ସମ୍ମାନ ଥାଏ ସେ କ୍ଷତିରେ ଅଛି । ମନୁଷ୍ୟ ଯଦି ଇଶ୍ୱରଙ୍କୁ ମାନିଥାଏ ଓ ତା ଉପରେ ଅଖଣ୍ଡ ବିଶ୍ୱାସ ରଖେ ତେବେ ସେ କେବେ ନଷ୍ଟ ହେବନାହିଁ ବରଂ ସେହି ଜଣକପାଇଁ ଲକ୍ଷ ଲକ୍ଷ ଜୀବନ (ଇଶ୍ୱର) ବଂଚାଇଦିଅନ୍ତି" ଆପଣ ଉଦାହରଣ ଦେଇ କହୁଛନ୍ତି କି "ଜଣେ ଅଉଲିଆ ଅଲ୍ଲାଃ (ଅଲ୍ଲାଃଙ୍କ ନିକଟତର ବ୍ୟକ୍ତିବିଶେଷଙ୍କ ବିଷୟରେ ଆସୁଛି କି ସେ ଜାହାଜରେ ଯାତ୍ରା କରୁଥିଲେ । ସମୁଦ୍ରରେ ତୋଫାନ୍ ଆସିଗଲା । ସମ୍ଭବ ଥିଲା କି ସେ ଜାହଜଟି ବୁଡ଼ିଯିବ (କିନ୍ତୁ) ତା ଦୁଆ ଯୋଗୁ ଜାହାଜଟିକୁ ବଂଚାଇ ଦିଆଗଲା ଓ ସେ ଯେତେବେଳେ ଦୁଆ କରୁଥିଲା ସେ ସମୟରେ ତାଙ୍କୁ ସ୍ୱର୍ଗବାଣୀ ହେଲା କି- ତୁମ ଖାତିର୍ ଆମେ ସମସ୍ତଙ୍କ ବଂଚାଇଦେଲୁ" । ପୁଣି ଆପଣ କହୁଛନ୍ତି "କିନ୍ତୁ ଏହି ସବୁ କଥାଗୁଡିକ କେବଳ ମୁହଁରେ କହିବା ଦ୍ୱାରା ହାସଲ ହୁଏନାହିଁ" ବରଂ ସେଥିଯୋଗୁ ପରିଶ୍ରମ କରିବାକୁ ହୁଏ । (ମଲଫୁଜାତ୍ ଖଣ୍ଡ-୧୦ ପୃଷ୍ଠା-୧୩୭-୧୩୮, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଓ ଆପଣ କହୁଛନ୍ତି ଅଲ୍ଲାଃତାଲା ମୋ ସହିତ ମଧ୍ୟ ଏ ପ୍ରତିଶୃତି କରିଛନ୍ତି କି ଇନ୍ନି ଉହାଫିଜୁ କୁଲ୍ଲ ମନ୍ ଫିଦ୍ ଦାର୍ । (ମଲଫୁଜାତ୍, ଖଣ୍ଡ-୧୦, ପୃଷ୍ଠା-୧୩୮, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

କିନ୍ତୁ ଏଥିପାଇଁ ସର୍ବପ୍ରଥମେ ତୁମମାନଙ୍କୁ ତକ୍‌ୱା ଗ୍ରହଣ କରିବାକୁ ପଡ଼ିବ ଓ ଆପଣ ଏହା ମଧ୍ୟ କହିଲେ କି ମୋ ପ୍ରାର୍ଥନା ଗୁଡିକ ଗ୍ରହଣୀୟ ହେବାପାଇଁ ନିଜେ ନିଜକୁ ଦୁଆ କରିବା ପାଇଁ ପ୍ରସ୍ତୁତ କରିବାର ଆବଶ୍ୟକ ଅଛି । ତେବେ ଯାଇ ମୋ ଦୁଆ ଗ୍ରହଣୀୟ ହେବ ଓ ଏଇଥିପାଇଁ ଧର୍ମ ପରାୟଣ ହେବା ଜରୁରୀ ଅଟେ ।

ହଜୁର ଅନୱର ଅ.ବ କହିଲେ- ଅଲ୍ଲାଃତାଲା ଆମ୍ଭକୁ ଏହି ରମଜାନରେ ଧର୍ମନିଷ୍ଠତାର ସହିତ ରୋଜା ରଖିବାକୁ ଓ ଉପାସନା ତଥା ଅନ୍ୟାନ୍ୟ କର୍ତବ୍ୟ ସମ୍ପାଦନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ପ୍ରତ୍ୟେକ ଦିଗରୁ ଜମାଅତ ଓ ସମସ୍ତ ମୁସଲମାନମାନଙ୍କ ପାଇଁ ଏହି ରମଜାନ ବାବରକତ୍ ସାବ୍ୟସ୍ତ ହେଉ । ବିଶେଷ କରି ବିଶ୍ୱବାସୀଙ୍କ ପାଇଁ ମଧ୍ୟ ଦୁଆ କରିବେ । ପାକିସ୍ତାନରେ ଜମାଅତର ଅବସ୍ଥା ଯେଉଁଭଳି ଦିନକୁଦିନ କଷ୍ଟକର ହୋଇଚାଲିଛି ସେମାନଙ୍କ ଉପରେ ଅଲ୍ଲାଃଙ୍କର କୃପା ବର୍ଷଣ ହେବା ନିମନ୍ତେ ମଧ୍ୟ ଦୁଆ କରିବେ । ଯେଉଁସ୍ଥଳେ ରୋଜା ରଖିବାର କର୍ତବ୍ୟ ସମ୍ପାଦନ କରିବା ସେଠାରେ ଧର୍ମନିଷ୍ଠ ହେବାକୁ ଓ ତାହାର କର୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କରିବା । ଦୁଆ କରିବା ପ୍ରତି ଧ୍ୟାନ ଦେବେ ଏହିପରି ଅଲ୍ଲାଃତାଲା ମୁସଲମାନମାନଙ୍କ ଉପରେ ଦୟା କରନ୍ତୁ ସେମାନଙ୍କ ନେତୃବୃନ୍ଦ ଓ ମୌଲବିମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଯଦ୍ୱାରା ସେମାନେ ଯୁଗାବତାରଙ୍କୁ ସ୍ୱୀକାର କରିବେ । ପୃଥିବୀବାସୀ ବିଶ୍ୱଯୁଦ୍ଧ ଆଡ଼କୁ ଯେଭଳି ତିବ୍ର ବେଗରେ ଆଗକୁ ବଢିଚାଲିଛି ସେଥିରେ କୌଣସି ବାଧକ ସାଜିଲା ପରି କେହି ଦୃଶ୍ୟମାନ ହେଉ ନାହାନ୍ତି । ତେଣୁ ଅଲ୍ଲାଃ ମୁସଲମାନମାନଙ୍କୁ ଓ ଅହେମଦିମାନଙ୍କୁ ଯୁଦ୍ଧର ପ୍ରଭାବରୁ ରକ୍ଷା କରନ୍ତୁ ଏବଂ ସାଧାରଣରେ ସମସ୍ତ ମାନବ ଜାତିକୁ ତାହାର ପ୍ରଭାବରୁ ରକ୍ଷା କରନ୍ତୁ । ଯଦି ବର୍ତମାନ ମଧ୍ୟ ଅଲ୍ଲାଃଙ୍କ ନିକଟରେ ସେମାନଙ୍କ ସୁଧାର ସମ୍ଭବପର ଏବଂ କୌଣସି ମାଧ୍ୟମ ଥାଏ ଏବଂ ସେମାନେ ଅଲ୍ଲାଃଙ୍କୁ ଚିହ୍ନିବାର କୌଣସି ବାଟଥାଏ ତେବେ ଅଲ୍ଲାଃତାଲା ତାହାର ବ୍ୟବସ୍ଥା କରିଦିଅନ୍ତୁ ଏବଂ ସେମାନେ ନିଜକୁ ଧ୍ୱଂସ କରିବାରୁ ରକ୍ଷା କରିନିଅନ୍ତୁ ।

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

## D.T.P ସେଂଟର୍ ନଜାରତ୍ ନଶରୋ ଇଶାଅତ୍ କାଦିଆନ୍‌ରେ କମ୍ପ୍ୟୁଟର୍ ଅପରେଟର୍‌ର ଆବଶ୍ୟକତା ଅଛି ।

**(ନୋଟ୍:- ଏହି ଘୋଷଣା କେବଳ ଲଜ୍‌ନା ସଦସ୍ୟମାନଙ୍କ ନିମନ୍ତେ)**

ନଜାରତ୍ ନଶରୋ ଇଶାଅତ୍ ସଦର ଅଞ୍ଜୁମାନ୍ ଅହେମଦୀୟାର D.T.P ସେଂଟର୍‌ରେ ଲେଡିଜ୍ କମ୍ପ୍ୟୁଟର ଅପରେଟର୍ ବିଲ୍‌ମୁକ୍ତା ସ୍ଥାନ ଖାଲିଅଛି, ଯାହା ନିମ୍ନଲିଖିତ ନିୟମ ମୁତାବକ ପୂରଣ କରାଯିବ । ଲଜନା ମାନଙ୍କ ମଧ୍ୟରୁ ଅଭିଳାଷୀ ପ୍ରାର୍ଥିନୀ ନିଜର ଦରଖାସ୍ତ ନିଜର ସମସ୍ତ ଶିକ୍ଷାଗତ ସାର୍ଟିଫିକେଟ୍‌ର ନକଲ ଆଟେଷ୍ଟେଡ୍ ସହିତ ଆବେଦନ ଫର୍ମ ନଜାରତ୍ ଦିୱାନଙ୍କ ଠାରୁ ହାସଲ କରି ତାକୁ ସମ୍ପୂର୍ଣ୍ଣ କରିବା ପରେ ଅମୀର୍ ଜମାତ୍ / ସଦର୍ ଜମାତ୍ / ସଦର୍ ଲଜନା ଙ୍କ ଦ୍ୱାରା ତସ୍‌ଦିକ୍ (ପୁଷ୍ଟି) କରି ଦୁଇମାସ ଭିତରେ ପଠାନ୍ତୁ । ଜଜାକମୁଲ୍ଲାଃ ।

**ସର୍ତାବଳୀ:-**(୧)ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅତି କମ୍‌ରେ +୨ (ସେକେଣ୍ଡ୍ ଡିଭିଜନ୍) ହୋଇଥିବ । ହିନ୍ଦି, ଉର୍ଦ୍ଦୁ ଲେଖିବା ପଢ଼ିବା ଜାଣିଥିବେ (୨)କମ୍ପ୍ୟୁଟର୍ ସାଇନ୍‌ସରେ ଡିପ୍ଲୋମା କରିଥିବେ (୩)In-Design, MS-word, In-Page ବିଷୟରେ Basic Knowledge ଥିବ (୪)ହିନ୍ଦି ଓ ଉର୍ଦ୍ଦୁ ଟାଇପିଂ ରେ ଦକ୍ଷତା ଥିବ ଓ ଅତି କମ୍‌ରେ ଗୋଟିଏ ବର୍ଷର ଅଭିଜ୍ଞତା ଥିବ (୫)Key-Board ନଦେଖି କମ୍ପୋଜ୍ କରିପାରୁଥିବେ । ଘଂଟାକୁ ଅତି କମ୍‌ରେ ୩୦୦ ଶବ୍ଦ ଟାଇପ୍ କରିପାରୁଥିବେ (୬)ହିନ୍ଦି ଟାଇପିଂ In-Design Software ର Chanakya Unicode font ରେ କରିବା ଜାଣିଥିବେ ଓ ସେହିପରି ଉର୍ଦ୍ଦୁ ଟାଇପିଂ In-Page Software ରେ କରିବା ଜାଣିଥିବେ (୭)ୱାକିଫେ ଜିନ୍ଦେଗି ଏବଂ ୱକଫେ ନୌ ତହରିକ୍‌ରେ ସାମିଲ୍ ହୋଇଥିବା ମେମ୍ବର୍ ନିଜର ହୱାଲା ମଞ୍ଜୁରୀ ୱକ୍‌ଫ ଏ ନୌ ଦରଖାସ୍ତରେ ଦରଜ କରନ୍ତୁ (୮)ଦରଖାସ୍ତରେ ନିଜର ବାପା / ସ୍ୱାମୀ / ଅଭିଭାବକ ଙ୍କ ତସ୍‌ଦିକ୍ ଦସ୍ତଖତ ମଧ୍ୟ କରାଇବେ (୯)ପ୍ରାର୍ଥିନୀଙ୍କୁ ଇଂଟରଭିଉର ତାରିଖ ପରେ ଜଣାଇ ଦିଆଯିବ ତତ୍ ସହିତ ଇଂଟରଭିଉ ପାଇଁ କାଦିଆନ୍ ଆସିବାର ଯିବା ଆସିବା ଖର୍ଚ୍ଚ ନିଜେ ବହନ କରିବେ (୧୦)କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

**(ନାଜର୍ ଦିୱାନ ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍)**

## ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭିଂ ସେବା କରିବାକୁ ଚାହୁଁଥିବା ଲୋକେ ଧ୍ୟାନ ଦିଅନ୍ତୁ ।

ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର୍ ପୋଷ୍ଟ ଖାଲି ଅଛି । ଯେଉଁ ବନ୍ଧୁ ଡ୍ରାଇଭର୍ ରୂପେ ସେବା କରିବାକୁ ଇଚ୍ଛୁକ ସେ ନିଜର ଦରଖାସ୍ତ ଦୁଇମାସ ଭିତରେ ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟାଙ୍କ ନିକଟକୁ ପଠାଇପାରିବେ ।

ସର୍ତାବଳୀ:- (୧)ପ୍ରାର୍ଥୀଙ୍କ ନିକଟରେ ଡାଇଭିଂ ଲାଇସେନ୍‌ସ୍ ଓ ଡ୍ରାଇଭିଂର ଅଭିଜ୍ଞତା ଥିବା ଜରୁରୀ ଅଟେ (୨)ପ୍ରାର୍ଥୀଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତାର ସର୍ତ ନାହିଁ (୩)ପ୍ରାର୍ଥୀଙ୍କୁ ଜନ୍ମଗତ ପ୍ରମାଣପତ୍ର ଦେବା ଜରୁରୀ (୪)ସେହି ଡ୍ରାଇଭର ମାନଙ୍କୁ ଖିଦ୍‌ମତ୍ (ସେବା) ନିମନ୍ତେ ଚୟନ କରାଯିବ, ଯେଉଁମାନେ ନୁର୍ ହସ୍‌ପିଟାଲ୍ କାଦିଆନ୍‌ର ମେଡିକାଲ୍ ଫିଟ୍‌ନେସ୍ ସାର୍ଟିଫିକେଟ୍ ମୁତାବକ ସ୍ୱାସ୍ଥ୍ୟବାନ୍ ଓ ଫିଟ୍ ହେବେ (୫)ସେହି ପ୍ରାର୍ଥୀମାନେ ସେବା କରିବାର ସୁଯୋଗ ପାଇବେ, ଯେଉଁମାନେ ଇଂଟରଭ୍ୟୁ ବୋର୍ଡ କର୍ମୀ ଚୟନ ପ୍ରକ୍ରିୟାରେ ସଫଳ ହେବେ (୬)ଚୟନ କରାଯାଇଥିବା ଡ୍ରାଇଭରମାନଙ୍କୁ ଦର୍ଜା ଦୋମ୍ (ସେକେଣ୍ଡ୍ କ୍ଲାସ୍)ର ବରାବର୍ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଦିଆଯିବ (୭)ପ୍ରାର୍ଥୀ କାଦିଆନ୍ ଯିବା ଆସିବାର ଖର୍ଚ୍ଚ ନିଜେ ବହନ କରିବେ (୮)ଯଦି ପ୍ରାର୍ଥୀ ଚୟନ ହୁଅନ୍ତି ତେବେ ସେ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ କରିବେ ।

(ନୋଟ୍):- ଏ ସମ୍ବନ୍ଧୀୟ ଦରଖାସ୍ତ ଫର୍ମ ନଜାରତ୍ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଙ୍କ ଠାରୁ ହାସଲ କରିନିଅନ୍ତୁ, ଦରଖାସ୍ତ ଫର୍ମ ପୂରଣ ହୋଇ ଆସିବା ପରେ ତା ମୁତାବକ କାରବାଇ କରାଯିବ)

(ନାଜର୍ ଦିୱାନ୍ କାଦିଆନ୍)

ଅଧିକ ଜାଣିବା ପାଇଁ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ

ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା, କାଦିଆନ୍,

ମୋ:- ୦୯୮୧୫୪୩୩୭୬୦, ଅଫିସ୍:- ୦୧୮୭୨-୫୦୧୧୩୦

ଇ-ମେଲ୍:- nazaratdiwanqdn@gmail.com

# ଖୁତ୍‌ବା ଜୁମା

ଆମ ଅହେମଦିମାନଙ୍କର ଏହା ଏକ ବହୁତ ବଡ଼ କର୍ତବ୍ୟ କି ଆମେ ରୋଜାର ସତ୍ୟାସତ୍ୟକୁ ବୁଝି ଏହାର ଉଦ୍ଦେଶ୍ୟକୁ ହାସଲ କରିବାକୁ ଚେଷ୍ଟା କରିବା, ଯାହାକି ରମଜାନର ଉଦ୍ଦେଶ୍ୟ ଅଟେ ଅର୍ଥାତ ଧର୍ମପରାୟଣତା ଉତ୍ପନ୍ନ କରିବା ଏବଂ ସେଥିରେ ଉନ୍ନତି କରିବା ।

ଅତଃ ରମଜାନରେ ଯେତେବେଳେ ଆମେ ଧର୍ମପରାୟଣ ହେବାକୁ ଚେଷ୍ଟା କରିଥାଉ କିମ୍ବା ଚେଷ୍ଟା କରିବା ତେବେ ଆମ୍ଭର ଉପାସନା ପ୍ରତି ମଧ ଧାନ କେନ୍ଦ୍ରିତ ହେବ । ଯଦି ଆମେ ତକ୍‌ୱା ଉପରେ ପରିଚାଳିତ ହୋଇ ରୋଜା ରଖିବା ପାଇଁ ଚେଷ୍ଟା କରିବା ତେବେ ଯାଇ ଖରାପ କାର୍ଯ୍ୟରୁ ନିବୃତ ରହିବା ପାଇଁ ଧାନ ସୃଷ୍ଟି ହେବ ଓ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ଅମଳ କରିବା ପ୍ରତି ଆମର ଧାନ ଆକର୍ଷଣ ହେବ ।

ହଜରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ନିତୀବାଣୀରୁ ତକ୍‌ୱା (ଧର୍ମପରାୟଣତା)ର ଗୁରୁତ୍ୱ ଓ ଏହାର ଆବଶ୍ୟକ ଓ ଏହାର ବର୍‌କତ୍ ବିଷୟରେ ମର୍ମସ୍ପର୍ଶୀ ଚର୍ଚ୍ଚା ।

ପାକିସ୍ତାନରେ ଜମାତ୍‌ର ଉତ୍ତମ ଅବସ୍ଥା ନିମନ୍ତେ, ଅନ୍ୟ ମୁସଲ୍‌ମାନଙ୍କ ନିମନ୍ତେ ଓ ସାଧାରଣତଃ ସାରା ସଂସାରପାଇଁ ପ୍ରାର୍ଥନା କରିବାକୁ ନିର୍ଦ୍ଦେଶ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୧୮ ମଇ ୨୦୧୮ ଅନୁଯାୟୀ ୧୮ ହିଜ୍‌ରତ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ ـ بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ ସୁରେ ବକରାର ୧୮୪ ପଙ୍କ୍ତି ପାଠ କଲେ ଓ ତାହାର ଅନୁବାଦ ଉପସ୍ଥାପନ କଲେ କି **ୟାଅୟୁହଲ୍ ଲଜିନା ଆମନୁ କୁତିବା ଅଲୈକୁମୁଶ୍ ଶିୟାମୁ କମା କୁତିବା ଅଲ୍ଲଜିନା ମିନ୍ କବ୍‌ଲିକୁମ୍ ଲାଅଲ୍‌ଲକୁମ୍ ତତ୍‌ତକୁନ୍** ଅର୍ଥାତ ହେ ଲୋକମାନେ ଯେ ବିଶ୍ୱାସ ଆଣିଛ ତୁମମାନଙ୍କ ଉପରେ ରୋଜା (ଉପବାସ) ସେହିପରି ଧାର୍ଯ୍ୟ କରାଯାଇଅଛି ଯେପରିକି ତୁମମାନଙ୍କ ପୂର୍ବରୁ ଲୋକମାନଙ୍କ ଉପରେ ଧାର୍ଯ୍ୟ କରାଯାଇଥିଲା ଯଦ୍ୱାରା ତୁମେ ଧର୍ମନିଷ୍ଠ ହେବ ।

ହଜୁର ଅନଓ୍ୱର ଅ.ବ କହିଲେ- ଅଲ୍ଲାଃଙ୍କ କୃପାରୁ ଆମେ ଆଉ ଏକ ରମଜାନ ପାଳନ କରିବାର ସୌଭାଗ୍ୟ ଅର୍ଜନ କରୁଅଛେ । ଏହି ମାସରେ ଅଧିକାଂଶ ମୁସଲମାନ ରୋଜା ରଖିବା ସହିତ ନମାଜ ଓ ତରାୱି ପାଠ କରିବା ନିମନ୍ତେ ମସଜିଦ୍ ଆସିଥାନ୍ତି ଏବଂ ଏଥିପ୍ରତି ଧାନ କେନ୍ଦ୍ରିତ ହୋଇଥାଏ । ଆମ ମସଜିଦ୍‌ରେ ମଧ ଏହି ଦିନମାନଙ୍କରେ ଅନ୍ୟ ଦିନମାନଙ୍କ ଅପେକ୍ଷା (ଲୋକଙ୍କ) ଉପସ୍ଥିତି ଅଧିକ ରହିଥାଏ । ଏହି ଆୟତଟିକୁ ଯାହାକୁ ମୁଁ ପାଠ କଲି ତାହା ଆଜିକାଲି ଏମ୍.ଟି.ଏ ମାଧମରେ ମଧ ଅଧିକାଂଶ ସମୟ ତିଲାଓ୍ୱତ୍ କରାଯାଉଛି । ଏହା ଏକଥା ମନେପକାଇ ଦେବାପାଇଁ କି ଏହି ରୋଜା ଯାହାକି ଫରଜ୍ ଅଟେ ତାହାର ଉଦ୍ଦେଶ୍ୟ ଧର୍ମନିଷ୍ଠ ତାକୁ ଆପଣାଇବା ଅଟେ । ପୂର୍ବରୁ ଯେତେ ଧର୍ମ ଥିଲେ ତାଙ୍କ ପାଇଁ ମଧ ରୋଜା (ଉପବାସ) ଫର୍ଜ୍ କରାଯାଇଥିଲା ଓ ତାହାର ଉଦ୍ଦେଶ୍ୟ ମଧ ଧର୍ମପରାୟଣତା ଥିଲା । ଆଜିକାଲି ସେହି ଧର୍ମ ଗୁଡିକରେ ବା ସେହି ଧର୍ମକୁ ମାନୁଥିବା ଲୋକମାନଙ୍କ ନିକଟରେ ନା ସେହି ଶିକ୍ଷାଗୁଡିକ ଅସଲ ହାଲତରେ ରହିଛି ନା ତା ଉପରେ ଅମଳ କରାଯାଉଛି ଓ ନା ସେମାନଙ୍କ ପାଖରେ ଧର୍ମପରାୟଣତା ଅଛି । ଇସଲାମ ଏକ ଚିରସ୍ଥାୟୀ ଧର୍ମ ଯାହାର ଶିକ୍ଷା ସଦାସର୍ବଦା ପାଇଁ ଅଟେ ଏବଂ କୁରଆନେ କରିମ୍ ସଂସାରର ପ୍ରତ୍ୟେକ କୋଣରେ ନିଜ ଅସଲ ଅବସ୍ଥାରେ ସୁରକ୍ଷିତ ରହିଛି ଏବଂ ଏହା ଧର୍ମନିଷ୍ଠ ମାର୍ଗରେ ପରିଚାଳିତ ଲୋକମାନଙ୍କ ନିମନ୍ତେ ପଥ ପ୍ରଦର୍ଶକ ଅଟେ ଏବଂ ଏହି ଅନ୍ତିମ ଯୁଗରେ ଆମର ସୁଧାର ଓ କୁରଆନ୍‌ର ପ୍ରକାଶ ନିମନ୍ତେ ଏବଂ ତଦନୁଯାୟୀ ଅମଳ କରିବା ତଥା ମାର୍ଗଦର୍ଶନ କରିବା ନିମନ୍ତେ ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କୁ ପ୍ରେରଣ କଲେ ଏବଂ ଆମ୍ଭକୁ ଆପଣଙ୍କୁ ସ୍ୱୀକାର କରିବାକୁ ଶକ୍ତି ପ୍ରଦାନ କଲେ । ସୁତରାଂ **ଆମ ଅହେମଦିମାନଙ୍କର ଏହା ବହୁତ ବଡ଼ କର୍ତବ୍ୟ କି ରୋଜାର ସତ୍ୟାସତ୍ୟକୁ ବୁଝି ତାହାର ଉଦ୍ଦେଶ୍ୟକୁ ହାସଲ କରିବାକୁ ଚେଷ୍ଟା କରିବା ଯାହାକି ରମଜାନର ଉଦ୍ଦେଶ୍ୟ ଅଟେ ଅର୍ଥାତ ନିଜ ଭିତରେ ଧର୍ମନିଷ୍ଠତା ଉତ୍ପନ୍ନ କରି ତଥା ସେଥିରେ ଉନ୍ନତି କରିବା ।**

ଏହି ଆୟତ ପରେ ଯେଉଁ ଆୟତ ଗୁଡିକ ଅଛି ସେଥିରେ ରୋଜା ସମ୍ପର୍କୀୟ କଥାଗୁଡିକ ବର୍ଣ୍ଣନା କରାଯାଇଛି ଓ ବହୁତ ବ୍ୟାପକ ରୂପେ ବର୍ଣ୍ଣନା କରାଯାଇଛି । ଯେଉଁମାନେ ପବିତ୍ର କୋରାନ୍ ପାଠ କରୁଛନ୍ତି ଓ ଅଲ୍ଲାଃତାଲାଙ୍କର ନିର୍ଦ୍ଦେଶ ଗୁଡିକୁ ମାନୁଛନ୍ତି, ସେମାନଙ୍କୁ ପ୍ରାର୍ଥନା କରିବା ପ୍ରତି ଧାନ ଆକର୍ଷଣ କରାଯାଇଛି । କିନ୍ତୁ ସେହି ସବୁ କଥାର ସାରାଂଶ ଏହି ଆୟତର ଗୋଟିଏ ଶବ୍ଦରେ ବର୍ଣ୍ଣନା କରିଦିଆଯାଇଛି କି ଏ ସମସ୍ତ ଉଦ୍ଦେଶ୍ୟ ହେଉଛି ତକ୍‌ୱା (ଧର୍ମପରାୟଣତ) । ତେଣୁ ଏହି ମାସରେ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀ ଗୁଡିକ ଉପରେ ଅମଳ କରିବା ଓ ତାର ଉପାସନା କରିବା ପ୍ରତି ବିଶେଷ ରୂପେ ଧାନ ରଖି ଚେଷ୍ଟା କରନ୍ତୁ ଯଦ୍ୱାରା ତା ଉପରେ ସବୁବେଳ ପାଇଁ ଅମଳ କରିବା ତୁମ ଜୀବନର ଏକ ଅଂଶ ହେବାପାଇଁ ସହଜ ହୋଇଯାଉ ।

ଅତଃ ରମଜାନରେ ଯେତେବେଳେ ଆମେ ଧର୍ମପରାୟଣ ହେବାକୁ ଚେଷ୍ଟା କରିଥାଉ କିମ୍ବା ଚେଷ୍ଟା କରିବା ତେବେ ଆମ୍ଭର ଉପାସନା ପ୍ରତି ମଧ ଧାନ କେନ୍ଦ୍ରିତ ହେବ । ଯଦି ଆମେ ଧର୍ମପରାୟଣ ହୋଇ ରୋଜା ରଖିବା ସେତେବେଳେ ଅପକର୍ମରୁ ନିବୃତ ରହିବା ପ୍ରତି ଧାନ ଆକର୍ଷିତ ହୋଇଥାଏ । ଅଲ୍ଲାଃଙ୍କ ଆଦେଶ ସମ୍ବନ୍ଧରେ ଅବଗତ ହେବା ପ୍ରତି ମନବଳାଇବା ଓ ଯଦି ଆମେ ଅପକର୍ମରୁ ନିବୃତ ରହୁନାହେଁ ଅର୍ଥାତ୍ ସେହି ଖରାପ କାର୍ଯ୍ୟଗୁଡିକ ଆମ ଉପରେ ପ୍ରଭାବ ପକାଉ ବା ତାହା ଅନ୍ୟମାନଙ୍କୁ କଷ୍ଟରେ ପକାଉ, ସେ ସମସ୍ତକୁ ପରିତ୍ୟାଗ କରିବା ଦ୍ୱାରା ହିଁ ରୋଜାର ଉଦ୍ଦେଶ୍ୟ ପୁରଣ ହୋଇଥାଏ । ଯଦି ସେଗୁଡିକୁ ଆମେ ପରିତ୍ୟାଗ କରୁନାହେଁ ତେବେ ରୋଜା ରଖିବାର ଉଦ୍ଦେଶ୍ୟ ପୂରଣ ହେବ ନାହିଁ । ଯଦି ରୋଜା ରଖିବା ସତ୍ୱେ ଆମ ମଧରେ ଅହଂଭାବ ରହିଛି । ନିଜ କାମ ଓ ନିଜ କଥାରେ ଆମେ ଅଯଥା ଗର୍ବ କରୁଛେ, ସ୍ୱାର୍ଥ ପୂରଣର ଅଭ୍ୟାସ ରହିଛି, ଲୋକମାନଙ୍କଠାରୁ ନିଜର ବଡ଼ ପଣି ଶୁଣିବାର ଆଗ୍ରହ ରହିଛି, ନିଜ ଅଧିନସ୍ଥ କର୍ମଚାରୀଙ୍କଠାରୁ ନିଜର ଖୁସାମତ କରାଇବାକୁ ଆମେ ପସନ୍ଦ କରୁଅଛେ ଏବଂ ଯେ ଆମର ପ୍ରଶଂସା କରିଦିଏ ସେଥିରେ ଆମେ ଅତ୍ୟନ୍ତ ପ୍ରସନ୍ନିତ ହୋଇଯାଉ ଅବା ଏହାର ଆଶା ରଖୁଅଛେ ତେବେ ଏସବୁ ଧର୍ମନିଷ୍ଠତା ନୁହେଁ । ରୋଜାରେ ମାରପିଟ୍ କରୁଛେ, ଝଗଡ଼ା କରୁଛେ, ମିଥ୍ୟା କିମ୍ବା ବିଭ୍ରାଟରୁ ନିବୃତ ରହୁ ନାହେଁ ତେବେ ଏହା ଧର୍ମପରାୟଣତା ନୁହେଁ । ରୋଜାରେ ଉପାସନା, ଦୁଆ ଓ ଉତମକର୍ମ କରିବାରେ ସମୟ ଅତିବାହିତ କରୁନାହେଁ ତେବେ ଏହା ଧର୍ମପରାୟଣତା ନୁହେଁ ଏବଂ ଏଥିରେ ରୋଜାର ଉଦ୍ଦେଶ୍ୟ ପୂରଣ ହୋଇନଥାଏ । ଅତଃ ରମଜାନରେ ଅପକର୍ମକୁ ପରିହାର କରିବା ଏବଂ ଉତମକର୍ମ ସମ୍ପାଦନ କରିବାରେ ହିଁ ରୋଜାର ଉଦ୍ଦେଶ୍ୟ ପୂରଣ ହୋଇଥାଏ । ଯେତେବେଳେ ଜଣେ ଏଥିରେ ଦୃଢତାର ସହ କାଏମ୍ ରହିବାକୁ ଚେଷ୍ଟା କରେ ସେତେବେଳେ ସେ ପ୍ରକୃତରେ ରୋଜାର ଉଦ୍ଦେଶ୍ୟ ଲାଭ କରିଥାଏ ନଚେତ୍ ତାହାର ରୋଜା ରଖିବା କେବଳ ଭୋକିଲା ରହିବା ଅଟେ । ହଜରତ ମହମ୍ମଦ ସ. ଆ କହିଛନ୍ତି କି ତୁମର ଭୋକିଲା ରହିବାରେ ଅଲ୍ଲାଃତାଲାଙ୍କର କୌଣସି ଯାଆ ଆସ ନାହିଁ । (ସହି ବୁଖାରୀ କିତାବୁସ୍ ସମ୍....ହଦିସ୍ ନଂ- ୧୯୦୩)

ଯେପର୍ଯ୍ୟନ୍ତ ତୁମେ ଉକ୍ତ ଉଦ୍ଦେଶ୍ୟ ହାସଲ କରିନାହଁ । ଅନେକ ଲୋକ ରୋଜା ନାମରେ ଛଳନା କରିଥାନ୍ତି ଏବଂ ଉପାସ ନକରି ପ୍ରକାଶ କରିଥାନ୍ତି କି ଆମେ ରୋଜା ରଖିଛୁ କିନ୍ତୁ ପ୍ରକୃତରେ ସେମାନେ ରୋଜା ରଖିନଥାନ୍ତି । ଏମାନେ ଏପରି ଲୋକ ଅଟନ୍ତି ଯେଉଁମାନଙ୍କୁ ନିଜ ଖାଇବା ପିଇବାରେ ମଧ ନିୟନ୍ତ୍ରଣ ନଥାଏ । ଯେ ଅଲ୍ଲାଃଙ୍କ ଖାତିର ନିଜକୁ କିଛି ଘଣ୍ଟା ଖାଇବାପିଇବାରୁ ନିବୃତ ରଖିପାରିନଥାନ୍ତି । ଯେବେ ଏପରି ଲୋକେ ଅଛନ୍ତି ତେବେ ବାକି ମାମଲାରେ ସେମାନେ ନିଜକୁ କିପରି ନିୟନ୍ତ୍ରଣ କରିପାରୁଥିବେ । କାଲିର କଥା ଏଠି ମୁସଲ୍‌ମାନ୍ ମାନଙ୍କ ରୋଜା ବିଷୟରେ ଖବରକାଗଜରେ ଏକ ଜାଏଜା ପ୍ରକାଶ ହୋଇଛି । ସେ ଏକଥାରେ ଉପନୀତ ହୋଇଛି କି ଅଧିକାଂଶ ଏଠିକାର ଯୁବକମାନେ ରୋଜାକୁ କେବଳ ଲୋକଦେଖାଣିଆ ଭାବେ ରଖୁଛନ୍ତି ଓ ରୋଜାର ଅସଲ ଉଦ୍ଦେଶ୍ୟ ସେମାନେ ଜାଣିନାହାଁନ୍ତି ।

ଜଣେ ଇସାଇ ବା ଆଉ କେହି ଜଣେ ଅଣ ମୁସ୍‌ଲିମ୍ ଜଣେ ଯୁବକର ଇଂଟର୍‌ଭ୍ୟୁ ନେଲେ । ସେ ଯୁବକଟି ତାକୁ କହିଲା କି ମୁଁ ସକାଳେ ସହ୍‌ରୀ ଖାଇ ନିଜ ଘର ଲୋକଙ୍କ ସହିତ ରୋଜା ରଖିଛି ଓ ନିୟମିତ ରୂପେ ଆମଘରେ ସହ୍‌ରୀ ଏବଂ ଇଫ୍‌ତାରୀର ବ୍ୟବସ୍ଥା ମଧ କରାଯାଉଛି । ମୋ ମା'ଙ୍କର ବୟସ ହେଉଛି ୬୪ ବର୍ଷ । ସେ ମଧୁମେହ ରୋଗରେ ମଧ ପିଡୀତା କିନ୍ତୁ ସେ ନିୟମିତ ରୋଜା ମଧ ରଖୁଛନ୍ତି । ରୋଜା ରଖିବା ସତ୍ୱେ ମଧ ଆମପାଇଁ ଇଫ୍‌ତାରି କରିବ ନିମନ୍ତେ କିସ କିସମର ଖାଦ୍ୟପେୟ ପ୍ରସ୍ତୁତ କରୁଛନ୍ତି ଓ ଏବେ ଆ ଯାଇ ଇଫ୍‌ତାରି ଖାଇବୁ । ପୁଣି ସେ ଯୁବକ ଜଣକ କହିଲେ କି ପ୍ରକୃତ କଥା ହେଉଛି ଆମ ଉପରେ ସାମାଜିକ ଚାପ ରହିଛି । ସମାଜର ଯେଉଁ ଚାପ ବା ଘର ଲୋକଙ୍କୁ ଦେଖାଇବା ପାଇଁ ମୁଁ ଏହା ପ୍ରକାଶ କରିଥାଏ କି ମୁଁ ରୋଜା ରଖିଛି ବୋଲି । ଆଜି ମଧ ମୁଁ ପାହାନ୍ତାରେ ସହ୍‌ରୀ ଖାଇଥିଲି । କିନ୍ତୁ ଦ୍ୱିପ୍ରହରରେ ଏବେ ମୁଁ ଫିସ୍ ଏଣ୍ଡ୍ ଚିପ୍‌ସ୍ ଖାଇଆସିଛି । ପୁଣି ସେ କହିଲେ ଇଂଲିସ୍ ସ୍ଥାନ୍‌ରେ ମୋ ଭଳିଆ ହଜାର ହଜାର ଯୁବକ ଏହିଭଳି ରୋଜା ରଖୁଛନ୍ତି ।

ତେବେ ଏହା ହେଉଛି କିଛି ଲୋକମାନଙ୍କର ରୋଜା ରଖିବାର ବାସ୍ତବିକତା । ଏବଂ କେତେକ ଯଦି ଦିନସାରା ଉପବାସ କରିନେଇଥାନ୍ତି ତେବେ ଯେପରି ନମାଜ ଓ ଉପାସନା ପ୍ରତି ଧାନ ଦେବା ଉଚିତ୍ ସେହିପରି ସେମାନଙ୍କର (ଧାନ) ନଥାଏ । ଦିନକରେ ମାତ୍ର ଥରେ ଅଧେ ନମାଜ ପାଠ କରି ନେଇଥାନ୍ତି । ଅଲ୍ଲାଃତାଲାଙ୍କ ବୈଦ୍ଧ ଓ ଅବୈଦ୍ଧ ଅର୍ଥାତ୍ ଅଲ୍ଲାଃତାଲା ଯାହାକୁ ପାଳନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଓ ଯାହା ନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହିସବୁ ଆଦେଶ ପ୍ରତି ସେମାନଙ୍କର ଧାନ ନଥାଏ । ଏପରି ରୋଜା ପୁଣି ସେହି ଉଦ୍ଦେଶ୍ୟକୁ ପୂରଣ କରିନଥାଏ ଯେପରିକି ଅଲ୍ଲାଃତାଲା କହିଛନ୍ତି ତୁମେ ଧମପରାୟଣ ହୁଅ ।

ଅତଃ ଆମ ଅହେମଦିମାନଙ୍କର ଏହା ଏକ ବହୁତ ବଡ଼ କର୍ତବ୍ୟ କି ଆମେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବା ପରେ ନିଜ ରୋଜାର ଏଭଳି କର୍ତବ୍ୟ ସମ୍ପାଦନ କରିବାକୁ ଚେଷ୍ଟା କରିବା ଯେଭଳି ତାହାର କର୍ତବ୍ୟ ସମ୍ପାଦନ କରିବାର ଅଲ୍ଲାଃ ନିର୍ଦ୍ଦେଶ ଦେଇଛନ୍ତି । ଏହା ବୁଝିବାକୁ

ଚେଷ୍ଟା କରନ୍ତୁ କି ଧମପରାୟଣ ଅର୍ଥ କ'ଣ ଏବଂ ଆମ୍ଭେ ତାହାକୁ କିଭଳି ସମ୍ପାଦନ କରିବା । ହଜରତ ମସିହ ମଉଦ ଆ.ସ ବିଭିନ୍ନ ସ୍ଥାନରେ ଧର୍ମନିଷ୍ଠତା ସମ୍ବନ୍ଧରେ ଆମକୁ ଶିକ୍ଷା ଦେଇଛନ୍ତି କି ଧର୍ମନିଷ୍ଠ କିଏ ? ପ୍ରକୃତ ଶାନ୍ତି ଓ ସୁଖ ଧର୍ମପରାୟଣ ହେଲେ ଯାଇ ହାସଲ ହୋଇଥାଏ ନା କି ସାଂସାରିକ ସୁଖ ଓ ସୌହାର୍ଦ୍ଦ୍ୟ ଶାନ୍ତି ଲାଭ ହୁଏ । ମଣିଷକୁ ପ୍ରକୃତ ମୋମିନ୍ ହେବାକୁ ହେଲେ ନିଜର ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃତାଲାଙ୍କ ଇଚ୍ଛା ଓ ତାଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ କରିବାକୁ ହେବ ଏବଂ ଏହା ହିଁ ଜଣେ ମୋମିନ୍ ଓ ଅମାନ୍ୟକାରୀ ମଧ୍ୟରେ ଫରକ୍ କରିଥାଏ । ହଜୁର ଆ.ସ ଆମକୁ ଏହା ମଧ୍ୟ କହିଲେ କି ମଣିଷକୁ ଆବଶ୍ୟକ କି ଅଲ୍ଲାଃତାଲାଙ୍କୁ ଚିହ୍ନିବାରେ ଉନ୍ନତି କରିବା ଉଚିତ୍ । ପ୍ରତ୍ୟେକ ଉଇଁଲା ସୂର୍ଯ୍ୟ ଆମକୁ ଅଲ୍ଲାଃତାଲାଙ୍କୁ ଚିହ୍ନିବାରେ ଆଗକୁ ବଢାଇବା ଉଚିତ୍ । ନା କି ସେହିଠାରେ ଛିଡ଼ା ହୋଇଯିବା ବା ଏପରି ଲୋକଙ୍କ ଭଳି ହୋଇଯିବା, ଯେଉଁମାନେ କେବଳ ସାମାଜିକ ଚାପରେ ଲୋକ ଦେଖାଣିଆ ଭାବେ ରୋଜା ରଖୁଛନ୍ତି ।

ବର୍ତମାନ ମୁଁ ଧର୍ମପରାୟଣତା ସମ୍ବନ୍ଧରେ ହଜରତ ମସିହ ମଉଦ ଆ.ସଙ୍କ ବିଭିନ୍ନ ତଥ୍ୟ ଉପସ୍ଥାପନ କରିବି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଆମକୁ ଈଶ୍ୱରଙ୍କ ସାନିଧ ହାସଲ କରିବା ପାଇଁ ତକ୍‌ୱା ଉପରେ ପରିଚାଳିତ ହେବାକୁ ଉପଦେଶ ଦେଇ ନିଜ ଗୋଟିଏ ସ୍ୱର୍ଗବାଣୀର ଚର୍ଚ୍ଚା କରି ବର୍ଣ୍ଣନା କରୁଛନ୍ତି, ଏବଂ ଏହା ମଧ୍ୟ ପୂର୍ବରୁ ଆସିଥିବା ସମସ୍ତ ପବିତ୍ର ପୁସ୍ତକ ଗୁଡିକର ସାରାଂଶ ଅଟେ । ଆପଣ ଆ:ସ କହୁଛନ୍ତି କି:– "କାଲି (ଅର୍ଥାତ୍ ୨୨ ଜୁନ୍ ୧୮୯୯)" ଜଲ୍‌ସାର କଥା କହୁଛନ୍ତି କି – ମୋତେ ଅନେକ ଥର ଅଲ୍ଲାଃଙ୍କ ତରଫରୁ ଐଶ୍ୱରିକବାଣୀ ହୋଇଛି କି ତୁମେମାନେ ଧର୍ମନିଷ୍ଠ ହୋଇଯାଅ ଏବଂ ଧର୍ମନିଷ୍ଠତାର ସୁକ୍ଷ୍ମ ମାର୍ଗର ପଥିକ ସାଜ ତେବେ ଅଲ୍ଲାଃତାଲା ତୁମ ସାଥିରେ ରହିବେ । ଆପଣ କୁହନ୍ତି ମୋ ହୃଦୟରେ ପ୍ରବଳ ପିଡ଼ା ସୃଷ୍ଟି ହେଉଅଛି କି ମୁଁ କ'ଣ କରିବି ଯଦ୍ୱାରା ଆମ ଜମାଅତ ପ୍ରକୃତ ଧର୍ମନିଷ୍ଠ ଓ ପବିତ୍ରତା ହାସଲ କରିନେବେ । ଆପଣ କୁହନ୍ତି କି ମୁଁ ଏତେ ଦୁଆ କରୁଅଛି କି ଦୁଆ କରି କରି ଦୁର୍ବଳ ଅନୁଭବ କରୁଅଛି ଏବଂ କେତେକ ସମୟରେ ମୁଁ ଅଚେତ ହେବା ସହ ମୋର ଅବସ୍ଥା ମୃତ ପ୍ରାୟ ହୋଇଯାଉଛି । **ଆପଣ କୁହନ୍ତି ଯେପର୍ଯ୍ୟନ୍ତ କୌଣସି ଜମାତ୍ ଈଶ୍ୱରଙ୍କ ଦୃଷ୍ଟିରେ ଧର୍ମନିଷ୍ଠ ନହୋଇଛି ସେପର୍ଯ୍ୟନ୍ତ ତାହାକୁ ଅଲ୍ଲାଃତାଲାଙ୍କ ସାହାଯ୍ୟ ସହଯୋଗ ହାସଲ ହୋଇନଥାଏ । ମନେରଖ ପ୍ରତ୍ୟେକ ଧର୍ମଗ୍ରନ୍ଥ ଯେପରି ତୌରାତ ଓ ଇନଜିଲ୍ ଶିକ୍ଷାର ସାରମର୍ମ ହେଉଛି ଏହି ଧର୍ମପରାୟଣ ହେବା** । କୁରଆନ୍ କରିମ୍ ଗୋଟିଏ ଶଦ୍ଦରେ ଅଲ୍ଲାଃତାଲାଙ୍କ ଶ୍ରେଷ୍ଠତା ଓ ପ୍ରୀତିଭାଜନର ପରିପ୍ରକାଶ କରିଦେଲା ଅର୍ଥାତ ଧର୍ମନିଷ୍ଠ ଶଦ୍ଦରେ । ଆପଣ କୁହନ୍ତି ମୁଁ ଏହି ଚିନ୍ତା କରୁଅଛି କି ନିଜ ଜମାଅତରେ ପ୍ରକୃତ ଧର୍ମନିଷ୍ଠ, ଧର୍ମକୁ ସଂସାର ଉପରେ ପ୍ରାର୍ଥମିକତା ଦେଉଥିବା ଓ ଈଶ୍ୱର ପ୍ରେମିମାନଙ୍କୁ ଅଲଗା କରିଦେବି ଏବଂ କେତେକ ଧାର୍ମିକ କାର୍ଯ୍ୟ ସେମାନଙ୍କ ଉପରେ ନ୍ୟସ୍ତ କରିଦେଇ ସଂସାର ପ୍ରେମି ଓ ସେଥିରେ ମଗ୍ନ ରହୁଥିବା ଓ ଦିବାରାତ୍ର ସଂସାର କାମନାରେ ନିଜ ଜୀବନ ଉତ୍ସର୍ଗ କରି ବସିଥିବା ଲୋକମାନଙ୍କର ତିଳେ ମାତ୍ର ଖାତିର କରିବି ନାହିଁ । (ମଲ୍‌ଫୁଜାତ୍, ପ୍ରଥମ ଖଣ୍ଡ, ପୃଷ୍ଠା–୩୦୩, ଏଡିଶନ୍–୧୯୮୫, ମୁଦ୍ରଣ–ଇଂଲିସ୍ ସ୍ଥାନ)

ଅତଏବ ହଜୁର ଆ.ସଙ୍କ ହୃଦୟର ବେଦନା ଥିଲା କି ମୋ ଜମାଅତର ପ୍ରତ୍ୟେକ ସଦସ୍ୟ ଧର୍ମନିଷ୍ଠ ମାର୍ଗରେ ପ୍ରରିଚାଳିତ ହୁଅନ୍ତୁ ନା କି କେବଳ ସଂସାର ଚିନ୍ତାରେ ମଗ୍ନ ହୋଇ ତାହାକୁ ପ୍ରତି ମୁହୂର୍ତରେ ଘାରୁଥାନ୍ତୁ । ପୁଣି ଏଥିପ୍ରତି ଧ୍ୟାନ ଆକର୍ଷିତ କରି କି ଧର୍ମନିଷ୍ଠତା ମାର୍ଗରେ ପ୍ରରିଚାଳିତ ହେବା ହିଁ ଅସଲରେ ଶରିୟତ୍‌ର ସାରାଂଶ ଅଟେ ଏବଂ **ଯଦି (ତୁମେ ନିଜ) ଦୁଆ ସ୍ୱୀକାର ହେବା ଦେଖିବାକୁ ଚାହୁଁଅଛ ତେବେ ଧର୍ମପରାୟଣ ହୁଅ** ।

ହଜୁର ଆ.ସ ଅହେମଦିମାନଙ୍କୁ କୁହନ୍ତି କି ତୁମେମାନେ ଧର୍ମନିଷ୍ଠ ହୁଅ କାରଣ ଧର୍ମନିଷ୍ଠତା ଏକ ଏପରି କଥା ଯାହାକୁ ଶରିୟତ୍‌ର ସାରାଂଶ କୁହାଯାଇପାରେ । ଯଦି ସଂକ୍ଷିପ୍ତ ରୂପେ (ସମ୍ପୂର୍ଣ୍ଣ) ଶରିୟତ୍‌କୁ ଦର୍ଶାଯାଏ ତେବେ ଶରିୟତ୍‌ର ମଞ୍ଜି ଧର୍ମନିଷ୍ଠତା ହୋଇପାରେ । *ଧର୍ମନିଷ୍ଠତାର ଅନେକ ସ୍ତର ଓ ପର୍ଯ୍ୟାୟ ରହିଛି କିନ୍ତୁ ଯଦି ନିଷ୍ଠାପର ଭାବରେ ପ୍ରାରମ୍ଭରୁ ଉକ୍ତ ସ୍ତର ଓ ପର୍ଯ୍ୟାୟକୁ ଅତିକ୍ରମ କରାଯାଏ ତେବେ ଏପରି ବ୍ୟକ୍ତି ତାହାର ସର୍ବୋଚ୍ଚ ସ୍ତରରେ ପହଂଚି ଯାଇଥାଏ ।* ସୁତରାଂ ଦୃଢ଼ତାର ସହିତ ପ୍ରତ୍ୟେକ ପୁଣ୍ୟକାର୍ଯ୍ୟ ତାହା ଛୋଟ ହେଉ ବା ବଡ଼ ହେଉ ସେଥିପ୍ରତି ଧ୍ୟାନ ଦେବା ଜରୁରୀ ଅଟେ ।

ହଜୁର ଆ.ସ କୁହନ୍ତି ଅଲ୍ଲାଃତାଲା ଦର୍ଶାଇଛନ୍ତି **ଇନ୍ନମା ୟତକବ୍‌ବଲୁଲ୍ ଲାହୁ ମିନଲ୍ ମୁତ୍‌ତକିନ୍** ଅର୍ଥାତ ଅଲ୍ଲାଃତାଲା ଧର୍ମନିଷ୍ଠମାନଙ୍କ ଦୁଆ ସ୍ୱୀକାର କରିଥାନ୍ତି, ଏହା ତାଙ୍କର ପ୍ରତିଶୃତି ଅଟେ ଏବଂ ସେ ନିଜ ପ୍ରତିଶୃତି ଭଙ୍ଗ କରିନଥାନ୍ତି ଯେପରିକି ସେ କୁହନ୍ତି **ଇନ୍ନଲ୍ ଲାହା ଲା ୟୁଖ୍‌ଲିଫୁଲ୍ ମିଆଦ୍** ଅତଃ ଯେଉଁ ଅବସ୍ଥାରେ ଦୁଆ ସ୍ୱୀକାର ହେବା ନିମନ୍ତେ ଧର୍ମନିଷ୍ଠ ହେବା ଅବାଂଛିତ ତଥା ମୂଳ ସର୍ତ ଅଟେ । ଯାହାକୁ ଅଲଗା କରାଯାଇ ନପାରେ ତେବେ ଜଣେ ମଣିଷ ଅନ୍ୟମନସ୍କ ଓ ପଥଚ୍ୟୁତ ହୋଇ ଯଦି ଦୁଆ ଗ୍ରହଣୀୟ ହେବା ପାଇଁ କାମନା କରେ ତେବେ କ'ଣ ସେ ମୁର୍ଖ ଓ ପାଗଳ ନୁହେଁ । ତେଣୁ ଆମ ଜମାଅତ ପାଇଁ ଅନିବାର୍ଯ୍ୟ କି ଯେଉଁପର୍ଯ୍ୟନ୍ତ ସମ୍ଭବ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଧର୍ମନିଷ୍ଠତା ମାର୍ଗର ପଥିକ ହୁଅନ୍ତୁ ଯଦ୍ୱାରା ଦୁଆ ସ୍ୱୀକାର ହେବାର ସର୍ତ ପୂରଣ କରିବା ସହିତ (ପ୍ରକୃତ) ସୁଖ ହାସଲ କରିବେ ତଥା ସେମାନଙ୍କ ବିଶ୍ୱାସରେ ଅଭିବୃଦ୍ଧି ଘଟିବ । (ମଲ୍‌ଫୁଜାତ, ପ୍ରଥମ ଖଣ୍ଡ, ପୃଷ୍ଠା–୧୦୮–୧୦୯, ଏଡିଶନ୍–୧୯୮୫, ମୁଦ୍ରଣ–ଇଂଲିସ୍ ସ୍ଥାନ)

ହଜୁର ଅନଓ୍ୱର ଅ.ବ କହିଲେ– ଅତଃ ରମଜାନରୁ ଉପକୃତ ହେବାର ଏହା ମୂଳମନ୍ତ୍ର କି ଆମର ରୋଜା ଓ ପ୍ରତ୍ୟେକ ଅମଲରେ ତକ୍‌ୱା ହାସଲ କରିବା ପାଇଁ ହେବ । ଅନେକ ଲୋକ କହିଥାନ୍ତି କି ଆମେ ବହୁତ ଦୁଆ କଲୁ କିନ୍ତୁ ଆମ ଦୁଆ ସ୍ୱୀକାର ହେଲା ନାହିଁ । ସେମାନଙ୍କୁ ପ୍ରଥମେ ନିଜ ଅନ୍ତରକୁ ଦେଖିନେବା ଆବଶ୍ୟକ କି କ'ଣ ସେମାନଙ୍କ ମଧ୍ୟରେ ଧାର୍ମିକ ଭାବନା ବିଦ୍ୟମାନ ? କ'ଣ ସେମାନେ ଧର୍ମନିଷ୍ଠ ଅଟନ୍ତି ? କିମ୍ବା ସେମାନଙ୍କ ସାଂସାରିକ କାମନା ଉର୍ଦ୍ଧ୍ୱରେ ରହିଛି ? ଅତଏବ ଦୁଆ ସ୍ୱୀକାର ହେବା ନିମନ୍ତେ ଧର୍ମନିଷ୍ଠ ହେବା ସର୍ତ ଅଟେ ।

ହଜୁର ଆ.ସ ଆହୁରି କୁହନ୍ତି– ***ପ୍ରକୃତରେ ଧର୍ମନିଷ୍ଠମାନଙ୍କ ନିମନ୍ତେ ବଡ଼ ବଡ଼ ପ୍ରତିଶୃତି ରହିଛି ଏହାଠୁ ଅଧିକ ଆଉ କ'ଣ (ପୁରସ୍କାର) ହୋଇପାରେ କି ଅଲ୍ଲାଃ ଧର୍ମନିଷ୍ଠମାନଙ୍କର ସାଥି ଅଟନ୍ତି*** । ଯେଉଁମାନେ ଏପରି କହୁଛନ୍ତି କି ଆମେ ଅଲ୍ଲାଃତାଲାଙ୍କର ନିକଟତର ଓ ପୁଣି ତକ୍‌ୱା ଗ୍ରହଣ କରୁନାହାଁନ୍ତି ବରଂ ଦୁଷ୍କର୍ମ ଓ ପଥଭ୍ରଷ୍ଟ କାର୍ଯ୍ୟରେ ଜୀବନ ଅତିପାହସତ କରୁଛନ୍ତି ସେମାନେ ହେଉଛନ୍ତି ମିଥ୍ୟାବାଦୀ ଓ ଏକ ପ୍ରକାର ଅତ୍ୟାଚାର କରୁଛନ୍ତି । ଯେବେ କୀ ସେମାନେ ଈଶ୍ୱରଙ୍କର ନିକଟତାର ବ୍ୟକ୍ତି ରୂପେ ନିଜକୁ ଅଭିହିତ କରୁଛନ୍ତି । (ଏମାନେ ହେଉଛନ୍ତି ତଥା କଥିତ ବୁଜୁରୁଗ୍) କାରଣ ଅଲ୍ଲାଃତାଲା ଏଥିପାଇଁ ଧର୍ମନିଷ୍ଠ ହେବାର ସର୍ତ ଲଗାଇ ଦେଇଛନ୍ତି ଅର୍ଥାତ୍ ଓ୍ୱଲି ଙ୍କ ସହିତ ମୁତ୍‌ତକି ହେବା ସର୍ତ ଅଟେ । ପୁଣି କହିଲେ କି ସେ ଆଉ ଏକ ସର୍ତ ମଧ୍ୟ ଲଗାଇଛି ବା ଏପରି କହିପାରିବ କି ସେ ଧର୍ମନିଷ୍ଠ ବ୍ୟକ୍ତିଙ୍କ ପାଇଁ ଏକ ଲକ୍ଷଣ ବତାଇଛି । ଇନ୍ନଲାହା ମାଅଲ୍‌ଲଜିନତ୍ ତକଓ । ଅର୍ଥାତ୍ ଈଶ୍ୱର ମୋନଙ୍କ ସହିତ ରହିଥାନ୍ତି ଓ ସେମାନଙ୍କୁ ସାହାଯ୍ୟ କରିଥାନ୍ତି, ଯେଉଁମାନେ ଧର୍ମନିଷ୍ଠ ହୋଇଥାନ୍ତି । ଅଲ୍ଲାଃତାଲାଙ୍କ ସହିତ ରିହବାର ପ୍ରମାଣ ଅଲ୍ଲାଃଙ୍କ ସାହାଯ୍ୟ ସହଯୋଗରୁ ହିଁ ମିଳିଥାଏ ଅର୍ଥାତ୍ ଯଦି ଅଲ୍ଲାଃତାଲା ସାହାଯ୍ୟ କରୁଥାନ୍ତି ତେବେ ଜାଣିରଖ କି ଆମ ସହିତ ଅଛନ୍ତି । ପ୍ରଥମ ଦ୍ୱାର ଓ୍ୱଲାୟତ୍‌ର ଏପରି ବନ୍ଦ୍ ହେଲା । ଏବେ ଦ୍ୱିତୀୟ ଦ୍ୱାର ଈଶ୍ୱରଙ୍କ ସାନିଧ ଓ ସାହାଯ୍ୟ ଏପରି ବନ୍ଦ୍ ହୋଇଗଲା ।" (ଅଲ୍ଲାଃତାଲାଙ୍କ ସହିତ ବାର୍ତାଳାପ ପ୍ରତିଶୃତି ଶେଷ ହୋଇଗଲା । ତେଣୁ ତାର ଦ୍ୱାରା ବନ୍ଦ୍ ହୋଇଗଲା । ଏବେ ଏହି ଲୋକମାନେ ଅଲ୍ଲାଃତାଲାଙ୍କର ସାହାଯ୍ୟ ଓ ସହଯୋଗର ଦ୍ୱାରକୁ ମଧ୍ୟ ବନ୍ଦ୍ କରିବାକୁ ଚାହୁଁଛନ୍ତି) । ପୁଣି ଆପଣ କହୁଛନ୍ତି କି " ମନେରଖ ଅଲ୍ଲାଃତାଲାଙ୍କର ସାହାଯ୍ୟ କଦାପି ଅପବିତ ଓ ଦୁଷ୍କର୍ମ ବ୍ୟକ୍ତିମାନଙ୍କୁ ମିଳିନଥାଏ । ତାହା କେବଳ ଧର୍ମ ନିଷ୍ଠ ହେବା ଦ୍ୱାରା ହିଁ ମିଳିଥାଏ । ଅର୍ଥାତ୍ ଈଶ୍ୱରଙ୍କ ସାହାଯ୍ୟ ମୁତ୍‌ତକିକୁ ହିଁ ମିଳିଥାଏ" ପୁଣି କହୁଛନ୍ତି "ଆଉଗୋଟିଏ ମାର୍ଗ ଅଛି ଅର୍ଥାତ୍ ମନୁଷ୍ୟ ଦୁଃଖ କଷ୍ଟରେ ପଡ଼ିଥାଏ ଓ ଭିନ୍ନଭିନ୍ନ କାମନା ମନରେ ରଖବଥାଏ । ସେହିବୁ ସମସ୍ୟାର ସମାଧାନ ପାଇଁ ମଧ୍ୟ ଧର୍ମନିଷ୍ଠକୁ ହିଁ ସିଦ୍ଧାନ୍ତ ଅଭିହିତ କରାଯାଇଛି । ଅର୍ଥାତ୍ ଯଦି ସମସ୍ୟା ଗୁଡିକ ସମାଧାନ କରିବାକୁ ଚାହୁଁଛ ତେବେ ଧର୍ମନିଷ୍ଠ ଦ୍ୱାରା ହିଁ ତାହା ସବୁ ପୁରଣ ହୋଇପାରିବ ବା ଏହାର ଫଳ ବାହାରି ପାରିବ । ପୁଣି କହିଲେ "ଏ ସମାଜର ଅସୁବିଧା ଓ ଅନ୍ୟାନ୍ୟ ଦୁଃଖ ବିପତିରୁ ମୁକ୍ତି ପାଇବା ପାଇଁ ଗୋଟିଏ ମାର୍ଗ ଅଛି ତାହା ହେଉଛି ତକ୍‌ୱା । ଅଲ୍ଲାଃତାଲା କୁହନ୍ତି **ଓ୍ୱମଇଁ ୟତ୍‌ତକିଲ୍ଲାହା ୟୟ୍‌ଅଲ୍‌ଲହୁ ମଖ୍‌ରଜଉଁ ଓ୍ୱ ୟର୍‌ୟୁକ୍‌ହୁ ମିନ୍ ହେିସୁ ଲା ୟହ୍‌ତସିବ୍** ଅର୍ଥାତ୍ ଅଲ୍ଲାଃତାଲା ଧର୍ମନିଷ୍ଠମାନଙ୍କ ପାଇଁ ପ୍ରତ୍ୟେକ ଅସୁବିଧାରୁ ମୁକୁଳିବା ନିମନ୍ତେ ରାସ୍ତା ତିଆରୀ କରିଦେଇଥାନ୍ତି ଏବଂ ଶୂନ୍ୟରୁ ତାହା ପାଇଁ ମୁକୁଳିବାର ରାସ୍ତା ସମତୁଳ କରିଦେଇଥାନ୍ତି । ତାହାର ଆବଶ୍ୟକତା ଏଭଳି ମାର୍ଗରୁ ପୂରଣ କରିଥାନ୍ତି ଯାହାର ସେ କଳନା ମଧ୍ୟ କରିନଥାଏ ।

ହଜୁର ଅନଓ୍ୱର ଅ.ବ କହିଲେ– ସୁତରାଂ ଏହି ଦୁଆକୁ ମନେରଖି ବହୁ (ଦୁଆ) କରିବା ଆବଶ୍ୟକ । ସର୍ବଦା ମନେରଖିଲେ ଧର୍ମନିଷ୍ଠ ମାର୍ଗରେ ପ୍ରଚଳିତ ହେବା ପ୍ରତି ଧ୍ୟାନ ରହିବ । ହଜରତ ମସିହ ମଉଦ ଆ.ସ କୁହନ୍ତି– ସଂସାରରେ ମଣିଷର ବଡ଼ରୁ ବଡ଼ କାମନା ରହିଥାଏ କି ତାହାକୁ କିଭଳି ସୁଖ ଓ ଶାନ୍ତି ଲାଭ ହେବ ସେଥିପାଇଁ ଅଲ୍ଲାଃତାଲା ଗୋଟିଏ ମାର୍ଗ ଦର୍ଶାଇଛନ୍ତି ଯାହାକି ଧର୍ମନିଷ୍ଠତାର ମାର୍ଗ ଅଟେ । ଅନ୍ୟଅର୍ଥରେ ତାହା କୁରଆନ୍‌ର ମାର୍ଗ ଅଟେ ଅବା ତାହାର ନାମ **ସିରାତେ ମୁସ୍ତକିମ୍** (ସିଧା ରାସ୍ତା) ଅଟେ । କେହି ଏପରି କହିପାରିବେ ନାହିଁ କି ଅମାନ୍ୟକାରୀଙ୍କ ନିକଟରେ ମଧ୍ୟ ଧନସମ୍ପତି ରହିଛି ଏବଂ ସେମାନେ ସେଥିମାଧ୍ୟମରେ ବିଳାସମୟ ଜୀବନ ଅତିବାହିତ କରି (ସୁଖ ଶାନ୍ତିରେ) ଅଛନ୍ତି । ହଜୁର ଆ.ସ କୁହନ୍ତି **ମୁଁ ତୁମକୁ ସତ କହୁଅଛି ସେମାନେ ନିର୍ଯ୍ୟାତିତ ସଂସାରୀ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ନଜରରେ ଆନନ୍ଦିତ ଦେଖାଯାଇପାରନ୍ତି କିନ୍ତୁ ପ୍ରକୃତରେ ସେମାନେ ଏକ ଜ୍ୱଳନ୍ତ ଓ ଦୁଃଖର ପୀଡ଼ାରେ ଆବଦ୍ଧ ରହିଥାନ୍ତି** । ତୁମେ ସେମାନଙ୍କ ମୁଖ ଦେଖୁଅଛ କିନ୍ତୁ ମୁଁ ସେମାନଙ୍କ ହୃଦୟକୁ ଦେଖୁଅଛି ସେମାନେ ନର୍କର କଏଦିଙ୍କ ପରି ଶିକୁଳି ଓ ବେଡ଼ିରେ ଆବଦ୍ଧ । ଯେପରିକି ଅଲ୍ଲାଃ କୁହନ୍ତି **ଇନ୍ନା ଆତଦ୍‌ନା ଲିଲ୍ କାଫିରିନା ସଲାସିଲା ଓ୍ୱ ଅଗ୍‌ଲାଲଉଁ ଓ୍ୱ ସୟିରା** ଅର୍ଥାତ ଆମେ ଅବିଶ୍ୱାସକାରୀଙ୍କ ସକାଶେ ଶିକୁଳି, ଗଳାବନ୍ଧନ ଓ ନର୍କ ପ୍ରସ୍ତୁତ କରିଅଛୁ । ଆପଣ କହୁଛନ୍ତି ସେ ପୁଣ୍ୟ ଆଡକୁ ଆସି ହିଁ ପାରିବ ନାହିଁ ଓ ଏପରି ଜଞ୍ଜିର୍‌ରେ ସେ ବାନ୍ଧି ହୋଇ ଦବି ପଡିଯାଇଛି ଯେ ପଶୁଙ୍କ ଠାରୁ ମଧ୍ୟ ନିକୃଷ୍ଟତର ହୋଇଯାଇଛି । ସେମାନଙ୍କର ଆଖି ସବୁବେଳେ ସଂସାରପାପ୍ତିରେ ଲାଗି ରହିଛି । ପୁଣି ଭିତରେ ଭିତରେ ଏକ ପ୍ରକାରର ଜ୍ୱଳନ ଲାଗି ରହିଛି । ଯଦି ଧନରେ କିଛି କମ୍ ହୋଇଯାଏ ଓ ତା ଉପାୟରେ ସେ ସଫଳ ନହୁଏ ଏଥିରେ ସେ ଭିତରେ ଭିତରେ ଜଳି ଉଠେ । ଏପରିକି ବେଳେବେଳେ ସେ ପାଗଳ ମଧ୍ୟ ହୋଇଯାଏ ବା କୋର୍ଟ କଚେରୀର ଚକର୍‌ରେ ପଡ଼ିଯାଏ" । ପୁଣି କହିଲେ କି "ଏହା ବାସ୍ତବିକ କଥା ଅଟେ କି ବିଧର୍ମୀ ବ୍ୟକ୍ତି ଜ୍ୱଳନରୁ ବଂଚି ରହିପାରେ ନାହିଁ । ଅର୍ଥାତ୍ ନିଜ ନିଆଁରେ ନିଜେ ଜଳି ଉଠେ ଓ ଏହି ପ୍ରକାରର ଅନେକ ଦୃଶ୍ୟ ଆମେ ଦେଖିଥାଉ ଓ ଖବରକାଗଜରେ ମଧ୍ୟ ପଢ଼ିଥାଉ" । ପୁଣି କହିଲେ କି "ଏହା ଏଥିଯୋଗୁ ହୋଇଥାଏ କି ତାକୁ ଶାନ୍ତି ମିଳେନାହିଁ ଯେପରି ଜଣେ ମଦ୍ୟପ ବ୍ୟକ୍ତି ଗୋଟିଏ ଗ୍ଲାସ୍ ମଦ ପିଇ ଆଉଗୋଟିଏ ଗ୍ଲାସ୍ ମାଗିଥାଏ ଓ ପୁଣି ମାଗି ଚାଲିଥାଏ । ଏହା ସେ ମଦର ଏକ ଜ୍ୱଳନ ତାକୁ ଲାଗିରହେ । ସେହିଭଳି ଏକ ସାଂସାରିକ ବ୍ୟକ୍ତିକୁ ମଧ୍ୟ ସଂସାରର ଜ୍ୱଳନ ଲାଗିରହେ" । ତାର ଅଗ୍ନି ଏକାଥରକେ ଲିଭିପାରେନା । ତେଣୁ ପ୍ରକୃତ ଖୁସି ଜଣେ ମୁତ୍‌ତକି ପାଇଁ ରହିଛି, ଯାହାପାଇଁ ଅଲ୍ଲାଃତାଲା ଏ ପ୍ରତିଶୃତି ଦେଇଛନ୍ତି କି ତା ପାଇଁ ଦୁଇଗୋଟି ଜନ୍ନତ୍ ରହିଛି" (ମଲ୍‌ଫୁଜାତ୍ ପ୍ରଥମ ଖଣ୍ଡ, ପୃଷ୍ଠା–୪୨୦–୪୨, ଏଡିଶନ୍–୧୯୮୫, ମୁଦ୍ରଣ–ଇଂଲିସ୍ ସ୍ଥାନ)

ପୁଣି ଏହି କଥାକୁ ଆଗକୁ ବର୍ଣ୍ଣନା କରୁଛନ୍ତି କି ବାସ୍ତବିକ ଆନନ୍ଦ ଓ ଖୁସିର ଆଧାର ଧର୍ମପରାୟଣତାରେ ହିଁ ରହିଛି । ଆପଣ ଆ:ସ ପୁଣି କହୁଛନ୍ତି କି "ଧର୍ମନିଷ୍ଠ ବ୍ୟକ୍ତି ପ୍ରକୃତ ଆନନ୍ଦ ଗୋଟିଏ ଛପର ଘରେ ହାସଲ କରିପାରେ ଯାହାକି ଜଣେ ସଂସାରୀ ଓ ଈର୍ଷାପରାୟଣ ବ୍ୟକ୍ତିକୁ ଉଚ୍ଚ ଅଟ୍ଟାଳିକାରେ ମଧ୍ୟ ମିଳିନଥାଏ ।

ହଜୁର ଅନଓ୍ୱର ଅ.ବ କହିଲେ- *ଅଳ୍ପକେ ସନ୍ତୁଷ୍ଟ ରହିବା, ଧର୍ମନିଷ୍ଠ ହେବା, ଅଲ୍ଲାଃଙ୍କ ପ୍ରସନ୍ନତା ଲାଭ କରିବା ଉଦ୍ଦେଶ୍ୟ ରଖିଲେ ମଣିଷ ଅଳ୍ପରେ ଜୀବନ ଅତିବାହିତ କରିବାରେ ସକ୍ଷମ ହୋଇଥାଏ ଏବଂ ଶାନ୍ତି ଓ ତୃପ୍ତି ଲାଭ କରିଥାଏ । ଯେତେବେଳେ କି ବଡ଼ ବଡ଼ ଧନିକମାନଙ୍କୁ ମଧ୍ୟ ସୁଖ ପ୍ରାପ୍ତ ହୋଇନଥାଏ ।* ଆପଣ କୁହନ୍ତି (ମଣିଷ) ଯେଭଳି ସଂସାରରେ ଅଧିକ ଉନ୍ନତି କରିଥାଏ ସେହିପରି ଅସୁବିଧାର ସମ୍ମୁଖୀନ ହୋଇଥାଏ । ଅତଃ ମନେରଖ ପ୍ରକୃତ ଶାନ୍ତି ଓ ତୃପ୍ତି ଜଣେ ସଂସାରିକୁ ହାସଲ ହୋଇନଥାଏ । **ଏପରି ମଣ ନାହିଁ କି ଅତ୍ୟଧିକ ସୌଖିନ ଜିନିଷ ଓ ସ୍ୱାଦିଷ୍ଟ ବ୍ୟଞ୍ଜନରେ ସୁଖ ପ୍ରାପ୍ତ ହୋଇଥାଏ** । କଦାପି ନୁହେଁ ବରଂ ତାହାର ଲକ୍ଷ ଧର୍ମନିଷ୍ଠ ସହ ସଂଶ୍ଳିଷ୍ଟ ଏସମସ୍ତ ତଥ୍ୟାରୁ ଆମେ ଉପନିତ ହେଲୁ ଯେ ପ୍ରକୃତ ଧର୍ମନିଷ୍ଠତା ବ୍ୟତୀତ କୌଣସି ପ୍ରକାରର ଶାନ୍ତି ଓ ସୁଖ ମିଳି ହିଁ ପାରିବ ନାହିଁ ତେବେ ଜାଣିବା ଉଚିତ୍ ଯେ ଧର୍ମନିଷ୍ଠର ଅନେକ ଶାଖା ରହିଛି ଯାହାକି ବୁଢ଼ିଆଣିର ଜାଲ ପରି ପସରା ମେଲାଇ ବସିଛି । ଅର୍ଥାତ୍ ବୁଢ଼ିଆଣୀ ଜାଲ ଯେପରି ବ୍ୟାପି ରହିଥାଏ ତା ଭିତରେ ସୂକ୍ଷ୍ମ ତାର ଯୋଡ଼ି ହୋଇ ରହିଥାଏ । "ଧର୍ମପରାୟଣତା ହେଉଛି ମଣିଷର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ, ଭାଷା ତଥା ଆସ୍ଥା ଆଦି ସହ ସମ୍ବନ୍ଧିତ । (ମଲ୍‌ଫୁଜାତ୍, ପ୍ରଥମ ଖଣ୍ଡ, ପୃଷ୍ଠା-୪୨୧-୪୨୨, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)ହଜୁର ଅନଓ୍ୱର ଅ.ବ ଏହାକୁ ବ୍ୟାଖ୍ୟା କରି କହିଲେ- ନିଜ ଆସ୍ଥା, ଭାଷା, ଚରିତ୍ର (କାର୍ଯ୍ୟକଳାପ) ଆଦିରେ ମଧ୍ୟ ଧର୍ମନିଷ୍ଠତା ରହିବା ଆବଶ୍ୟକ ।

ରୋଜା ବିଷୟରେ ଗୋଟିଏ ହଦିସ୍ ମଧ୍ୟ ଅଛି । ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ରୋଜାଦାର୍ ନିଜ ଜିଭକୁ ଅର୍ଥାତ୍ ନିଜ ମୁହଁକୁ ସର୍ବଦା ପବିତ୍ର ରଖୁ ଓ ଯଦି କେହି ତା ସହିତ ଝଗଡ଼ା କରେ ତେବେ ମଧ୍ୟ ସେ ଏତିକି ହିଁ କହୁ କି ମୁଁ ହେଉଛି ରୋଜାଦାର । ମୁଁ ତୁମର ଏକଥାର ଉତର ଦେଇପାରିବି ନାହିଁ । (ବୁଖାରୀ କିତାବୁସ୍ ସୌମ୍, ବାବ୍ ହଲ୍‌ୟକୁଲୁ ଇନ୍ନି ସାଏମୁନ୍ ଇଜା ଶୁତିମା)

ପୁଣି କହୁଛନ୍ତି କି "ସବୁଠାରୁ ସୂକ୍ଷ୍ମ ଜିନିଷ ହେଉଛି ଜିଭ । ବେଳେବେଳେ ସେ ତକ୍‌ଓ୍ୱାଠାରୁ ଦୂରେଇଯାଇ ଗୋଟିଏ କଥା କହିଦିଏ ଓ ଏହା ଦ୍ୱାରା ମନେମନେ ଖୁସି ହୋଇଯାଏ କି ମୁଁ ଏପରି କହିଲି । ଯେବେ କି ସେକଥା ଖରାପ କଥା ହୋଇଥାଏ । ମୋତେ ଏ ବିଷୟରେ ଗୋଟିଏ କଥା ମନେ ପଡ଼ିଯାଉଛି କି ଜଣେ ବୁଜ୍‌ରୁଗ୍‌ଙ୍କୁ ଆଉଜଣେ ସାଂସାରିକ ବ୍ୟକ୍ତି ଦାଓ୍ୱତ୍ (ଖାଇବା ପାଇଁ ନିମନ୍ତ୍ରଣ) ଦେଲେ । ଯେବେ ସେହି ବୁଜ୍‌ରୁଗ୍ ଜଣକ ଖାଇବା ପାଇଁ ଗଲେ ସେଠି ସେହି ସାଂସାରିକ ଗର୍ବୀ ବ୍ୟକ୍ତିଜଣକ ନିଜ ଚାକରକୁ କହିଲା କି ଅମୁକ ଥାଳିଟି ଆଣନ୍ତୁ, ଯାହାକୁ ମୁଁ ସର୍ବପ୍ରଥମେ କରିଥିବା ହଜ୍ ସମୟରେ ଆଣିଥିଲି । ପୁଣି କହିଲା ଦ୍ୱିତୀୟ ଥାଳିଟି ମଧ୍ୟ ଆଣ, ଯେଉଁଟିକୁ ମୁଁ ଦ୍ୱିତୀୟଥର ହଜ୍ କରିବା ବେଳେ ଆଣିଥିଲି । ପୁଣି କହିଲା କି ତୃତୀୟଥର ହଜ୍ କରିଥିବା ବେଳେ ଆଣିଥିବା ଥାଳିଟିକୁ ମଧ୍ୟ ଆଣ । ଏହା ଶୁଣି ସେହି ବୁଜ୍‌ରୁଗ୍ ଅତିଥି ଜଣକ ଉକ୍ତ ସାଂସାରିକ ବ୍ୟକ୍ତିଜଣକୁ କହିଲେ- "ଅର୍ଥାତ୍ ତୁମେ ତ ବହୁତ ଦୟାର ପାତ୍ର ଅଟ । ଏହି ତିନୋଟି ବାକ୍ୟରେ ତୁମେ ନିଜର ତିନୋଟି ହଜ୍‌କୁ ସତ୍ୟାନାସ୍ କରିଦେଲ ।" (ଏହା ତ ଖାଲି ଲୋକଦେଖାଣିଆ ପାଇଁ ହଜ୍ ଥିଲା, ନା କି ଇଶ୍ୱରଙ୍କ ପ୍ରସନ୍ନତା ପାଇଁ ଥିଲା । ତାହା ତକ୍‌ଓ୍ୱାଠାରୁ ଅଲଗା ହୋଇଥିଲା । ଆପଣ କହୁଛନ୍ତି କି ସେହି ବୁଜ୍‌ରୁଗ୍ ଜଣକ କହିଲେ କି) "ତୁମ ମତ୍‌ଲବ୍ କେବଳ ଏତିକି ଥିଲା କି ତୁମେ ଏ କଥାକୁ ପ୍ରକାଶ କରିବ ଯେ ତୁମେ ତିନିଥର ହଜ୍ କରିଛି ବୋଲି । ତେଣୁ ଖୁଦାତାଲା ଏ ଶିକ୍ଷା ଦେଇଛନ୍ତି କି ମୁହଁକୁ ସମ୍ଭାଳି ନିୟନ୍ତ୍ରଣରେ ରଖାଯାଉ ଓ ନିରର୍ଥକ, ବେହୁଦା ଓ ଅନାବଶ୍ୟକ କଥାରୁ ବଂଚାଯାଉ । ହଜୁର ଅନଓ୍ୱର ଅ.ବ କହିଲେ- ଅତଃ କେବଳ ନିଜ ବଚନ ଦ୍ୱାରା ଅନ୍ୟକୁ କଷ୍ଟ ଦେବାକୁ ବାରଣ କରାଯାଇ ନାହିଁ ବରଂ ସ୍ୱାର୍ଥପର ଓ ଲୋକଦେଖାଣିଆ କାର୍ଯ୍ୟରୁ ମଧ୍ୟ ବାରଣ କରାଯାଇଛି, ଯାହାକି (ମଣିଷକୁ) ପୁଣ୍ୟକର୍ମ ଓ ଧର୍ମପରାୟଣ ହେବାରୁ ଦୂରେଇ ଦେଇଥାଏ ।

ହଜୁର ଆ.ସ କୁହନ୍ତି ଦେଖ ଅଲ୍ଲାଃତାଲା **ଇୟାକାନାବୁଦୁ**ର ଶିକ୍ଷା ଦେଇଛନ୍ତି । ତେବେ କ'ଣ ସମ୍ଭବ ଥିଲା କି ମଣିଷ ନିଜ ସାମର୍ଥ୍ୟ ଉପରେ ଭରଷା କରି ଅଲ୍ଲାଃଙ୍କଠାରୁ ଦୂରେଇ ଯାଇଥାନ୍ତା କିନ୍ତୁ ସଙ୍ଗେସଙ୍ଗେ କହିଦେଲେ କି **ଇୟାକାନସ୍ତଇନ୍** ଏପରି ମଣ ନାହିଁ କି ଯେଉଁ ଉପାସନା ମୁଁ ସମ୍ପାଦନ କରୁଅଛି ତାହା ମୁଁ ନିଜ ଶକ୍ତି ଓ ସାମର୍ଥ୍ୟ ବଳରେ କରୁଅଛି କଦାପି ନୁହେଁ ବରଂ ଅଲ୍ଲାଃତାଲାଙ୍କ ସାହାଯ୍ୟ ଯେପର୍ଯ୍ୟନ୍ତ ହାସଲ ହୋଇ ନାହିଁ ଏବଂ ଯେପର୍ଯ୍ୟନ୍ତ ସେହି ପବିତ୍ର ହସ୍ତି ମୋତେ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରି ନାହାନ୍ତି କୌଣସି କାର୍ଯ୍ୟ କରିବା ମୋ ପକ୍ଷେ ସମ୍ଭବପର ନୁହେଁ । ଆପଣ କୁହନ୍ତି ମଣିଷ ନିଜ କଥା ଦ୍ୱାରା ଧର୍ମନିଷ୍ଠତାର ମାର୍ଗରୁ ଦୂରକୁ ଚାଲିଯାଇଥାଏ । ଅର୍ଥାତ୍ ଜିଭ ଦ୍ୱାରା ଗର୍ବ କରିଥାଏ ଓ ଜିଭ ଦ୍ୱାରା ଫିରୋନ୍‌ର ବିଶେଷ ଗୁଣରେ ଆଚ୍ଛାଦିତ ହୋଇଯାଏ" । ଆପଣ ପୁଣି କହୁଛନ୍ତି କି ହଦିସ ଶରିଫ୍‌ରେ ବର୍ଣ୍ଣିତ ଅଛି ଯେଉଁ ବ୍ୟକ୍ତି ନିଜ ଗୁପ୍ତାଙ୍ଗ ଓ ଜିଭକୁ ଅପକର୍ମରୁ ରକ୍ଷା କରିଥାଏ ତାହାର ବୈକୁଣ୍ଠ ପ୍ରାପ୍ତ କରିବାର ମୁଁ ଜାମିନ୍ ଅଟେ । ହରାମ୍‌ଖୋରୀ ଅର୍ଥାତ୍ ଅବୈଧ ଜିନିଷକୁ ଭକ୍ଷଣ କରିବା ଏତେ କ୍ଷତି ପହଂଚାଏ ନାହିଁ ଯେତେକ ମିଥ୍ୟା ଓ ଅପବିତ୍ର କଥା ପହଂଚାଇଥାଏ । ଏଥିରୁ କେହି ଏହା ନଭାବନ୍ତୁ କି ହରାମ୍‌ଖୋରୀ କୌଣସି ଭଲ ଜିନିଷ ବୋଲି" (ମିଥ୍ୟା ଓ ଭୁଲ୍ କଥା କହିବା କ୍ଷତିକାରକ ଅଟେ) "ଯଦି କେହି ଏପରି ଭାବୁଛି ଅର୍ଥାତ୍ ମୋର କହିବାର ଅର୍ଥ ହେଉଛି କି ଜଣେ ବ୍ୟକ୍ତି ଯଦି ବିବଶତା ସମୟରେ ଘୁଷୁରି ମାଂସ ଖାଇନିଏ ତେବେ ଏହା ଗୋଟିଏ ଅଲଗା କଥା । (ଏପରି ବିବଶତା ସମୟରେ ଅଲ୍ଲାଃତାଲା ଏହା ଖାଇବା ପାଇଁ ଅନୁମତି ଦେଇଛନ୍ତି) "କିନ୍ତୁ ଯଦି ସେ ନିଜ ଜିଭ ଦ୍ୱାରା ଘୁଷୁରି ଖାଇବା ପାଇଁ ଫତ୍‌ଓ୍ୱା ଦିଏ ତେବେ ସେ ଇସ୍‌ଲାମ୍‌ଠାରୁ ଦୂରକୁ ଚାଲିଯାଏ" (ଯଦି ସେ ଏପରି ଫତ୍‌ଓ୍ୱା ଦିଏ କି ପ୍ରତ୍ୟେକ ଅବସ୍ଥାରେ ଘୁଷୁରି ଖାଇବା ବୈଧ ଅଟେ । ତେବେ ଏହାଦ୍ୱାରା ସେ ଇସ୍‌ଲାମ୍‌ଠାରୁ ଦୂରେଇଯାଏ) ଆପଣ ପୁଣି କହୁଛନ୍ତି କି ଏହିପରି ଅଲ୍ଲାଃତାଲାଙ୍କ ଦ୍ୱାରା ଅବୈଧ ଘୋଷଣା ହୋଇଥିବା ବସ୍ତୁକୁ ବୈଧ କରିଥାଏ । ସୁତରାଂ ଏଥିରୁ ଜଣାପଡୁଛି କି ମୁହଁଦ୍ୱାରା ଅପ ବ୍ୟବହାର ହୋଇଥିବା କଥା ବିପଦପୂର୍ଣ୍ଣ । ତେଣୁ ଜଣେ ମୁତ୍‌ତକିଙ୍କୁ ନିଜ ମୁହଁକୁ ନିୟନ୍ତ୍ରଣରେ ରଖିବା ଜରୁରୀ ଅଟେ । ତାର ମୁହଁରୁ ଏପରି କୌଣସି କଥା ନ ବାହାରୁ ଯାହା ତକ୍‌ଓ୍ୱାର ବିରୋଧ ଅଟେ । ଆପଣ କୁହନ୍ତି ତୁମେ ନିଜ କଥନ ଉପରେ ପୂର୍ଣ୍ଣ ଆଧିପତ୍ୟ ରଖ ନା କି ତାହା ତୁମ ଉପରେ ନିଜର ଆଦେଶ ଚଳାଉ ଏବଂ ଅଯଥା କଥା କୁହ ନାହିଁ । (ମଲ୍‌ଫୁଜାତ୍, ପ୍ରଥମଖଣ୍ଡ, ପୃଷ୍ଠା-୪୨୧-୪୨୩, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ରୋଜା ବିଷୟରେ ବହୁତ କିଛି କଥା ଅଛି । ସେଥିମଧ୍ୟରୁ ଗୋଟିଏ ହେଉଛି ଅନାବଶ୍ୟକ କଥା କହିବାରୁ ଦୂରେଇ ରହିବା ଓ ରୋଜା ଦ୍ୱାରା ଏହା ଚେଷ୍ଟା କରିବା ଉଚିତ୍ କି ତାର ରୋଜାର ଉଦ୍ଦେଶ୍ୟ ଧର୍ମପରାୟଣତାକୁ ପୁରଣ କରିବାବାଲା ହେଉ ।

ପୁଣି ଆପଣ କହୁଛନ୍ତି କି- "ସର୍ବଦା ଏହା ମନେରଖିବା ଉଚିତ୍ କି ଆମେ ପବିତ୍ରତା ଓ ଧର୍ମପରାୟଣତାରେ କେତେ ଉନ୍ନତି କରିଛେ । ଏହାର ଆଧାର କୋରାନ୍ ହେଉ । ଅଲ୍ଲାଃତାଲା ମୁତ୍‌ତକିଙ୍କ ଲକ୍ଷଣ ମଧ୍ୟରୁ ଗୋଟିଏ ଲକ୍ଷଣ ଏହା ରଖିଛନ୍ତି କି ଅଲ୍ଲାଃତାଲା ମୁତ୍‌ତକିଙ୍କୁ ସାଂସାରିକ ଶିଙ୍ଖୁଳିରୁ ମୁକ୍ତି କରି ସେ ତାର କାର୍ଯ୍ୟ ଗୁଡିକୁ ନିଜେ ସମ୍ପାଦନ କରିଥାଏ । ଯେପରି ଅଲ୍ଲାଃତାଲା କହୁଛନ୍ତି ଓ୍ୱ ମଇ ୟତ୍‌ତକିଲ୍ଲାହା ୟଜ୍‌ଅଲ୍ ଲହୁ ମୁଖ୍‌ରଜଉଁ ଓ୍ୱ ୟର୍‌ଜୁକ୍‌ହୁ ମିନ୍ ହୈସୁ ଲା ୟହ୍‌ତସିବ୍ (ସୁରା ତଲାକ୍, ଆୟତ-୩-୪) ଅର୍ଥାତ୍ ଯେଉଁ ବ୍ୟକ୍ତି ଇଶ୍ୱରଙ୍କୁ ଭୟ କରେ ଇଶ୍ୱର ତାକୁ ପ୍ରତ୍ୟେକ ବିପଦରୁ ମୁକୁଳି ଦେବା ପାଇଁ ରାସ୍ତା ପରିଷ୍କାର କରିଦିଏ ଓ ତା ପାଇଁ ଏପରି ଜିବୀକା ନିର୍ବାହର ସାଧନକୁ ଯୋଗାଇ ଦିଏ ଯାହା ସେ ନିଜେ ମଧ୍ୟ କେବେ ଭାବିନଥିବ । ଅର୍ଥାତ୍ ଏହା ହେଉଛି ମୁତ୍‌ତକି ମାନଙ୍କର ଏକ ଲକ୍ଷଣ କି ଅଲ୍ଲାଃତାଲା ସେମାନଙ୍କୁ କୌଣସି ଜିନିଷର ପରାଶ୍ରୟ ରଖେନାହିଁ । ଅର୍ଥାତ୍ ସେ ଇଶ୍ୱର ସବୁକିଛି ଯୋଗାଇ ଦିଅନ୍ତି ଓ ଏପରି ଅନାବଶ୍ୟକ ବା ଉଦ୍ଦେଶ୍ୟହୀନ ଇଚ୍ଛାକୁ ତାଙ୍କ ହୃଦୟରେ ସୃଷ୍ଟିକରେ ନାହିଁ । ଏହା ମଧ୍ୟ ଧର୍ମପରାୟଣତାର ଏକ ନିଦର୍ଶନ ବା ଚିହ୍ନ ଅଟେ । ଓ ଅଲ୍ଲାଃତାଲା ମୁତ୍‌ତକି ମାନଙ୍କ ସହିତ ଏପରି ବ୍ୟବହାର କରିଥାଏ । ଉଦାହରଣ ସ୍ୱରୂପ ଜଣେ ଦୋକାନୀ ଏକଥା ମନେ କରିଥାଏ କି ମିଛି ବ୍ୟତୀତ ତାର କାମ ଚଳିପାରିବ ନାହିଁ । ସେଥିଯୋଗୁ ସେ ମିଛି କହିଚାଲେ ଓ ମିଛି କହିବା ପାଇଁ ଏହାକୁ ଏକ ବିବଶତା ବୋଲି ପ୍ରକାଶ କରେ । କିନ୍ତୁ ପ୍ରକୃତରେ ଏକଥା ସତ ନୁହେଁ । ଖୁଦାତାଲା ମୁତ୍‌ତକିଙ୍କର ନିଜେ ସୁରକ୍ଷା କରିଥାନ୍ତି ଓ ତାକୁ ଏପରି ସ୍ଥାନରୁ ବଂଚାଇ ଦେଇଥାନ୍ତି ଯାହା ତାକୁ ସତ୍ୟକୁ ବିରୋଧ କରିବା ପାଇଁ ବିବଶ କରିଥାଏ ଅର୍ଥାତ୍ ଏପରି କୌଣସି ତାକୁ ଅବସର ଦିଏନାହିଁ ଯଦ୍ୱାରା ସେ ମିଛି କହିବ । "ମନେରଖ ଯେବେ ଅଲ୍ଲାଃତାଲାକୁ କିଏ ଛାଡ଼େ ତ ଅଲ୍ଲାଃ ତାକୁ ଛାଡ଼ିଦିଏ । ଯେବେ ରହ୍‌ମାନ୍ ଛାଡ଼ିଦେଲା ତେବେ ନିଶ୍ଚିତ ରୂପେ ସଇତାନ୍ ତା ସହିତ ବନ୍ଧୁ ବାନ୍ଧିନେବ" । ପୁଣି ଆପଣ କହୁଛନ୍ତି କି ଏହା ଭାବନାହିଁ କି ଇଶ୍ୱର ଦୁର୍ବଳ ଅଟନ୍ତି ବୋଲି । ସେ ବହୁତ ଶକ୍ତିଶାଳୀ । ଯେବେ ତୁମେ ତା ଉପରେ କୌଣସି କଥାରେ ଭରଷା କରିବ ସେ ନିଶ୍ଚିତ ରୂପେ ତୁମକୁ ସାହାଯ୍ୟ କରିବେ । ଓ୍ୱ ମଇ ୟତଓ୍ୱକଲ୍ ଅଲଲ୍ଲାହି ଫହୁଆ ହସ୍‌ବୁହୁ" (ଅର୍ଥାତ୍ ଯେ କେହି ଅଲ୍ଲାଃଙ୍କ ଉପରେ ଭରଷା କରେ ଅଲ୍ଲାଃ ତା ପାଇଁ ଯଥେଷ୍ଟ ହୋଇଯାଆନ୍ତି) "କିନ୍ତୁ ଯେଉଁ ଲୋକମାନେ ଏହି ଆୟତଗୁଡିକର ପ୍ରଥମେ ସମ୍ବୋଧନ ହୋଇଥିଲେ ସେମାନେ ଧାର୍ମିକ ଥିଲେ । ସେମାନଙ୍କର ସବୁ ଚିନ୍ତା କେବଳ ଧର୍ମ କାର୍ଯ୍ୟ ପାଇଁ ଥିଲା ଓ ସାଂସାରିକ କଥା ଗୁଡିକ ଇଶ୍ୱରଙ୍କ ଭରଷାରେ ଛାଡ଼ିଦେଇଥିଲେ । ସେଇଥିପାଇଁ ଅଲ୍ଲାଃତାଲା ତାଙ୍କୁ ଶାନ୍ତ୍ୱନା ଦେଲେ କି ମୁଁ ତୁମମାନଙ୍କ ସହିତ ରହିଛି । ସୁତରାଂ ତକ୍‌ଓ୍ୱାର ଯେଉଁ ବର୍‌କତ୍ ଅଛି ତା ଭିତରୁ ଗୋଟିଏ ହେଉଛି ଅଲ୍ଲାଃତାଲା ମୁତ୍‌ତକି ମାନଙ୍କୁ ସେହି ସବୁ ବିପତିରୁ ମୁକ୍ତି ପ୍ରଦାନ କରିଥାଏ ଯାହା ଧର୍ମୀୟ କଥାର ବାଧକ" । (ମଲ୍‌ଫୁଜାତ୍, ପ୍ରଥମ ଖଣ୍ଡ, ପୃଷ୍ଠା-୧୨-୧୩, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଅର୍ଥାତ୍ ଯଦି ତକ୍‌ଓ୍ୱା ଠିକ୍ ଅଛି ତେବେ ସାଂସାରିକ ସମସ୍ତ ଅସୁବିଧା ଅଲ୍ଲାଃତାଲା ତା ଠାରୁ ଦୂର କରିଦିଅନ୍ତି । ଯଦ୍ୱାରା ଦିନୀ (ଧର୍ମ) କାମରେ କୌଣସି ବାଧା ନଉପୁଜୁ । ତେଣୁ ଏ କ୍ଷେତ୍ରରେ ମଧ୍ୟ ଯେଉଁଠି ଲୋକମାନେ କହୁଛନ୍ତି କି ଆମର ସାଂସାରିକ କାମ ଓ ସମସ୍ୟା ଏତେ ଯେ ଆମେ ଧର୍ମକାମରେ ଭାଗନେଇପାରୁନାହୁଁ । ଯଦି ପ୍ରକୃତ ତକ୍‌ଓ୍ୱା ଥିବା ତେବେ ଅଲ୍ଲାଃତାଲା ଏହି ସାଂସାରିକ ସମସ୍ୟା ଗୁଡିକର ସ୍ୱୟଂ ସମାଧାନ କରିଦେବେ ଓ ପୁଣି ଧର୍ମ କାମ ପାଇଁ ଅବସର ପ୍ରଦାନ କରିବେ ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏ କଥାକୁ ସ୍ୱଷ୍ଟ କରି କହୁଛନ୍ତି କି ପୁଣ୍ୟ କରିବା ଦୁଇଟି ଭାଗ ଅଛି । ପୁଣ୍ୟବନ୍ତ ଲୋକଙ୍କ ସହିତ ଅଲ୍ଲାଃତାଲାଙ୍କର କିପ୍ରକାର ବ୍ୟବହାର ଥାଏ । ସେ କହୁଛନ୍ତି କି:- "ମନୁଷ୍ୟ ଯେତେ ପୁଣ୍ୟ କରେ ସେଥିରେ ଦୁଇଟି ବିଭାଗ ରହିଛି । ଗୋଟିଏ ହେଉଛି ଫରାଏଜ୍ (ବାଧ୍ୟତାମୂଳକ) ଓ ଦ୍ୱିତୀୟଟି ହେଉଛି ନଓ୍ୱାଫିଲ୍ (ଇଛାମୁତାବକ)" । ଫରାଏଜ୍ ଅର୍ଥ ଯାହା ମନୁଷ୍ୟ ଉପରେ ଧାର୍ଯ୍ୟ କରାଯାଇଛି । ଉଦାହରଣ ସ୍ୱରୂପ କରଜ ପଇଠ କରିବା ଅର୍ଥାତ୍ ଯଦି କାହାଠାରୁ କରଜ ନେଇଛ ତାକୁ ଫେରାଇଦେବା ବା ପୁଣ୍ୟର ମୁକାବିଲାରେ ପୁଣ୍ୟ କରିବା । ଏହା ମଧ୍ୟ ଫର୍ଜ ଅଟେ । ଯଦି କେହି ପୁଣ୍ୟ କରେ ତେବେ ତା ମୁକାବିଲାରେ ସେ ପୁଣ୍ୟ କରୁ ଅର୍ଥାତ୍ ତାର ଅଧିକାରକୁ ପ୍ରଦାନ କରୁ । ପୁଣି କହିଲେ କି କେବଳ ଏହା ପୁଣ୍ୟ ନୁହେଁ । ଅର୍ଥାତ୍ ଏହା କୌଣସି ଅନୁଗ୍ରହ ନୁହେଁ କି ସେ ପୁଣ୍ୟ କରିଛି । ତ ତା ବଦଳରେ ମୁଁ ପୁଣ୍ୟ କରିଦେବି । ଯଦି କିଏ ପୁଣ୍ୟ କରିଛି ତେବେ ତା ମୁକାବିଲାରେ ତୁମେ ମଧ୍ୟ ତା ସହିତ ପୁଣ୍ୟ କର । ଏହା ତୁମ ପାଇଁ ଧାର୍ଯ୍ୟ ଅଟେ ଓ ଅନ୍ୟଙ୍କ ପାଇଁ ତାର ଅଧିକାର । ପୁଣି କହୁଛନ୍ତି "ଏହି ସବୁ ଦାୟିତ୍ୱ ବ୍ୟତୀତ ପ୍ରତ୍ୟେକ ପୁଣ୍ୟ ସହିତ ନଫିଲ୍ (ଇଛା ମୁତାବକ ପୁଣ୍ୟ) ରହିଛି । ଅର୍ଥାତ୍ ଏପରି ପୁଣ୍ୟ ଯାହା ତାର ପ୍ରାପ୍ୟଠାରୁ ଅଧିକା ହେଉଥିବ" । ଉଦାହରଣ ସ୍ୱରୂପ ଯେପରି ଏହ୍‌ସାନ୍ (ଅନୁଗ୍ରହ)ର ମୁକାବିଲାରେ ଅନୁଗ୍ରହ ବ୍ୟତୀତ ଆହୁରି ଅଧିକା ଅନୁଗ୍ରହ କରିବା" (ଯଦି କିଏ ପୁଣ୍ୟ କାର୍ଯ୍ୟ କରିଛି ତେବେ ତା ପୁଣ୍ୟର ପ୍ରତିବଦଳ ଦ୍ୱାରା ପୁଣ୍ୟ ସମାନ ହୋଇଯାଏ, କିନ୍ତୁ ତା ପରେ ପୁଣି ଅନୁଗ୍ରହ କରିବା ଓ ତା ଠାରୁ ଅଧିକା ପୁଣ୍ୟ କରିବା ନଫିଲ୍ ବୋଲାଇଥାଏ । ପୁଣି କହୁଛନ୍ତି କି "ଏହା ହେଉଛି ସମ୍ପୂର୍ଣ୍ଣ ଫରାଏଜ୍" । (ଯେବେ ମନୁଷ୍ୟ ଅଧିକ ପୁଣ୍ୟ କରେ ତେବେ ତା ଦ୍ୱାରା ସେହି ଦାୟିତ୍ୱ ସମ୍ପୂର୍ଣ୍ଣ ହୋଇଯାଏ ଓ ଶେଷସୀମାରେ ପହଂଚିଥାଏ) ପୁଣି କହିଲେ କି "ଏହି ହଦିସ୍‌ରେ ବର୍ଣ୍ଣନା କରାଯାଇଛି କି ଅଉଲିଆ ଅଲ୍ଲାଃ (ଅଲ୍ଲାଃଙ୍କର ନିକଟତର ବ୍ୟକ୍ତି)ଙ୍କ

ଧର୍ମୀୟ ଫରାଏଜ୍‌ର ସମ୍ପୂର୍ଣ୍ଣତା ନଫିଲ୍ ଦ୍ୱାରା ହୋଇଥାଏ । ଉଦାହରଣ ସ୍ୱରୂପ ଜକାତ୍ ଦେବା ପରେ ସେ ଆହୁରି ଅଧିକା ସଦକାତ୍ ଦେଇଥାନ୍ତି । ତେଣୁ ଅଲ୍ଲାଃତାଲା ସେମାନଙ୍କର ୱଲି (ବନ୍ଧୁ) ହୋଇଯାଏ । ଅଲ୍ଲାଃତାଲା କହୁଛନ୍ତି କି ମୋର ବନ୍ଧୁତ୍ୱ ଏତେ ହୋଇଯାଏ ଯେ ମୁଁ ତାର ହାତ ଏବଂ ଗୋଡ ଇତ୍ୟାଦି ଏପରି କି ତାର ଜିଭ ମଧ୍ୟ ହୋଇଯାଏ, ଯାହାଦ୍ୱାରା ସେ କଥା କୁହେ ।"

ହଜରତ ମସିହ ମଉଦ ଆ.ସ କୁହନ୍ତି- ଅସଲ କଥା ଏହି କି ଯେ, ଯେତେବେଳେ ମଣିଷ (ନିଜ) କାମନା ପରିହାର କରି ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରେ ସେତେବେଳେ ତାହାର କୌଣସି କାର୍ଯ୍ୟ ନିରର୍ଥକ ହୋଇନଥାଏ । ବରଂ ପ୍ରତ୍ୟେକ କାର୍ଯ୍ୟ ଅଲ୍ଲାଃଙ୍କ ଇଚ୍ଛା ମୁତାବକ ହୋଇଥାଏ । ଯେଉଁସ୍ଥଳେ ଲୋକେ ପରୀକ୍ଷାରେ ପଡ଼ିଥାନ୍ତି ସେଠାରେ ତାହା ସର୍ବଦା ଅଲ୍ଲାଃଙ୍କ ଇଚ୍ଛା ମୁତାବକ ହୋଇନଥାଏ । ଏପରି ବ୍ୟକ୍ତି ନିଜ କାମନାର ଅନୁଗାମୀ ହୋଇଥାଏ ଉଦାହରଣସ୍ୱରୂପ ଉତ୍ୟକ୍ତ ହୋଇ ଏପରି କୌଣସି କାର୍ଯ୍ୟ କରିବସେ ଯଦ୍ୱାରା ମୁକଦ୍ଦମା ହୋଇଥାଏ, ଫୌଜଦାରୀ ମକଦ୍ଦମା କିନ୍ତୁ ଯଦି କେହି ଏହା ନିଶ୍ଚୟ କରିନିଏ କି ଅଲ୍ଲାଃଙ୍କ ଶିକ୍ଷା ମୁତାବକ କାର୍ଯ୍ୟ କରିବି ତେବେ ନିଶ୍ଚିତ ରୂପେ ଅଲ୍ଲାଃଙ୍କ ପୁସ୍ତକ ତାହାକୁ ପରାମର୍ଶ ଦେଇଥାଏ । ଯେପରି ଅଲ୍ଲାଃତାଲା କହୁଛନ୍ତି ୱଲା ରତବିଉଁ ୱଲା ଯାବିସିଂ ଇଲା ଫିଇ କିତାବିନ୍ ମୁବିନ (ଅନ୍‌ଆମ୍:୬୦) ଅର୍ଥାତ୍ ଏପରି କୌଣସି ଆଦ୍ର ଓ ଶୁଷ୍କ ଦ୍ରବ୍ୟ ନାହିଁ ଯାହା (ତାହାଙ୍କର) ପ୍ରକାଶ୍ୟ ସୁରକ୍ଷା ମଧ୍ୟରେ ରହିନାହିଁ । ଅର୍ଥାତ୍ ପବିତ୍ର କୋରାନ୍ ପ୍ରତ୍ୟେକ ପୁଣ୍ୟକାର୍ଯ୍ୟ ଓ ପ୍ରତ୍ୟେକ ଦୁଷ୍କର୍ମ କାର୍ଯ୍ୟକୁ ଖୋଲିଖୋଲି ବର୍ଣ୍ଣନା କରିଦେଇଛନ୍ତି ଓ ଯିଏ ଏହା ଉପରେ ଅମଳ କରିବ ସେ ସୁରକ୍ଷିତ ରହିବ । ପୁଣି କହୁଛନ୍ତି "ତେଣୁ ଯଦି ଆମେ ଏହା ଇଚ୍ଛା କରିବୁ କି ଆମେ ମତାମତ ଅଲ୍ଲାଃଙ୍କ ପୁସ୍ତକରୁ ନେବୁ ତେବେ ଆମେ ନିଶ୍ଚିତ ରୂପେ ସେଥିରୁ ମତାମତ ନେବୁ" । (ସାଂସାରିକ କାର୍ଯ୍ୟରେ ଲୋକମାନଙ୍କ ଉପରେ ଯେଉଁ ବିପତି ଆସୁଛି ବା ସେମାନେ କୌଣସି ପ୍ରକାର ଭୁଲ୍ କାମ କରୁଛନ୍ତି ତାହା ସବୁ କେବଳ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶକୁ ନମାନିବା ଯୋଗୁଁ ହେଉଛି । ଯଦି ପବିତ୍ର କୋରାନ୍‌କୁ ନଦେଖି ଚାଲିବେ ଓ ତାର ନିର୍ଦ୍ଦେଶଗୁଡିକୁ ସମ୍ମୁଖରେ ନରଖି କୌଣସି କାର୍ଯ୍ୟ କରିବେ ତେବେ ପୁଣି ସେମାନେ ଅସୁବିଧାର ସମ୍ମୁଖୀନ ହେବେ । ଏଠାରେ ଏହା ଫରକ ହେବା ଉଚିତ୍ କି ଧର୍ମ ମାମଲାରେ ଅଲ୍ଲାଃତାଲା ପରୀକ୍ଷାରେ ମଧ୍ୟ ପକାଇଥାନ୍ତି । ସେଥିଯୋଗୁ ଅଲ୍ଲାଃତାଲା କହୁଛନ୍ତି ତାର ପରୀକ୍ଷା ପୁଣ୍ୟବନ୍ତମାନଙ୍କ ପାଇଁ ଥାଏ । ସେଥିଯୋଗୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ କି ଅମ୍ବେୟାମାନେ ସବୁଠାରୁ ଅଧିକା ଏପରି ପରୀକ୍ଷା ଦେଇ ଗତି କରିଥାନ୍ତି । ଗୋଟିଏ ତ ହେଉଛି ସାଂସାରିକ କଥା, ଯେଉଁଥିରେ ମନୁଷ୍ୟ ଅସୁବିଧାର ସମ୍ମୁଖୀନ ହୁଏ । ଆଉ ଗୋଟିଏ ହେଉଛି ସେ ମୋମିନ୍ ହେବାର ଦାବି ତ କରିଥାଏ କିନ୍ତୁ ଆମପାଇଁ ମାର୍ଗଦର୍ଶନର ରାସ୍ତା ହେଉଛି ପବିତ୍ର କୋରାନ୍ କରିମ୍, ତାର ନିର୍ଦ୍ଦେଶ ଉପରେ ସେ ପରିଚାଳିତ ହେବାପାଇଁ ଚେଷ୍ଟା କରେନାହିଁ । ସେଇଥିଯୋଗୁ ଅସୁବିଧାର ସମ୍ମୁଖୀନ ହୁଏ । ପୁଣି ଆପଣ କହୁଛନ୍ତି କି "କିନ୍ତୁ ଯିଏ ନିଜ ଆବେଗର ଅଧିନରେ ଅଛି ସେ ନିଶ୍ଚିତ ରୂପେ କଷ୍ଟରେ ପଡ଼ିବ" । ବେଳେବେଳେ ସେ ସେଠାରେ ପରୀକ୍ଷାରେ ପଡ଼ିଥାଏ । ତେଣୁ ତା ମୁକାବିଲାରେ ଅଲ୍ଲାଃତାଲା କହୁଛନ୍ତି କି ୱଲି, ଯେଉଁମାନେ ମୋ ସହିତ ବାର୍ତାଲାପ କରିଥାନ୍ତି ସେମାନେ ଏଥିରେ ଲୀନ ହୋଇଥାନ୍ତି, ତେଣୁ ଯିଏ ଯେତେ ଲୀନ ହେବାରେ କମ୍ ହେବ ସେ ସେତେ ଖୁଦାଠାରୁ ଦୂରେଇଯିବ । କିନ୍ତୁ ଯଦି ତାର ଲୀନ ହେବାଟା ଇଶ୍ୱରଙ୍କ ନିର୍ଦ୍ଦେଶ ମୁତାବକ ଥାଏ ତେବେ ତାର ଇମାନ୍‌କୁ ଆକଳନ କରିହେବ ନାହିଁ । ତାର ସମର୍ଥନରେ ଅଲ୍ଲାଃତାଲା କହୁଛନ୍ତି ମନ୍ ଆଦା ଲି ୱଲିୟନ୍ ଫକଦ୍ ଆଜନ୍‌ତୁହୁ ବିଲ୍‌ହରବ୍ (ହଦିସ୍) ଅର୍ଥାତ୍ ଯେଉଁ ବ୍ୟକ୍ତି ମୋ ୱଲିର ମୁକାବିଲା କରୁଛି ସେ ମୋର ମଧ୍ୟ ମୁକାବିଲା କରୁଛି" । (ଏବେ ଦେଖନ୍ତୁ) ଅଲ୍ଲାଃତାଲା କିପରି ୱଲିଙ୍କୁ ସାହାଯ୍ୟ କରୁଛି ଓ ତାର ଶତୃମାନଙ୍କୁ ଅସଫଳ କରିଦେଉଛି) "ଏବେ ଦେଖିନିଅ କି ମୁତ୍‌ତକିଙ୍କ ମହିମା କେତେ ଉଚ୍ଚରେ ତାର ମର୍ଯ୍ୟାଦାର ସ୍ତର କେତେ ଅଧିକ, ଯାହାଙ୍କର ସାନିଧ୍ୟ ଇଶ୍ୱରଙ୍କ ନିକଟରେ ଏପରି ଅଛି କି ଯଦି ତାକୁ କୌଣସି ଦୁଃଖ, କଷ୍ଟ ଦିଆଯାଏ ତେବେ ତାହା ଇଶ୍ୱରଙ୍କୁ ଦିଆଗଲା ବୋଲି ମଣାଯାଏ । ତେବେ ଓଶ୍ୱର ତାଙ୍କୁ କି ପ୍ରକାରର ସାହାଯ୍ୟ କରିଛନ୍ତି । (ମଲ୍‌ଫୁଜାତ୍, ପ୍ରଥମଖଣ୍ଡ, ପୃଷ୍ଠା-୧୩-୧୫, ଏଡିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ପୁଣି ଆମକୁ ନିଜ ଜୀବନ ଗରିବ ଓ ଅଭାବି ଲୋକଙ୍କ ପରି ଅତିବାହିତ କରିବାର ପରାମର୍ଶ ଦେଇ ହଜୁର ଆ.ସ କୁହନ୍ତି ଧର୍ମନିଷ୍ଠଙ୍କ ପାଇଁ ସର୍ତ ଏହି କି ଯେ, ନିଜ ଜୀବନ ଗରିବ ଓ ଅଭାବି ଲୋକଙ୍କ ପରି ଅତିବାହିତ କରନ୍ତୁ ଏହା ଧର୍ମନିଷ୍ଠତାର ଏକ ଶାଖା ଅଟେ । ଯାହା ମାଧ୍ୟମରେ ଆମକୁ ଅବୈଧ କ୍ରୋଧକୁ ମୁକାବିଲା କରିବାକୁ ପଡୁଅଛି । ବଡ଼ ବଡ଼ ଜ୍ଞାନି ଓ ସାଧୁସନ୍ଥ ତଥା ସତ୍ୟବାଦୀଙ୍କ ପାଇଁ ଅନ୍ତିମ ଓ କଷ୍ଟକର ପରୀକ୍ଷା କ୍ରୋଧରୁ ମୁକ୍ତି ପାଇବା ଅଟେ । ଅହଂକାର ଉତ୍ୟକ୍ତ ହେବାରୁ ଜାତ ହୋଇଥାଏ । ମୁଁ ଚାହୁଁ ନାହିଁ କି ମୋ ଅନୁଗାମୀମାନେ ପରସ୍ପରକୁ ଛୋଟ କିମ୍ବା ବଡ଼ ମଣନ୍ତୁ ଅବା ପରସ୍ପରକୁ ଗର୍ବ ଅବା ନ୍ୟୂନ ଦୃଷ୍ଟିରେ ଦେଖନ୍ତୁ । ଅଲ୍ଲାଃ ଜାଣନ୍ତି ବଡ଼ କିଏ ଓ ଛୋଟ କିଏ, ଏହା ଏକ ପ୍ରକାର ନିଚ୍ଚମନା ଅଟେ । ଯାହା ମନ ଭିତରେ ଅହଂ ଓ ଗର୍ବ ଭରି ରହିଥାଏ । ଡର ଲାଗୁଛି କି ଏହାର ମଞ୍ଜୀ ଏକ ଦ୍ରୁମରେ ପରିଣତ ହୋଇ ତା ବିନାଶର କାରଣ ନହୋଇଯାଉ । କିଛି ଲୋକେ ବଡ ମାନଙ୍କ ସହିତ ବହୁତ ସମ୍ମାନ ଦେଖାଇ ମିଶିଥାନ୍ତି । କିନ୍ତୁ ପ୍ରକୃତରେ ବଡ଼ ହେଉଛି ସେ ଯିଏ ଦୁଃଖୀ ଦରିଦ୍ରଙ୍କ କଥାକୁ ଦରିଦ୍ରଙ୍କ ଭଳି ଶୁଣେ ଓ ତା ମନକୁ ଦୋହଲାଏ ଓ ତା କଥାର ସମ୍ମାନ କରେ ଏବଂ କୌଣସି ପ୍ରକାରର ଚିଡ଼ିଚିଡ଼ା କଥା ମୁହଁରେ ଆଣେନାହିଁ । ଯଦ୍ୱାରା ତାକୁ ଦୁଃଖ ପହଂଚିବ । ଖୁଦାତାଲା କହୁଛନ୍ତି ୱଲା ତନାବଜୁ ବିଲ୍ ଅଲ୍‌କାବେ ବିସଲ୍ ଇସ୍‌ମୁଲ୍ ଫୁସୁକୁ ବାଦଲ୍ ଇମାନ୍ । ଅର୍ଥାତ୍ ଜଣେ ଅନ୍ୟଜଣକୁ ଖରାପ ନାମରେ ନ ଡାକୁ । (କାରଣ) ବିଶ୍ୱାସ ଆଣିବା ପରେ ଧର୍ମରୁ ଦୂରେଇ ଯିବା ବହୁତ ଖରାପ କଥା । ୱମନ୍ ଲମ୍ ଯତୁବ୍ ଫଉଲାଇକା ହୁମୁଜ୍ ଜାଲେମୁନ୍ । ଅର୍ଥାତ୍ ଯିଏ ତୌବା ଅର୍ଥାତ୍ ପଶ୍ଚାତାପ ନକରୁଛି ଓ ଏହିପରି କର୍ମ କରିଚାଲିଛି ତେବେ ସେ ହେଉଛି ବାସ୍ତବରେ ଅତ୍ୟାଚାରୀ । ଆପଣ ପୁଣି କହୁଛନ୍ତି କି ତୁମେ ପରସ୍ପରକୁ ଚିଡ଼ିକରି ଡ଼ାକ ନାହିଁ ଏହା ଚୋରଖଣ୍ଟଙ୍କର କାର୍ଯ୍ୟ ଅଟେ । **ଯେ କାହାରିକୁ ଚିଡ଼ାଏ ସେ ମୃତ୍ୟୁବରଣ କରିନଥାଏ ଯେପର୍ଯ୍ୟନ୍ତ କି ସେ ସ୍ୱୟଂ ସେହିଥିରେ ପଡ଼ିନଥାଏ** । ନିଜ ଭାଇମାନଙ୍କୁ ନିଚ୍ଚ ମଣ ନାହିଁ ଯେତେବେଳେ ସମସ୍ତେ ଗୋଟିଏ ଘାଟରୁ ଜଳପାନ କରୁଅଛ ତେବେ କିଏ ଜାଣେ କାହା ଭାଗ୍ୟରେ ଅଧିକ ଜଳ (ପାନ) କରିବା ଲେଖାଅଛି । ସମ୍ମାନନୀୟ ଓ ଆଦରଣୀୟ କେହି ସାଂସାରିକ ନିୟମ ଦ୍ୱାରା ହୋଇନଥାଏ । ଅଲ୍ଲାଃଙ୍କ ନିକଟରେ ବଡ଼ ସେ ଯେ ଧର୍ମପରାୟଣ । **ଇନ୍ନା ଅକ୍‌ରମକୁମ୍ ଇନ୍‌ଦଲ୍ ଲାହି ଅତ୍‌କାକୁମ୍** ଅର୍ଥାତ ଅଲ୍ଲାଃଙ୍କ ନିକଟରେ ଅଧିକ ସମ୍ମାନନୀୟ ସେ ଯେ ଧର୍ମପରାୟଣ । (ହୁଜୁରାତ୍ : ୧୪) (ମଲ୍‌ଫୁଜାତ୍, ପ୍ରଥମ ଖଣ୍ଡ, ପୃଷ୍ଠା-୩୬, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ) ଅର୍ଥାତ୍ ଅଲ୍ଲାଃଙ୍କ ନିକଟରେ ସମସ୍ତଙ୍କଠାରୁ ସମ୍ମାନିତ ବ୍ୟକ୍ତି ହେଉଛି ସେ ଯେ ଧର୍ମପରାୟଣ । ନିଶ୍ଚିତ ରୂପେ ଅଲ୍ଲାଃ ସର୍ବଜ୍ଞ । ତେଣୁ ଅଲ୍ଲାଃତାଲାଙ୍କୁ ବାସ୍ତବିକତାର ଜ୍ଞାନ ରହିଛି । ପ୍ରତ୍ୟେକ କଥା ସେ ଜାଣିଛନ୍ତି ଅର୍ଥାତ୍ କେଉଁ ତକ୍‌ୱାକୁ ଲୋକଦେଖାଣିଆ ଭାବେ କରାଯାଉଛି ଓ କେଉଁଠି ବାସ୍ତବିକ୍ ତକ୍‌ୱା । ସୁତରାଂ ଯେବେ ଅଲ୍ଲାଃତାଲା ଏ ସବୁକିଛି ଜାଣିଛନ୍ତି ତେବେ ଆମକୁ ଭୟର ସହିତ ନିଜର ଅନୁଶୀଳନ କରିବା ଉଚିତ ଓ ବାସ୍ତବିକ୍ ତକ୍‌ୱାକୁ ଆପଣେଇବା ପାଇଁ ଚେଷ୍ଟା କରିବା ଉଚିତ୍, ଯାହାକୁ ଅଲ୍ଲାଃତାଲା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଜଣେ ମୋମିନ୍ ଯିଏ ତକ୍‌ୱା ଉପରେ ପରିଚାଳିତ ହୁଏ, ଯେବେ ତାକୁ ସଫଳତା ମିଳେ ତେବେ ସେ କିପରି ବ୍ୟବହାର କରେ ଓ ଜଣେ ଅମାନ୍ୟକାରୀକୁ ସଫଳତା ମିଳିବା ପରେ ସେ କିପରି ବ୍ୟବହାର କରିଥାଏ । ଏ ବିଷୟରେ ସ୍ପଷ୍ଟୀକରଣ ଦେଇ ଆପଣ ଆ:ସ କହୁଛନ୍ତି:- "ଏହି ସିଦ୍ଧାନ୍ତୁ ସର୍ବଦା ଦୃଷ୍ଟିରେ ରଖ । ଜଣେ ମୋମିନ୍‌କୁ ଯେତେବେଳେ ସଫଳତା ମିଳିଥାଏ ସେ ଲଜିତ ହୁଏ ଓ ଇଶ୍ୱରଙ୍କ ସ୍ତୁତି ଗାନ କରେ" । (ଅର୍ଥାତ୍ ପ୍ରତ୍ୟେକ ବସ୍ତୁ ଅଲ୍ଲାଃତାଲାଙ୍କର ବୋଲି ସେ ଅଭିହିତ କରିଥାଏ । ତେଣୁ ସେ ଇଶ୍ୱରଙ୍କ ପ୍ରଶଂସା କରିଥାଏ) "ଅର୍ଥାତ୍ ସେ ନିଜର କରୁଣା ପ୍ରଦାନ କରିଛନ୍ତି । ସେଇଥିଯୋଗୁ ସେ ଆଗକୁ ପାଦ ବଢ଼ାଏ ଓ ପ୍ରତ୍ୟେକ ବିପତି ସମୟରେ ଧୈର୍ଯ୍ୟଧରି ଇମାନ୍ ଲଭିଥାଏ । ପ୍ରକାଶ୍ୟରେ ଜଣେ ହିନ୍ଦୁ ଓ ଜଣେ ମୋମିନ୍‌ର ସଫଳତା ଏକ ପ୍ରକାର ହୋଇଥାଏ । କିନ୍ତୁ ମନେରଖ କି ଅମାନ୍ୟକାରୀର ସଫଳତା ପଥଭ୍ରଷ୍ଟ ହେବାର ମାର୍ଗ ଅଟେ ଓ ଜଣେ ମୋମିନ୍‌ର ସଫଳତା ତା ପାଇଁ ବୈଭବର ଦ୍ୱାରକୁ ଉନ୍ମୁକ୍ତ କରିଥାଏ । ଅମାନ୍ୟକାରୀର ସଫଳତା ତାକୁ ପଥଭ୍ରଷ୍ଟତା ଆଡକୁ ଟାଣିନିଏ ଅର୍ଥାତ୍ ସେ ଇଶ୍ୱରଙ୍କ ଆଡକୁ ଫେରେନାହିଁ ବରଂ ନିଜ ପରିଶ୍ରମ, ବୁଦ୍ଧିମତା ଓ ନିଜର ଯୋଗ୍ୟତାକୁ ଇଶ୍ୱର ବନାଇଦିଏ । କିନ୍ତୁ ମୋମିନ୍ ଖୁଦାଙ୍କ ଆଡକୁ ଫେରିଯାଇ ଖୁଦାଙ୍କଠାରୁ ଏକ ନୂତନ ଜ୍ଞାନ ପାଏ ଓ ଏହିଭଳି ପ୍ରତ୍ୟେକ ସଫଳତା ପରେ ତାର ଖୁଦାଙ୍କ ସହିତ ଏକ ନୂତନ ବ୍ୟବହାର ଆରମ୍ଭ ହୋଇଯାଏ ଓ ତା ଭିତରେ ଏକ ପରିବର୍ତନ ସୃଷ୍ଟି ହେବାକୁ ଲାଗେ । ଇନ୍ନଲ୍ଲାହା ମାଅଲ୍‌ଲଜିନା ଅତ୍‌ତକଓ ଅର୍ଥାତ୍ ଇଶ୍ୱର ସେମାନଙ୍କ ସହିତ ଥାଆନ୍ତି ଯେଉଁମାନେ ହେଉଛନ୍ତି ଧର୍ମପରାୟଣ । ମନେରଖିବା ଉଚିତ୍ ହେବ କି ପବିତ୍ର କୋରାନ୍‌ରେ ତକ୍‌ୱା ଶବ୍ଦଟି ବହୁବାର ବ୍ୟବହାର କରାଯାଇଛି । ଏହାର ଅର୍ଥ ପ୍ରଥମେ ଶବ୍ଦାର୍ଥ ଦ୍ୱାରା କରାଯାଏ । ଏଠାରେ ଯେଉଁ ମା' ଶବ୍ଦ ଆସିଛି ଅର୍ଥାତ୍ ଯିଏ ଇଶ୍ୱରଙ୍କୁ ଅଗ୍ରାଧିକାର ଦେଇଥାଏ ଇଶ୍ୱର ତାଙ୍କୁ ଅଗ୍ରାଧିକାର ଦେଇଥାନ୍ତି ଓ ସବୁ ପ୍ରକାରର ସାଂସାରିକ ଅପମାନରୁ ତାକୁ ବଂଚାଇଥାଆନ୍ତି । ମୋର ବିଶ୍ୱାସ ହେଉଛି ଏହା କି ଯଦି ମନୁଷ୍ୟ ସଂସାରର ପ୍ରତ୍ୟେକ ପ୍ରକାରର ଅପମାନ ଓ କଷ୍ଟରୁ ବଂଚିବାକୁ ଚାହୁଁଛି ତେବେ ତା ପାଇଁ ଗୋଟିଏ ମାର୍ଗ ରହିଛି ଅର୍ଥାତ୍ ସେ ମୁତ୍‌ତକି (ଧର୍ମପରାୟଣ) ହୋଇଯାଉ । ପୁଣି ତାକୁ କୌଣସି ପ୍ରକାରର ଅସୁବିଧା ହେବନାହିଁ । ତେଣୁ ମୋମିନ୍‌ର ସଫଳତା ତାକୁ ଆହୁରି ଆଗକୁ ନେଇଯାଏ ଓ ସେ ଗୋଟିଏ ସ୍ଥାନରେ ବସି ରହେନାହିଁ" । ପୁଣି ଆପଣ କହୁଛନ୍ତି "ଅଧିକାଂଶ ଲୋକଙ୍କର ଜୀବନୀ ଯାହା ପୁସ୍ତକ ଗୁଡିକରେ ଲେଖାହୋଇଛି କି ସେମାନେ ପ୍ରଥମେ ସଂସାର ସହିତ ବହୁତ ଗଭୀର ସମ୍ପର୍କ ରଖିଥିଲେ । କିନ୍ତୁ ଯେବେ ସେମାନେ କିଛି ଦୁଆ କଲେ ଓ ସେହି ଦୁଆ ଗ୍ରହଣୀୟ ହୋଇଗଲା । ତା ପରେ ସେମାନଙ୍କର ଅବସ୍ଥାରେ ପରିବର୍ତନା ଆସିଗଲା । ତେଣୁ ନିଜ ଦୁଆର ଗ୍ରହଣୀୟତା ଓ ସଫଳତା ଉପରେ ଗର୍ବ କରନାହିଁ ବରଂ ଏହାକୁ ଇଶ୍ୱରଙ୍କ କୃପା ଓ ଦାନ ବୋଲି ବିବେଚନା କର" । (ଏହା ଅଲ୍ଲାଃତାଲାଙ୍କର ଫଜଲ୍ ଅଟେ କି ସେ ତୁମ ଦୁଆକୁ ଗ୍ରହଣ କଲେ । ଏଥିରେ ଖୁସି ଓ ଗର୍ବ କରିବା ପରିବର୍ତେ ବିନମ୍ରତାର ସହିତ ତାର କୃପା ପ୍ରତି ଧ୍ୟାନ ଦିଅ) । ପୁଣି ଆପଣ କହୁଛନ୍ତି "ସଫଳତା ଲଭିବା ପରେ ସାହସ ଓ ଉତ୍ସାହରେ ଏକ ନୁଆ ଜୀବନ ଆସିଯାଏ । ସେହି ଜୀବନରୁ ଲାଭ ଉଠାଇବା ଉଚିତ୍ ଓ ଏହା ମାଧ୍ୟମରେ ଅଲ୍ଲାଃତାଲାଙ୍କର ମାରେଫତ୍ (ଅଲ୍ଲାଃଙ୍କୁ ଚିହ୍ନିବାର ଜ୍ଞାନ)ରେ ଉନ୍ନତି କରିବା ଉଚିତ୍" (ଅର୍ଥାତ୍ ଯଦି ସଫଳତା ମିଳିଲା ବା ପ୍ରାର୍ଥନା ଗ୍ରହଣ ହେଲା ତେବେ ଅଲ୍ଲାଃତାଲାଙ୍କୁ ଆହୁରି ଅଧିକ ଚିହ୍ନିବା ଉଚିତ୍) "କାରଣ ସବୁଠାରୁ ଉଚ୍ଚ ସ୍ତରର କଥା, ଯିଏ କାମରେ ଆସିବ ତାହା ହେଉଛି ଇଶ୍ୱରଙ୍କୁ ଚିହ୍ନିବା ଓ ତାହା ଇଶ୍ୱରଙ୍କ କୃପା ଓ ଅନୁଗ୍ରହ ଉପରେ ଅନୁଧ୍ୟାନ କରିବା ଦ୍ୱାରା ସୃଷ୍ଟି ହୋଇଥାଏ । ଅଲ୍ଲାଃତାଲାଙ୍କ କୃପାକୁ କେହି ରୋକି ପାରିବେ ନାହିଁ" । ପୁଣି କହୁଛନ୍ତି " ଅଧିକ ଦରିଦ୍ରତା ମଧ୍ୟ ମନୁଷ୍ୟକୁ ବିପଦରେ ପକାଇଥାଏ । ସେଥିଯୋଗୁ ହଦିସ୍‌ରେ ଆସିଛି କି ଅଲ୍‌ଫକ୍‌ରୁ ସୱାଦୁଲ୍ ୱଜହ୍" (ଅର୍ଥାତ୍ ଦରିଦ୍ରତା ରୂପକୁ ବିଗାଡ଼ି ଦିଏ ବା କଳା କରିଦିଏ ବା ଦରିଦ୍ରତା ଯୋଗୁ ମନୁଷ୍ୟ ଧର୍ମଠାରୁ ବି ବେଳେବେଳେ ଦୂରେଇଥାଏ) ପୁଣି କହୁଛନ୍ତି "ମୁଁ ଏପରି ଲୋକମାନଙ୍କୁ ଦେଖିଛି ଯେଉଁମାନେ ଦରିଦ୍ରତା ଯୋଗୁ ନାସ୍ତିକ ହୋଇଯାଇଛନ୍ତି । ମୋମିନ୍ କୌଣସି ଅଭାବ ଅନଟନରେ ମଧ୍ୟ ଅଲ୍ଲାଃଙ୍କ ନିକଟରେ ଅଭିଯୋଗ କରିନଥାଏ । ବରଂ ତାହାକୁ ନିଜ ଦୋଷତ୍ରୁଟୀର ପରିଣାମ ମଣି ଅଲ୍ଲାଃଙ୍କଠାରୁ ଦୟା ଓ କୃପା ଭିକ୍ଷା କରିଥାଏ । ଯେତେବେଳେ ସେହି ଦୁଃଖଦ ଅବସ୍ଥା ଅତିବାହିତ ହୋଇଯାଏ ଏବଂ ତାହାର ଦୁଆ ଫଳ ଆଣିଥାଏ ସେତେବେଳେ ସେ ଉକ୍ତ ଅବସ୍ଥାକୁ ଭୁଲିଯାଇନଥାଏ ବରଂ ମନେରଖିଥାଏ । ସୁତରାଂ ଯଦି ତା ଉପରେ ବିଶ୍ୱାସ ଅଛି ଯେ ଅଲ୍ଲାଃତାଲାଙ୍କ ନିକଟରେ କାମ ପଡ଼ିବ ତେବେ ସେ ତକ୍‌ୱାର ମାର୍ଗକୁ ଗ୍ରହଣ କରୁ । ମୋବରକ୍ ହେଉଛି ସେ, ଯିଏ ସଫଳତା ଓ ଖୁସି ସମୟରେ ତକ୍‌ୱା ଗ୍ରହଣ କରେ ଓ ଅଭାଗା ବ୍ୟକ୍ତି ହେଉଛି ସେ ଯିଏ ଠୋକର୍ ଖାଇ ତା ପାଖରେ ନତମସ୍ତକ ହୁଏନାହିଁ ।" (ମଲ୍‌ଫୁଜାତ୍,

*ଅବଶିଷ୍ଟାଂଶ ପୃଷ୍ଠା-୨ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

ହଜରତ ମସିହ ମଉଦ ଆ.ସଙ୍କ ସହ ଉତମ ସମ୍ପର୍କ ପରିପ୍ରକାଶ ଆପଣଙ୍କ ଶିକ୍ଷା ମୁତାବକ ଅମଳ କରିବା ଦ୍ୱାରା ଏବଂ ଆପଣଙ୍କ ଅନ୍ତେ ନିଜାମେ ଖିଲାଫତ୍ ସହ ଜଡ଼ିତ ହେବା ଦ୍ୱାରା ହୋଇଥାଏ ।

ପବିତ୍ର କୁରଆନ୍‌ରୁ ଆମେ ଏହା ସ୍ପଷ୍ଟ ଭାବରେ ବୁଝିପାରୁଛୁ କି ଅନ୍ତିମ ଯୁଗରେ **ଖିଲାଫତ୍ ଆଲା ମିନ୍‌ହାଜେ ନବୁଓ୍ୱତ୍** (ନବୀଙ୍କ ଆଗମନର ମାର୍ଗରେ ଖଲିଫା ହେବା) ପ୍ରତିଷ୍ଠିତ ହେବ । ହଦିସ୍ ଶରିଫ୍‌ରେ ମଧ୍ୟ ଦରଜ ଅଛି **ଖିଲାଫତ୍ ଆଲା ମିନ୍‌ହାଜେ ନବୁଓ୍ୱତ୍** ହେବ ଏବଂ ତାହା ଚିରକାଳ ରହିବ । ହଜରତ ମସିହ ମଉଦ ଆ.ସ ମଧ୍ୟ ଆମ୍ଭକୁ ବେଶ୍ ସ୍ପଷ୍ଟ ଭାବରେ କହିଦେଲେ କି ମୋ ଅନ୍ତେ ଖିଲାଫତ୍‌ର ବ୍ୟବସ୍ଥା ପ୍ରଚଳିତ ହେବ ଏବଂ ତାହା ସଦସର୍ବଦା ରହିବ ।

ଇତାଅତେ ରସୁଲ୍ (ରସୁଲଙ୍କ ଆଜ୍ଞାବହତା)ର ଗୋଟିଏ ଉଦ୍ଦେଶ୍ୟ ହେଉଛି ଏକତାର ସୁତ୍ରରେ ବାନ୍ଧି ରଖିବା ଓ ତାହା ଖିଲାଫତ୍ ବିନା ହୋଇପାରିବ ନାହିଁ ।

ଦୁଇଦିନ ପୂର୍ବେ ସିଆଲ୍‌କୋଟ୍ ଠାରେ ଜମାତ୍‌ର ଥିବା ମସ୍‌ଜିଦ୍ ଓ ତତ୍‌ସହିତ ସଂଲଗ୍ନ ଥିବା ଘର ଉପରେ ପୋଲିସ୍ ଏବଂ ଇନ୍ତେଜାମିଆଙ୍କ ଉପସ୍ଥିତିରେ ମୁଲାମାନେ ଓ କିଛି ଶହ ଚେଲାମାନେ ଆକ୍ରମଣ କରିଛନ୍ତି ଏବଂ ଏହାକୁ ଭାଙ୍ଗିଦେଇଛନ୍ତି ଓ ମସ୍‌ଜିଦ୍‌ର ଗୁମ୍ବଦ ଓ ମିନାରକୁ ମଧ୍ୟ ଭାଙ୍ଗି ତଳେ ପକାଇ ଦେଇଛନ୍ତି । ବର୍ତମାନ ମଧ୍ୟ ଏ ଏଲାନ୍ କରୁଛନ୍ତି କି ଆମେ ଅନ୍ୟ ମସ୍‌ଜିଦ୍ ମାନଙ୍କୁ ମଧ୍ୟ କ୍ଷତି ପହଂଚାଇବୁ ଓ ଭାଙ୍ଗିଦେବୁ ।

ଖିଲାଫତ୍‌ର ପୁରସ୍କାର ପାଇଥିବା ଲୋକମାନଙ୍କ ନିମନ୍ତେ ଜକାତ୍ ଓ ମାଲି କୁର୍ବାନୀକୁ ପ୍ରଦାନ କରିବା ଜରୁରୀ କରାଯାଇଛି ।

ଅଲ୍ଲାଃତାଲା ଖିଲାଫତ୍‌ର ପୁରସ୍କାର ପାଇଥିବା ଲୋକମାନଙ୍କୁ ଏ ଉପଦେଶ ଦେଇଛନ୍ତି କି ସେମାନେ ଇତାଅତ୍‌ର ସ୍ତରକୁ ଉଚ୍ଚାକ କରନ୍ତୁ ।

## ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ.ବ

## (ପ୍ରଦତ୍ତ: ୨୫ ମଇ ୨୦୧୮ ଅନୁଯାୟୀ ୨୫ ହିଜ୍‌ରତ୍ ୧୩୯୭ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ- بِسْمِ اللّٰهِ الرَّحْمٰنِ الرَّحِيمِ
اَلْحَمْدُ لِلّٰهِ رَبِّ الْعٰلَمِينَ۔ اَلرَّحْمٰنِ الرَّحِيمِ۔ مٰلِكِ يَوْمِ الدِّينِ۔ إِيَّاكَ نَعْبُدُ وَإِيَّاكَ نَسْتَعِينُ۔
اِهْدِنَا الصِّرَاطَ الْمُسْتَقِيمَ۔ صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّآلِّينَ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ ସୁରେ ନୁରର ୫୬ ଓ ୫୭ ପକ୍ତିଂ ପାଠ କଲେ ଓ ତାହାର ଅନୁବାଦ ଉପସ୍ଥାପନ କଲେ- **ଓ୍ୱଆଦଲ୍ ଲାହୁଲ୍ ଲୟିନା ଆମନୁ ଓ୍ୱଆମିଲୁସ୍ ସାଲିହାତି ଲାୟସ୍ତଖଲିଫନ୍ନହୁମ୍ ଫିଲ୍ ଅରଜି କମାସ୍ ତଖ୍‌ଲଫଲ୍ ଲୟିନା ମିନ୍ କବ୍‌ଲିହିମ୍ ଓ୍ୱଲୟୁମକିନନ୍ନା ଲହୁମ୍ ଦିନହୁମୁଲ୍ ଲୟିର୍‌ତଜା ଲହୁମ୍ ଓ୍ୱଲୟୁବଦ୍‌ଦିଲନ୍ନହୁମ୍ ମିମ୍ ବାଦି ଖୌଫିହିମ୍ ଅମ୍‌ନା । ୟାବୁଦୁନନି ଲାୟୁଶ୍‌ରିକୁନା ବିଶୈଆ ଓ୍ୱମନ୍ କଫରା ବାଦା ଜାଲିକା ଫଉଲାଇକା ହୁମୁଲ୍ ଫାସିକୁନ୍ । ଓ୍ୱଅକିମୁସ୍ ସଲାତା ଓ୍ୱଆତୁଯ୍ ଯକାତା ଓ୍ୱ ଅତିଉର୍ ରସୁଲା ଲାଅଲ୍ ଲକୁମ୍ ତୁର୍‌ହମୁନ୍ ।**

ହଜୁର ଅନଓ୍ୱର ଅ.ବ କହିଲେ ଉପରୋକ୍ତ ପକ୍ତିଂର ଅନୁବାଦ ଏପରି ଅଟେ ତୁମମାନଙ୍କ ମଧ୍ୟରୁ ଯେଉଁମାନେ ବିଶ୍ୱାସ କରିଛନ୍ତି ଓ ଉଚିତ୍ କର୍ମ କରୁଛନ୍ତି ସେମାନଙ୍କ ସହିତ ଅଲ୍ଲାଃ ଅଙ୍ଗୀକାର କରିଛନ୍ତି ଯେ ସେ ସେମାନଙ୍କୁ ଭୂପୃଷ୍ଠରେ ଖଲିଫା କରିବେ ଯେପରି ସେ ସେମାନଙ୍କ ପୂର୍ବବର୍ତୀ ଲୋକମାନଙ୍କୁ ଖଲିଫା କରିଥିଲେ ଏବଂ ଯେଉଁ ଧର୍ମକୁ ସେ ସେମାନଙ୍କ ପାଇଁ ପସନ୍ଦ କରିଛନ୍ତି ସେ ସେମାନଙ୍କ ପାଇଁ ତାହାକୁ ଦୃଢ ଭାବରେ ସ୍ଥାପନ କରିଦେବେ ଏବଂ ସେମାନଙ୍କ ଭୟପ୍ରଦ ଅବସ୍ଥାକୁ ପରେ ସେ ସେମାନଙ୍କ ପାଇଁ ଶାନ୍ତିପ୍ରଦ ଅବସ୍ଥାରେ ପରିଣତ କରିଦେବେ । ସେମାନେ ଆମ୍ଭର ଉପାସନା କରିବେ ଓ କୌଣସି ବସ୍ତୁକୁ ଆମ୍ଭର ସମକକ୍ଷ କରିବେ ନାହିଁ ଏବଂ ଯେଉଁମାନେ ଏହାପରେ ମଧ୍ୟ ଅମାନ୍ୟ କରିବେ ସେମାନେ ଅବଜ୍ଞାକାରୀମାନଙ୍କ ମଧ୍ୟରେ ଗଣାଯିବେ । ଏବଂ ନମାଜ କାଏମ୍ କର ଓ ଜକାତ୍ ପ୍ରଦାନ କର ଓ ରସୁଲ୍‌ଙ୍କ ଆଜ୍ଞା ପାଳନ କର । ଫଳତଃ ତୁମ ଉପରେ ଦୟା କରାଯିବ ।

ହଜୁର ଅନଓ୍ୱର ଅ.ବ କହିଲେ- ଉପରୋକ୍ତ ପକ୍ତିଂରେ ଅଲ୍ଲାଃତାଲାଙ୍କ ଗୋଟିଏ ପ୍ରତିଶୃତିର ବର୍ଣ୍ଣନା ରହିଛି କି ଅଲ୍ଲାଃତାଲା ତୁମକୁ ଏକ ପୁରସ୍କାର ପ୍ରଦାନ କରିବେ ଏବଂ ତାହା ଖିଲାଫତ୍‌ର ପୁରସ୍କାର ଅଟେ ଯଦ୍ୱାରା ତୁମକୁ କ୍ଷମତା ଓ ଶକ୍ତି ହାସଲ ହେବ ଏବଂ ତୁମର ଭୟଭୀତ ଅବସ୍ଥା ଶାନ୍ତିରେ ପରିଣତ ହେବ । ଅତଃ ଏହା ଏକ ପ୍ରତିଶୃତି ଅଟେ ଭବିଷ୍ୟବାଣୀ ନୁହେଁ ଯାହାକି ଅଲ୍ଲାଃତାଲା ନିଶ୍ଚିତ ପ୍ରଦାନ କରିବେ । ଏପରି ନୁହେଁ କି ଅଲ୍ଲାଃତାଲା କହିଲେ ମାତ୍ର ନିଶ୍ଚିତ ପ୍ରଦାନ କରିବେ ବରଂ ସେଥିପାଇଁ ଯେଉଁ ସର୍ତ ରହିଛି ତାହାର ନିର୍ବାହ କଲେ ତାହା ହାସଲ ହେବ । ସେହି ସର୍ତାବଳୀ ଗୁଡିକ କଣ ? ଅଲ୍ଲାଃ କହିଲେ ସେମାନେ ମୋ ଉପାସନା କରିବେ ଏବଂ କୌଣସି ବସ୍ତୁକୁ ଆମ୍ଭର ସମକକ୍ଷ କରିବେ ନାହିଁ ଅର୍ଥାତ ଶିରକ୍ କରିବାରୁ ସମ୍ପୂର୍ଣ୍ଣ ରୂପେ ନିବୃତ ରହିଥିବେ । କିନ୍ତୁ ଯଦି (ସେମାନେ ଅଲ୍ଲାଃଙ୍କ) ଉପାସନା କରୁନଥିବେ ଏବଂ ଶିରକ୍‌ରୁ ସମ୍ପୂର୍ଣ୍ଣ ରୂପେ ପବିତ୍ର ନଥିବେ ତେବେ ସେମାନେ ଉକ୍ତ ପ୍ରତିଶୃତିରୁ ଲାଭ ଉଠାଇପାରିବେ ନାହିଁ ।

ପବିତ୍ର କୁରଆନ୍‌ରୁ ଆମେ ଏହା ସ୍ପଷ୍ଟ ଭାବରେ ବୁଝିପାରୁଛୁ କି ଅନ୍ତିମ ଯୁଗରେ **ଖିଲାଫତ୍ ଆଲା ମିନ୍‌ହାଜେ ନବୁଓ୍ୱତ୍** (ନବୀଙ୍କ ଆଗମନର ମାର୍ଗରେ ଖଲିଫା ହେବା) ପ୍ରତିଷ୍ଠିତ ହେବ । ହଦିସ୍ ଶରିଫ୍‌ରେ ମଧ୍ୟ ଦରଜ ଅଛି **ଖିଲାଫତ୍ ଆଲା ମିନ୍‌ହାଜେ ନବୁଓ୍ୱତ୍** ହେବ ଏବଂ ତାହା ଚିରକାଳ ରହିବ । ହଜରତ ମସିହ ମଉଦ ଆ.ସ ମଧ୍ୟ ଆମ୍ଭକୁ ବେଶ୍ ସ୍ପଷ୍ଟ ଭାବରେ କହିଦେଲେ କି ମୋ ଅନ୍ତେ ଖିଲାଫତ୍‌ର ବ୍ୟବସ୍ଥା ପ୍ରଚଳିତ ହେବ ଏବଂ ତାହା ସଦସର୍ବଦା ରହିବ । କିନ୍ତୁ ଏଥିସହିତ ଅଲ୍ଲାଃତାଲା ଉକ୍ତ ପକ୍ତିଂରେ ମୁସଲମାନମାନଙ୍କୁ ସ୍ପଷ୍ଟ ଭାବରେ ଦର୍ଶାଇ ଦେଲେ କି **ଖିଲାଫତ୍‌ର ପ୍ରତିଶୃତିରୁ ଉପକୃତ ହେବା ତଥା ତାହାର ପୁରସ୍କାରରୁ ଭାଗ ନେବା ନିମନ୍ତେ ନିଜ ଅବସ୍ଥାରେ ପରିବର୍ତନ ଆଣିବାକୁ ହେବ, କେବଳ ମୁସଲମାନ ବୋଲାଇବା, ନିଜ ବିଶ୍ୱାସର ପ୍ରକାଶ କରିବା ଦ୍ୱାରା ଖିଲାଫତ୍‌ର ପୁରସ୍କାର ଲାଭ ହେବ ନାହିଁ ।** ସୁତରାଂ ଅଲ୍ଲାଃତାଲା ମୁସଲମାନମାନଙ୍କୁ ଏହି ଉପଦେଶ ଦେଇଛନ୍ତି କି ଉପାସନାର କର୍ତବ୍ୟ ସମ୍ପାଦନ କରିବା ନିମନ୍ତେ ଶିରକ୍‌ରୁ ନିବୃତ ରହିବା ପାଇଁ ନମାଜ ପାଠ କରିବା, ଜକାତ୍ ଦେବା, ରସୁଲ୍‌ଙ୍କ ଆଜ୍ଞାକାରୀ ହେବା ଦ୍ୱାରା ଅଲ୍ଲାଃଙ୍କ ଦୟା ଓ କରୁଣା ହାସଲ କରିପାରିବା ।

ରସୁଲ୍‌ଙ୍କ ଆଜ୍ଞାବହ ହେବା ନିମନ୍ତେ ଏକଥା ମନେରଖିବା ଉଚିତ୍ ଯେ, ହଜରତ ମହମ୍ମଦ ସ.ଆ ଆମକୁ ଶିକ୍ଷା ଦେଇଛନ୍ତି ଯେଉଁମାନେ, ମୋ ମନୋନୀତ ଅମିର୍‌ର ଆଜ୍ଞାବହତା ସ୍ୱୀକାର କରିଥାନ୍ତି ସେମାନେ ମୋର ମଧ୍ୟ ଆଜ୍ଞାବହ ହୋଇଥାନ୍ତି ଏବଂ ଯେଉମାନେ ମୋ ମନୋନୀତ ଅମିର୍‌ର ଅମାନ୍ୟ କରିଥାନ୍ତି ସେମାନେ ମୋର ମଧ୍ୟ ଅମାନ୍ୟ କରିଥାନ୍ତି, ଖିଲାଫତ୍‌ର ଯେଉଁ ବ୍ୟବସ୍ଥା ଅଛି । ସେଥିରେ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ହଜୁର ସ.ଆଙ୍କର ମନୋନୀତ ଅମିର୍ ହିଁ ଖଲିଫା ଅଟନ୍ତି । ତେଣୁ ଏକଥା ସ୍ପଷ୍ଟ ହୋଇଯାଉଛି କି ଖିଲାଫତ୍‌ର ଇତାଅତ୍ କରିବା ମଧ୍ୟ ସେହିପରି ଜରୁରୀ ଅଟେ ଯେପରି ଆଁ ହଜ୍‌ରତ୍ ସ:ଆ:ସଙ୍କର ଇତାଅତ୍ ଜରୁରୀ । କିନ୍ତୁ ଏଠାରେ ସେ ଖିଲାଫତ୍ ନାହିଁ ଯାହା ଜବର୍‌ଦସ୍ତି ସାଂସାରିକ ମୁନୀବ ମାନଙ୍କ ସାହାଯ୍ୟ ଦ୍ୱାରା ହାସଲ କରାଯାଇଥାଏ । ଏଠାରେ ସେହି ଖିଲାଫତ୍‌ର ଆଲୋଚନା ଚାଲିଛି ଯାହାକି **ମିନ୍ ହାଜେ ନବୁଓ୍ୱତ୍** ଉପରେ ପ୍ରତିଷ୍ଠିତ । ଓ ଯାହା ସମ୍ବନ୍ଧରେ ଆଁ ହଜ୍‌ରତ୍ ସ:ଆ:ସ ସ୍ପଷ୍ଟ ରୂପେ ନିର୍ଦ୍ଦେଶ ଦେଇସାରିଛନ୍ତି ଓ ତାହା ମସିହ୍ ମଉଦ୍‌ଙ୍କ ଆସିବା ପରେ କାଏମ୍ ହେବାର ଥିଲା । ଅର୍ଥାତ୍ ତାଙ୍କଠାରୁ ଖିଲାଫତ୍‌ର ଏହି ସିଲ୍‌ସିଲା ଜାରି ହେବାର ଥିଲା । କାରଣ ସେହି ମସିହ୍ ମଉଦ୍ ହେଉଛନ୍ତି ଖାତମୁଲ୍ ଖୋଲଫା । ଓ ସେହି ଖିଲାଫତ୍ ପୁଣି ଯୁଦ୍ଧ କରିବ ନାହିଁ, ଅତ୍ୟାଚାର କରିବ ନାହିଁ ବରଂ ଏଥିପ୍ରତି ଧ୍ୟାନ ଆକର୍ଷଣ କରାଇବ କି  ନମାଜକୁ କିପରି କାଏମ୍ କରାଯାଉ । ଧର୍ମର ପ୍ରଚାର ପ୍ରସାର ପାଇଁ ଓ ଲୋକମାନଙ୍କର ଅଧିକାରକୁ ପ୍ରଦାନ କରିବା ପାଇଁ ଜକାତ୍ ଏବଂ ମାଲି କୁର୍‌ବାନୀ କରିବା ପାଇଁ ସେ ଧ୍ୟାନ ଆକର୍ଷଣ କରାଇବେ । ସୁତରାଂ ସେହିପରି ଖିଲାଫତ୍ ବର୍ତମାନ କେବଳ ଜମାଅତ ଅହେମଦିୟାରେ ପ୍ରଚଳିତ ।

ସେହିପରି ରସୁଲ୍‌ଙ୍କ ଇତାଅତ୍ କରିବାର ଗୋଟିଏ ଉଦ୍ଦେଶ୍ୟ ହେଉଛି ଏକ ରଜ୍ଜୁରେ ଗୁନ୍ଥା ହେବା ଓ ତାହା ବିନା ଖିଲାଫତ୍‌ରେ ହୋଇପାରିବ ନାହିଁ । ଅନ୍ୟ ମୁସଲ୍‌ମାନ୍ ମାନେ ନିଶ୍ଚିତ ରୂପେ ନମାଜ ମଧ୍ୟ ପଢୁଛନ୍ତି । କିନ୍ତୁ ତାଙ୍କ ଭିତରେ ଏକତା ନଥିବାରୁ ସେମାନଙ୍କର ମନ ଫାଟିଯାଇଛି । ଗୋଟିଏ ସମ୍ପ୍ରଦାୟର ହେବା ସତ୍ୱେ ଭାଗ ଭାଗ ହୋଇଯାଇଛନ୍ତି । ଓ୍ୱଲେମା ମାନେ ନିଜ ମେମ୍ବର୍‌ମାନଙ୍କ ପାଇଁ ଓ ନିଜର ଉଦ୍ଦେଶ୍ୟ ସାଧନ କରିବା ପାଇଁ, ଏବେ ତ ପାକିସ୍ତାନ୍‌ରେ ଓ୍ୱଲେମା ମାନଙ୍କର ରାଜନୈତିକ ଉଦ୍ଦେଶ୍ୟ ମଧ୍ୟ ହୋଇଗଲାଣି । ସେଥିଯୋଗୁ ସେମାନେ ଜଣେ ଅନ୍ୟଙ୍କ ସହିତ ଲଢୁଛନ୍ତି । ଏହିପରି ଅବସ୍ଥା ତାଙ୍କ ପଛରେ ଅନୁସରଣ କରୁଥିବା ଲୋକଙ୍କର ମଧ୍ୟ ହେଉଛି ।

କିଛି ଦିନ ହେବ ଲୋକମାନେ ପାକିସ୍ତାନ୍‌ରେ ଧାରଣା ଇତ୍ୟାଦି ହେଉଥିଲେ । ସରକାରଙ୍କ ବିରୋଧରେ ବିକ୍ଷୋଭ କରୁଥିଲେ । ଏହାପରେ ଓ୍ୱଲେମା ମାନଙ୍କର ଦୁଇଟି ଗୋଷ୍ଠୀ ହୋଇ ନିଜ ନିଜ ଭିତରେ ଭିଡ଼ିଗଲେ । କିଏ ଲବେକ ୟାରସୁଲଲ୍ଲା ନାମରେ ନିଜର ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ଏବଂ ନେତା ହେବା ପାଇଁ ଚେଷ୍ଟା କରୁଥିଲା ତ ଆଉ କିଏ ଖତ୍‌ମେ ନବୁଓ୍ୱତ୍ ନାମରେ ନିଜର ଦୋକାନକୁ ଚମକାଇବା ପାଇଁ ଚେଷ୍ଟା କରୁଥିଲା ଓ ଟିଭି ମାଧ୍ୟମରେ ଏହି ସବୁ ତାମ୍‌ସା ସାରା ଦୁନିଆ ଦେଖୁଥିଲା । ଏହାକୁ ପାକିସ୍ତାନ୍ ଟିଭି ପ୍ରସାରଣ କରିଥିଲା । ଏହା ସତ୍ୱେ ମଧ୍ୟ ସେହି ଲୋକମାନେ ଯେଉଁମାନେ ଉକ୍ତ ଓ୍ୱଲେମାଙ୍କ ପଛରେ ଅନୁସରଣ କରୁଛନ୍ତି, ସେମାନଙ୍କର ବୁଦ୍ଧି ପଶୁନାହିଁ କି ସେମାନେ କାହା ପଛରେ ଚାଲୁଛନ୍ତି । କଣ ଏହି ଲୋକମାନେ ସାଧାରଣ ଲୋକଙ୍କ ପାଇଁ ଓ ସର୍ବସାଧାରଣ ମୁସଲ୍‌ମାନଙ୍କ ପାଇଁ ଦୀନ୍‌ର ସଶକ୍ତିକରଣ କରିବାର ମାଧ୍ୟମ ହେବେ ? କଣ ଏ ଲୋକମାନେ ଠିକ୍ ମାର୍ଗ ଦର୍ଶନ କରାଇପାରିବେ ? ଏହା କଦାପି ହୋଇପାରିବ ନାହିଁ । କାରଣ ଏମାନେ ତ ନିଜେ ପଥଭ୍ରଷ୍ଟ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉକ୍ତ ହଦିସ୍ ମୁତାବକ ସେମାନେ ଏତେ ପଥଭ୍ରଷ୍ଟ କି ସେମାନଙ୍କ ବିଷୟରେ କୁହାଯାଇଛି ଏ ଯୁଗର ଓ୍ୱଲେମାମାନେ ପ୍ରାଣୀମାନଙ୍କ ଠାରୁ ନିକୃଷ୍ଟତମ ପ୍ରାଣୀ ହେବେ । (ଅଲ୍‌ଜାମେ ଲେ ଶୋବିଲ୍ ଇମାନ୍, ଖଣ୍ଡ-୩, ପୃଷ୍ଠା-୩୧୭-୩୧୮, ହଦିସ୍ ନଂ-୧୭୬୩....)

ଜକାତ୍ ଦେଉଛନ୍ତି ତେବେ ତାର ବ୍ୟବହାର କରିବା ବିଷୟରେ ସରକାର ଜାଣିନାହାଁନ୍ତି । ସେମାନେ ଏ ଦାବୀ କରୁଛନ୍ତି କି ଗରିବ ମାନଙ୍କ ପାଇଁ ଏହା ଖର୍ଚ୍ଚ ହେଉଛି । କିନ୍ତୁ ଜକାତ୍ ଫଣ୍ଡ୍‌ରେ କୋଟି କୋଟି ଟଙ୍କା ଆତ୍ମସାତ୍ ହେଉଛି, ଯାହାର ଖବର ମିଡ଼ିଆରେ ପ୍ରକାଶ କରାଯାଉଛି । ଇସ୍‌ଲାମ୍‌ର ପ୍ରଚାର ପ୍ରସାର କରିବା ବିଷୟରେ କୌଣସି ପ୍ରଶ୍ନ ଉଠୁନାହିଁ । ଇସ୍‌ଲାମ୍ ନାମରେ ପ୍ରତିଷ୍ଠା ହୋଇଥିବା ସରକାର ଗୁଡିକ, ତେଲ ରୂପକ ଧନରେ ମାଲାମାଲ୍ ହୋଇଥିବା ସରକାର ଗୁଡିକ କଣ କରୁଛନ୍ତି । କୌଣସି ପ୍ରକାରର ଇସ୍‌ଲାମ୍‌ର ପ୍ରସାର ପ୍ରଚାର ସମ୍ବନ୍ଧିତ କାର୍ଯ୍ୟ ତାଙ୍କ ଦ୍ୱାରା ହୋଇପାରୁନାହିଁ । ଯଦି ଏହି କାର୍ଯ୍ୟକୁ କେହି ବଳୀଦାନ ଦେଇ କରୁଅଛି ତେବେ ଜମାତ୍ ଅହେମଦୀୟା ହିଁ କରୁଅଛି । ଏ ନିଜାମ୍ ସେତେବେଳେ ଚାଲିପାରିବ ଯେବେ ଖିଲାଫତ୍‌ର ନିଜାମ୍ ରହିବ । କେତେକ ମୌଲବି ଓ ବିଜ୍ଞ ଗୋଷ୍ଠୀ ଏହି ମତ ପ୍ରକାଶ କରିଥାନ୍ତି କି ଖିଲାଫତ୍ ବ୍ୟବସ୍ଥାର ଆବଶ୍ୟକତା ରହିଛି କିନ୍ତୁ ଯେତେବେଳେ ତାଙ୍କୁ କୁହାଯାଏ କି ଅଲ୍ଲାଃତାଲା

ତାହାର ବ୍ୟବସ୍ଥା କରିଦେଇଛନ୍ତି ତାହାକୁ ସ୍ୱୀକାର କର ସେତେବେଳେ ସେମାନେ ତାହାକୁ ସ୍ୱୀକର କରିବାକୁ ପ୍ରସ୍ତୁତ ହୋଇନଥାନ୍ତି, ବରଂ ବିରୁଦ୍ଧାଚରଣରେ ବଢିଯାଇଥାନ୍ତି ।

ଏହି ମୁଖାଲିଫତ୍‌ର ନମୁନା ବର୍ତମାନ ସିୟାଲକୋଟ୍‌ରେ ଆମ ମସଜିଦ୍ ଓ ତାହା ସହ ସଲଗ୍ନ ଘରକୁ ଭଙ୍ଗାରୁଜା କରିବା ଘଟଣା ଦ୍ୱାରା ଦେଖିବାକୁ ମିଳୁଅଛି । ତାହା ପୁଣି ପୋଲିସ୍ ଓ ପ୍ରଶାସନ ଉଭୟର ଉପସ୍ଥିତିରେ ମୌଲବି ଓ ତାଙ୍କର ଶହ ଶହ ଚେଲାମାନେ ଆକ୍ରମଣ ପୂର୍ବକ ଭଙ୍ଗାରୁଜା କଲେ । ବହୁତ ବଡ଼ କାମକୁ ସେ ସମ୍ପାଦନ କଲେ । ସେମାନେ ଇସ୍‌ଲାମ୍‌କୁ ବଂଚାଇବା ପାଇଁ ବହୁତ ବଳିଦାନ ଦେଲେ । ସେହି ଘରକୁ ଯାହାକୁ କିଛି ଦିନ ପୂର୍ବେ ପୋଲିସ୍ ନିଜେ ହିଁ ବିନା କାରଣରେ ସିଲ୍ କରିଦେଇଥିଲା ତେଣୁ (ଭାଙ୍ଗିବାର) କୌଣସି କାରଣ ନଥିଲା । ଏବଂ ସେଠାରେ କିଛି ନଥିଲା ମଧ୍ୟ । ପୁଣି ମଧ୍ୟ ସେହି ସିଲ୍ ହୋଇଥିବା ଘରକୁ ପୋଲିସ୍ ନିୟମିତ ବ୍ୟବସ୍ଥା ଅନ୍ତର୍ଗତ ଆକ୍ରମଣ କରାଇ କ୍ଷତି ପହଂଚାଇଲା ଓ ଭିତରେ ସବୁକିଛି ଭଙ୍ଗାରୁଜା କଲା । ଏହି ଘର ପାକିସ୍ତାନ୍ ହେବା ବହୁ ପୂର୍ବରୁ ବରଂ ଶହେ ବର୍ଷରୁ ବି ଅଧିକା ସମୟରୁ ନିର୍ମାଣ ହୋଇଛି ଓ ଏହା ଏକ ମସ୍‌ଜିଦ୍ ଥିଲା । ତେଣୁ କୌଣସି ଏପରି କାରଣ ନଥିଲା କି ଅହେମଦୀମାନେ ଏବେ ଏହାକୁ ବନାଇଛନ୍ତି । ତେଣୁ ଆମେ ଏ ମିନାରକୁ ଓ ଗୁମ୍ବଦକୁ ଭାଙ୍ଗିଦେବୁ ବୋଲି । ଦେଖନ୍ତୁ ସେହି ବିରୋଧି ମାନଙ୍କ ଅବସ୍ଥା କିପରି ଅତ୍ୟାଚାରରେ ବଢ଼ିଚାଲିଛି । ଏବେ ଏହା ମଧ୍ୟ ସେମାନେ ଉଚ୍ଚ ଶ୍ୱରରେ ଘୋଷଣା କରୁଥାନ୍ତି କି ଆମେ ମସଜିଦ୍‌କୁ ମଧ୍ୟ ନଷ୍ଟ କରିବୁ ଓ ଭାଙ୍ଗି ଚୁରମାର୍ କରିଦେବୁ । ସେଥିରୁ ଜଣେ ହେଉଛନ୍ତି ହାଫିଜ୍ ଓ ଗୋଟିଏ ରାଜନିତୀ ପାର୍ଟିର ସେ କାରି ଅଟନ୍ତି । କହିବାକୁ ତ ସେ ହେଉଛନ୍ତି ହାଫିଜ୍ କିନ୍ତୁ ପବିତ୍ର କୋରାନ୍‌ର ଶିକ୍ଷାର ଆତ୍ମା ଦ୍ୱାରା ସେ ସମ୍ପୂର୍ଣ୍ଣ ଖାଲି ଅଛନ୍ତି । କାରଣ ସେ ଅଲ୍ଲାଃତାଲାଙ୍କ ପ୍ରେରିତ ଖାତମୁନ୍ ଖୋଲଫା ଓ ଏ ଯୁଗର ହକମ୍ ଏବଂ ଅଦଲ୍ (ଉଚିତ୍ ନିର୍ଦ୍ଦେଶ ପ୍ରଦାନକାରୀ ଏବଂ ଉଚିତ୍ ନ୍ୟାୟ ପ୍ରଦାନକାରୀ)ଙ୍କ ଶତୃତାରେ ବଢ଼ିଯାଇଛନ୍ତି । ସେଇଥିଯୋଗୁ ପବିତ୍ର କୋରାନ୍‌ର ଶିକ୍ଷାରୁ ମଧ୍ୟ ଖାଲି ହୋଇଯାଇଛି । କେବଳ ଶବ୍ଦଗୁଡିକ ଶୁଆପରି ମନେରଖିଛନ୍ତି । ପବିତ୍ର କୋରାନ୍‌ର ଶିକ୍ଷା ଗୁଡିକୁ ବୁଝିବା ପାଇଁ ତାଙ୍କ ବୁଦ୍ଧିରେ ତାଲା ପଡ଼ିଯାଇଛି ଓ ଏହା ଅଲ୍ଲାଃତାଲାଙ୍କ ତରଫରୁ ଏକ ଦଣ୍ଡ କି ସେମାନେ ବୁଝିପାରିବେ ନାହିଁ । ହଁ ଫିତ୍‌ନା ଓ ଫସାଦ୍ (କୁକର୍ମ ଓ ଉପଦ୍ରବ)ର ଯେଉଁଠି ପ୍ରଶ୍ନ ଉଠୁଛି ସେଠାରେ ସେମାନଙ୍କର ବୁଦ୍ଧି ଖୋଲିଯାଉଛି । ଯେତେ ମାତ୍ରାରେ ଚାହଁ ସେତେ ମାତ୍ରାରେ ତାଙ୍କ ମାଧ୍ୟମରେ ଉପଦ୍ରବ କରାଇନିଅ । ଏଥିପାଇଁ ସେମାନେ ନୁଆ ନୁଆ କୌଶଳ ଉଦ୍ଭାବନ କରିନେବେ । ଏହି ସବୁ କଥାରେ ଆମେ ସେମାନଙ୍କର ମୁକାବିଲା କରିପାରିବୁ ନାହିଁ । ଏହା ହେଉଛି ସେମାନଙ୍କ ଅବସ୍ଥା । ନିଜ ମସ୍‌ଜିଦରେ ମଧ୍ୟ ଜଣେ ଅନ୍ୟଜଣକ ବିରୁଦ୍ଧରେ କହୁଛନ୍ତି ଓ ଫିତ୍‌ନା ଫସାଦ୍‌ର ଯୋଜନା କରି ନିଜ ମସ୍‌ଜିଦ୍‌କୁ ମଧ୍ୟ ଅପବିତ୍ର କରୁଛନ୍ତି ଏବଂ ଆମର ଯେଉଁ ମସ୍‌ଜିଦ୍ ରହିଛି ଯାହା ବିଶେଷ ରୂପେ ଅଲ୍ଲାଃତାଲାଙ୍କ ଉପାସନା ନିମନ୍ତେ ନିର୍ମାଣ କରାଯାଇଛି, ସେଗୁଡିକ ତାଲା ଲଗାଇ, ବନ୍ଦ୍ କରି ଓ ପୁଣି ଓ ଯୋଜନାବଦ୍ଧ ରୂପେ ଆକ୍ରମଣ ଦ୍ୱାରା କ୍ଷତି ପହଂଚାଇ ସେହି ମସ୍‌ଜିଦ୍ ଗୁଡିକୁ ଅପବିତ୍ର ମଧ୍ୟ କରୁଛନ୍ତି । ଏହା ହେଉଛି ସେମାନଙ୍କର ନିଜର ମନସ୍କାମନା । ଅର୍ଥାତ୍ ଦୀନ୍‌କୁ ଅଗ୍ରାଧିକାର ଦେବା । ଯେପର୍ଯ୍ୟନ୍ତ ଏମାନେ ହଜୁର ସ.ଆଙ୍କ ଭବିଷ୍ୟବାଣୀ ମୁତାବକ ଖିଲାପତ୍‌ର ବ୍ୟବସ୍ଥାକୁ ସ୍ୱୀକାର କରିବେ ନାହିଁ ସେପର୍ଯ୍ୟନ୍ତ ଏମାନେ ଏହିପରି ହରକତ୍ କରିଚାଲିଥିବେ ଏବଂ ସେମାନଙ୍କଠାରୁ କୌଣସି ପ୍ରକାରର ଉତମ ଆଚରଣର ଆଶା କରିବା ନିରର୍ଥକ ।

ହଁ ଜଣେ ଅଧେ ଭଦ୍ରଲୋକ ମଧ୍ୟ ଅଛନ୍ତି ଯେପରି ସିନେଟ୍‌ରେ ଜଣେ ମହିଳା ବହୁତ ସାହସର ସହିତ ଉକ୍ତ ବିଷୟ ଉପରେ ନିଜର ମନୋଭବ ପ୍ରକାଶ କଲେ ଓ ତାକୁ ଖଣ୍ଡନ ମଧ୍ୟ କଲେ । ଏବେ ଦେଖନ୍ତୁ ସେହି ବିଚାରି ମହିଳାଙ୍କ ମୌଲବୀ ମାନେ, ମୌଲବୀ ଗୁଣ ବିଶେଷ ଲୋକମାନେ ଓ ଯେଉଁ ସ୍ୱାର୍ଥବାଦୀ ରାଜନେତାମାନେ ଅଛନ୍ତି, ସେମାନେ କଣ ଅବସ୍ଥା କରୁଛନ୍ତି । ଏପର୍ଯ୍ୟନ୍ତ ଏହା ଦେଖିବାକ ମିଳୁଛି କି ସେହି (ମୁଲାମାନେ) ଏପରି ଭଦ୍ରବ୍ୟକ୍ତିଙ୍କ ପଛରେ ପଡ଼ିଯାଇଥାନ୍ତି । ଫଳତଃ ସେହି ଭଦ୍ରବ୍ୟକ୍ତିମାନେ ରାଜନୀତି ଛାଡ଼ିଦେଇଥାନ୍ତି ବା ପୁଣି କ୍ଷମା ପ୍ରାର୍ଥନା କରିଥାନ୍ତି ।

ଯେପର୍ଯ୍ୟନ୍ତ ଆମ ଭାବନାକୁ (କଷ୍ଟ ପହଂଚିବା କଥା ରହିଛି ତେବେ ଜାଣିରଖନ୍ତୁ) ସେମାନେ ହଜରତ ମସିହ ମଉଦ ଆ.ସଙ୍କ ସମୟର ଗୋଟିଏ ସ୍ମାରକ (ମସଜିଦ୍)କୁ କ୍ଷତି ପହଂଚାଇଛନ୍ତି ଏବଂ ପ୍ରଶାସନ ଏହାକୁ ନିଜ ଅଧିନସ୍ଥ କରିନେଇଛି କିନ୍ତୁ ଆମର ଉତର ପୂର୍ବପରି ସର୍ବଦା ଏହା ଅଟେ ଏବଂ ହେବା ଉଚିତ୍ କି **ଇନ୍ନମା ଅଶ୍‌କୁ ବସ୍‌ସି ଓ୍ୱ ହୁଜ୍‌ନି ଇଲଲ୍ଲାଃ** ଅର୍ଥାତ ମୁଁ ନିଜ ଦୁଃଖ ଓ କଷ୍ଟର ଅଭିଯୋଗ ଅଲ୍ଲାଃଙ୍କ ନିକଟରେ ଉପସ୍ଥାପନ କରୁଅଛି । ନିଃଶନ୍ଦେହ ଆମର ଉକ୍ତ ସ୍ମୃତି ସହ ଭାବନାତ୍ମକ ସମ୍ପର୍କ ରହିଛି କିନ୍ତୁ ହଜରତ ମସିହ ମଉଦ ଆ.ସଙ୍କ ସହ ଘନିଷ୍ଟ ସମ୍ପର୍କର ପ୍ରକାଶ କେବଳ ଅଟ୍ଟାଳିକାର ସୁରକ୍ଷା କରିବାରେ ନାହିଁ ବରଂ ଏହା ଆପଣଙ୍କ ଶିକ୍ଷା ମୁତାବକ ଅମଲ କରିବା ସହ ଜଡ଼ିତ ଏବଂ ଆପଣଙ୍କ ଅନ୍ତେ ଖିଲାଫତ୍‌ର ବ୍ୟବସ୍ଥା ସହ ଯୋଡ଼ି ହେବାରେ ଅନ୍ତର୍ନିହିତ । ସେହି ଜିନିଷ ହାସଲ କରିବାରେ ରହିଛି ଯାହା ଅଲ୍ଲାଃତାଲା ଖିଲାଫତ୍‌ର ପୁରସ୍କାରରୁ ଉପକୃତ ହେବା ନିମନ୍ତେ ଦର୍ଶାଇଛନ୍ତି । ନିଜ ଉପାସନାର ସ୍ତର ବୃଦ୍ଧି କରିବା, ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଲ କରିବା ଦ୍ୱାରା ତଥା ନିଜ ଆଜ୍ଞାକାରୀତାର ସ୍ତର ବୃଦ୍ଧି କରିବା ଦ୍ୱାରା ହାସଲ ହୋଇଥାଏ । ଅତଃ ଏଥିନିମନ୍ତେ ଆମକୁ ଚେଷ୍ଟା କରିବା ଉଚିତ୍ ।

ହଜରତ ମସିହ ମଉଦ ଆ.ସଙ୍କୁ କେହି ଜଣେ ପ୍ରଶ୍ନ କଲେ ଖଲିଫାଙ୍କ ଆଗମନର ଉଦ୍ଦେଶ୍ୟ କ'ଣ ରହିଛି ? ହଜୁର ଆ.ସ ଯେଉଁ ଉତର ଦେଲେ ତାହା ସର୍ବଦା ଆମ ସମ୍ମୁଖରେ ରହିବା ଉଚିତ୍ । ଆପଣ ଉତର ଦେଲେ 'ଇସ୍‌ଲାହ୍' ଅର୍ଥାତ୍ **ସୁଧାର** ହିଁ ଅସଲ ଉଦ୍ଦୋଶ୍ୟ ଓ ପୁଣି ଏହାର ସ୍ୱଷ୍ଟୀକରଣ ମଧ୍ୟ କଲେ କି "ଦେଖନ୍ତୁ ହଜ୍‌ରତ୍ ଆଦମ୍‌ଙ୍କ ଠାରୁ ମାନବ ଜାତିର ଶୁଭାରମ୍ଭ ହେଲା ଏବଂ ବହୁ ସମୟପରେ ଯେବେ ମନୁଷ୍ୟର କାର୍ଯ୍ୟକାରୀ ଅବସ୍ଥା ଦୁର୍ବଳ ହୋଇଗଲା ଓ ମନୁଷ୍ୟ ନିଜ ଜୀବନର ଅସଲ ଉଦ୍ଦେଶ୍ୟକୁ ଏବଂ ଖୁଦାତାଲାଙ୍କର ପୁସ୍ତକର ଅସଲ ଲକ୍ଷ୍ୟକୁ ଭୁଲିଯାଇ ହିଦାୟତ୍‌ର ମାର୍ଗରୁ ଦୂରେଇଗଲେ ସେତେବେଳେ ଅଲ୍ଲାଃତାଲା ତା କରୁଣା ଦ୍ୱାରା ଜଣେ ମାମୁର୍ (ନିୟୋଜିତ) ଓ ମୁର୍ସଲ୍ (ପ୍ରେରିତ ଦୂତ)ଙ୍କ ମାଧ୍ୟମରେ ଏ ସଂସାରର ମାର୍ଗ ଦର୍ଶନ କଲେ ଓ ମାନବଜାତିକୁ ପଥଭ୍ରଷ୍ଟତାର ଗାଡ଼ ଭିତରୁ ବାହାରକୁ ନେଇ ଆସିଲେ" । ପୁଣି ଆପଣ କହୁଛନ୍ତି କି "ଇଶ୍ୱର ତାର ଚମତ୍କାର ଦେଖାଇଲେ ଓ ଏକ ଉଜ୍ଜଳ ଦୀପ ପରି ଜ୍ଞାନର ଜ୍ୟୋତି ଏ ସଂସାରରେ ପୁନର୍ବାର ପ୍ରତିଷ୍ଠା ହେଲା ଯାହା ଇମାନ୍‌କୁ ଏକ ଜ୍ୟୋତିପୁର୍ଣ୍ଣ ଇମାନ୍‌ରେ ପରିବର୍ତନ କରିଦେଲା" ପୁଣି କହୁଛନ୍ତି କି " ସୁତରାଂ ଅଲ୍ଲାଃତାଲାଙ୍କର ସର୍ବଦା ଏହି ସୁନ୍ନତ୍ (କାର୍ଯ୍ୟ) ଚାଲିଆସିଛି" । ହଜ୍‌ରତ୍ ଆଦମ୍‌ଙ୍କ ଠାରୁ ନେଇ ଆଁ ହଜ୍‌ରତ୍ ସ:ଆ:ସଙ୍କ ପର୍ଯ୍ୟନ୍ତ ଏହା ଆମେ ଦେଖିଛେ । ଦେଖନ୍ତୁ ଅଲ୍ଲାଃତାଲାଙ୍କର ଏହି ସୁନ୍ନତ ଚାଲିଆସିଛି କି ଗୋଟିଏ ଯୁଗ ଅତିବାହିତ ହେବାପରେ ଯେତେବେଳେ ଲୋକେ ପୂର୍ବରୁ ଆସିଥିବା ନବୀମାନଙ୍କ ଶିକ୍ଷାକୁ ପାଶୋରିଯାଇ ସତ୍‌ପଥ, ବିଶ୍ୱାସରୂପକ ସମ୍ପତି ଓ ଜ୍ଞାନରୂପକ ଜ୍ୟୋତିକୁ ଭୁଲାଇ ଦିଅନ୍ତି ଓ ସଂସାରରେ ଅନ୍ଧକାର, ପଥଭ୍ରଷ୍ଟତା, ଉପଦ୍ରବ ଚତୁଃପାର୍ଶ୍ୱରେ ବିପଦପୂର୍ଣ୍ଣ ଭାବେ ବ୍ୟାପିଯାଏ ସେତେବେଳେ ଅଲ୍ଲାଃତାଲାଙ୍କର ବିଶେଷ ଗୁଣ ଗୁଡିକ ଜୋସ୍ ମାରିଥାନ୍ତି ଓ ଜଣେ ମହାନ୍ ବ୍ୟକ୍ତିବିଶେଷଙ୍କ ମାଧ୍ୟମରେ ଇଶ୍ୱରଙ୍କର ନାମ, ଏକେଶ୍ୱରବାଦ ଓ ଉତମ ଚରିତ୍ର ଗୁଡିକୁ ପୁଣି ନୂତନ ରୂପେ ସଂସାରରେ ତା ତରଫରୁ କାଏମ୍ କରି ଇଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ନିମନ୍ତେ ହଜାର ହଜାର ନିଦର୍ଶନ ଦ୍ୱାରା ଦିଆଯାଇଥାଏ । ଓ ଏପରି ହୋଇଥାଏ କି ହଜି ଯାଇଥିବା ଜ୍ଞାନ, ଧର୍ମପରାୟଣ ଓ ପବିତ୍ରତାକୁ ସେ ସଂସାରରେ ପ୍ରତିଷ୍ଠା କରିଦିଅନ୍ତି" । ଅତଏବ (ବର୍ତମାନ) ମୁସଲମାନମାନ ତଥା ଅଣମୁସଲମାନମାନ ଉଭୟଙ୍କ ମଧ୍ୟରେ ଧର୍ମନିଷ୍ଠତା ଓ ବିଶ୍ୱାସ ହଜିଯାଇଛି । ସେଥିପାଇଁ ଏହିଯୁଗରେ ଅଲ୍ଲାଃତାଲା ହଜୁର ସ.ଆଙ୍କ ଭବିଷ୍ୟବାଣୀ ମୁତାବକ ଅନ୍ତିମ ଖଲିଫାଙ୍କୁ ପ୍ରେରଣ କଲେ । ଆପଣ କହିଲେ ଏହି ପୁରାତନ ସୁନ୍ନତ ମୁତାବକ ଆମର ବ୍ୟବସ୍ଥା ପ୍ରଚଳିତ । (ମଲ୍‌ଫୁଜାତ୍, ଖଣ୍ଡ-୧୦, ପୃଷ୍ଠା-୨୭୪-୨୭୫, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ୍)

ସୁତରାଂ ଜମାତ୍ ଅହେମଦୀୟାର ପ୍ରତିଷ୍ଠା ମଧ୍ୟ ଏଇଥିପାଇଁ ହୋଇଛି କି ସେ ଅଲ୍ଲାଃଙ୍କ ଅସ୍ତିତ୍ୱର ପ୍ରମାଣ ଉପସ୍ଥାପନ କରିବ, ଏକେଶ୍ୱରବାଦର ପୁନଃପ୍ରତିଷ୍ଠା ତଥା ଉତମ ଚରିତ୍ରକୁ ସ୍ଥାପନ କରିବା ନିମନ୍ତେ ଏହି (ଜମାଅତ) ଗଠନ କରାଯାଇଛି । ଆମେ ଦେଖୁଅଛୁ କି ମୁସଲମାନମାନଙ୍କ ମଧ୍ୟରୁ ଅଧିକାଂଶ ଲୋକଙ୍କ ଅମଲ ଦୁର୍ବଳ ହୋଇଗଲାଣି । କବର ପୂଜା ତଥା ବିଭିନ୍ନ ପ୍ରକାରର କୁପ୍ରଥାରେ ସେମାନେ ଛନ୍ଦି ହୋଇଯାଇଛନ୍ତି । ମିଥ୍ୟା ଓ ଅପକର୍ମ (କରିବା) ସାମାନ୍ୟ କଥା ହୋଇଗଲାଣି । ଏବଂ ନିଜେ ସେମାନେ ଏକଥାକୁ ମାନୁଛନ୍ତି ମଧ୍ୟ ଓ ଏ ସମ୍ବନ୍ଧରେ ଖବରକାଗଜର ଲେଖ ବାହାରୁଛି । କିନ୍ତୁ ଯେପରିକି ମୁଁ କହିଲି । ଯେପରି ଅଲ୍ଲାଃତାଲା ଆଁ ହଜ୍‌ରତ୍ ସ:ଆ:ସଙ୍କ ଦାସତ୍ୱରେ ହିଦାୟତ୍ ଦେବାପାଇଁ ଓ ପଥଭ୍ରଷ୍ଟ ରୂପକ ଗାଡ଼ରୁ ବାହାର କରିବା ପାଇଁ ଯାହାକୁ ପଠାଇଛନ୍ତି ତାଙ୍କୁ ଏମାନେ ମାନିବାକୁ ପ୍ରସ୍ତୁତ ନୁହଁନ୍ତି (କାରଣ) ଛୋଟ ଛୋଟ ଶିରକ୍‌ରେ ସେମାନେ ମାତି ରହିଛନ୍ତି ଓ ଉତମ ଚରିତ୍ରର ନାମ ଲେସ ତାଙ୍କଠାରେ ମିଳେନାହିଁ । କିନ୍ତୁ ହଜରତ ମସିହ ମଉଦ ଆ.ସଙ୍କ ଅନ୍ତିମ ଉକ୍ତି ଯେପରିକି ମୁଁ କହିଆସିଲି କି ଆମକୁ ସର୍ବଦା ସତର୍କ ରହିବା ଉଚିତ୍ କି ଉକ୍ତ ପ୍ରାଚିନ ସୁନ୍ନତ ମୁତାବକ ଆମର ଏହି ଜମାଅତ ଗଠନ ହୋଇଛି । ଯେତେବଳେ ସମଗ୍ର ପୃଥିବୀରେ ମିଥ୍ୟା ଓ ଅପକର୍ମ ପ୍ରସାରିତ ହୋଇଥାଏ, ଉତମ ଚରିତ୍ର ସଂସାରରୁ ଉଠିଯାଇଥାଏ । ଓ ଲୋକମାନେ ଏକେଶ୍ୱରବାଦରୁ ଭୁଲିଯାଆନ୍ତି । ସେତେବେଳେ ଏହି ଶିର୍କ୍ ବ୍ୟାପିବା ଆରମ୍ଭ ହୋଇଯାଏ ଓ ଏହି ସମୟରେ ପୁଣି ଅଲ୍ଲାଃତାଲା ନିଜର ଜଣେ ପ୍ରିୟ (ଦୂତ) କୁ ପଠାଇଥାଆନ୍ତି, ଯିଏ ଏ ଧର୍ମକୁ ସାହାଯ୍ୟ କରନ୍ତି । ସୁତରାଂ ଯଦି ଆମେ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିବା ପରେ ନିଜ ଭିତରେ ପରିବର୍ତନ ଆଣୁ ନାହେଁ ତେବେ ଏହା ବେଶ୍ ଚିନ୍ତାର ବିଷୟ ଅଟେ ।

ଆମକୁ ପ୍ରତିମୂହୁର୍ତରେ ନିଜର ଅନୁଧ୍ୟାନ କରିବା ଆବଶ୍ୟକ କି ଅଲ୍ଲାଃତାଲା ଖିଲାଫତ୍ ସହ ସଂଶ୍ଲିଷ୍ଟ ପୁରସ୍କାର ହାସଲ କରିବା ନିମନ୍ତେ ଯେଉଁ କାର୍ଯ୍ୟ (ସମ୍ପାଦନ) କରିବାର ଉପଦେଶ ଦେଇଛନ୍ତି ସେଥି ମୁତାବକ ଆମେ ନିଜ ଜୀବନ ଅତିବାହିତ କରିବାକୁ ଚେଷ୍ଟା କରୁଅଛେ ନା ନାହିଁ । ଏହା ଦେଖିବା ଆବଶ୍ୟକ କି ଆମ ଉପାସନାର (ସ୍ତର) କିଭଳି ରହିଛି, ଆମ ନମାଜ, ଆମ କଥାବାର୍ତା କାର୍ଯ୍ୟକଳାପ ସମସ୍ତ ପ୍ରକାରର ଶିରକ୍‌ରୁ ପବିତ୍ର ରହିଛି ନା ନାହିଁ । ଧର୍ମ ମାର୍ଗରେ ଆମର ଅର୍ଥ ଦାନର ସ୍ତର କିଭଳି ରହିଛି, ଆମର ଆଜ୍ଞାକାରୀତା କେଉଁ ସ୍ତରର ଅଟେ ? କ'ଣ ଅଲ୍ଲାଃ ଓ ରସୁଲ ସ.ଆ ଯେଭଳି ଚାହୁଁଛନ୍ତି ଆମେ ସେହି ସ୍ତର ହାସଲ କରିପାରିଛେ । ପୁଣି ଏହି ଯୁଗରେ ହଜରତ ମସିହ ମଉଦ ଆ.ସ ଯେଉଁ ସ୍ତରରେ ନିଜ ମାନ୍ୟକାରୀମାନଙ୍କୁ ଦେଖିବାକୁ ଚାହୁଁଥିଲେ ସେହି ସ୍ତରରେ ପହଂଚିବାକୁ ଆମେ ଚେଷ୍ଟା କରୁଅଛେ କି ନାହିଁ ?

ଉପାସନା ଓ ନମାଜର ଗୁରୁତ୍ୱ ସମ୍ବନ୍ଧରେ ହଜରତ ମହମ୍ମଦ ସ.ଆ କୁହନ୍ତି କୟାମତ୍ ଦିବସରେ ଅଲ୍ଲାଃ ସର୍ବପ୍ରଥମେ ନିଜ ଭକ୍ତଙ୍କଠାରୁ ଯେଉଁ ଜିନିଷର ହିସାବ ନେବେ ତାହା ନମାଜ ଅଟେ । ଯଦି ଏହି ହିସାବ ଠିକ୍ ରହିଲା ତେବେ ସେ ସଫଳ ହୋଇଗଲା ଓ ମୋକ୍ଷ ପ୍ରାପ୍ତ କରିନେଲା କିନ୍ତୁ ଯଦି ତାହା ଖରାପ ରହିଲା ତେବେ ସେ ଅସଫଳ ହେଲା ଓ କ୍ଷତିରେ ପଡ଼ିଲା । ପୁଣି କହିଲେ କି ଯଦି ତା ଫର୍ଜ୍ (ଧାର୍ଯ୍ୟକାର୍ଯ୍ୟ)ରେ କିଛି କମି ରହିଯାଏ ତେବେ ଅଲ୍ଲାଃତାଲା କହିବେ ମୋ ଭକ୍ତଙ୍କର କିଛି ନଫିଲ୍ (ଅତିରିକ୍ତ ପୁଣ୍ୟ) ମଧ୍ୟ ଅଛି । ତେଣୁ ଯଦି ସେହି ନଫିଲ୍ ଅଛି ସେହି ନଫିଲ୍ ଦ୍ୱାରା ଫର୍ଜ୍‌ର ଯଦି କିଛି ଅଭାବ ରହିଛି, ତାହା ପୁରଣ କରିଦିଆଯାଉ । ଏହିପରି ତାର ସମସ୍ତ ଅନ୍ୟ କର୍ମଗୁଡିକ ଅନୁଶୀଳନ କରାଯିବ । (ସୁନନେ ତିରିମିଜି, କିତାବୁସ୍ ସଲାତ୍.......ହଦିସ୍ ନଂ-୪୧୩)

ତେଣୁ ଏହା ହେଉଛି ନମାଜର ଗୁରୁତ୍ୱ । ଆଜିକାଲି ରମ୍‌ଜାନ୍ ଯୋଗୁ ସମସ୍ତଙ୍କୁ ନମାଜ ପ୍ରତି ଓ ମସ୍‌ଜିଦ୍‌କୁ ଆସିବା ପ୍ରତି ବହୁତ ଧ୍ୟାନ ବଢ଼ିଯାଇଛି । କିନ୍ତୁ ଏହାକେବଳ ରମ୍‌ଜାନ୍ ମାସର କଥା ନୁହେଁ । ଅର୍ଥାତ୍ ଅଲ୍ଲାଃତାଲା କେବଳ ରମ୍‌ଜାନ୍ ମାସର ନମାଜ ବିଷୟରେ ପଚାରିବେ ନାହିଁ ବରଂ ସମ୍ପୂର୍ଣ୍ଣ ଜୀବନରେ ପାଠ କରିଥିବା ନମାଜର ହିସାବ ନିଆଯିବ । ତେଣୁ ଏହା ବହୁତ ଚିନ୍ତାର ବିଷୟ ଅଟେ ।

ଏହା ତ ଅଲ୍ଲାଃତାଲାଙ୍କର ନିଜ ଭକ୍ତଙ୍କ ପାଇଁ ରହିଥିବା ଅସିମୀତ ଅନୁଗ୍ରହ କି ସେ କହିଲେ ଫର୍ଜ୍‌ରେ ଯେଉଁ ଅଭାବ ରହିଯାଇଛି ଅର୍ଥାତ୍ ମନୁଷ୍ୟ ତାର ଦୁର୍ବଳତା ଯୋଗୁ, ମନୁଷ୍ୟ ପ୍ରକୃତିରେ ଏହା ଥାଏ, ତେଣୁ ବେଳେବେଳେ ସେ ଇଶ୍ୱରଙ୍କର ଅଧିକାରକୁ ଓ ଅନ୍ୟମାନଙ୍କ ଅଧିକାରକୁ ପ୍ରଦାନ କରିପାରେନା । ତେଣୁ ଅଲ୍ଲାଃତାଲା କହିଲେ କି ତା ନଫିଲ୍ ଜରିଆରେ, ଯାହାକି ସେ ଜୀବନସାରା ପ୍ରଦାନ କରିଛି, ତାହାଦ୍ୱାରା ଫର୍ଜ୍‌ର ଅଭାବକୁ ପୂରଣ କରିଦିଅ ।

ହଜରତ ଜାବିର୍ ର.ଅ ବର୍ଣ୍ଣନା କରିଛନ୍ତି ମୁଁ ହଜୁର ସ.ଆଙ୍କୁ କହୁଥିବାର ଶୁଣିଲି- ନମାଜକୁ ଛାଡ଼ିବା ମଣିଷକୁ ଶିରକ୍ ଓ ଅମାନ୍ୟ କରିବାର ନିକଟବର୍ତୀ କରିଦିଏ । (ସହି ମୁସ୍‌ଲିମ୍, କିତାବୁଲ୍ ଇମାନ୍....ହଦିସ୍ ନଂ-୨୪୬)

ଅତଏବ ଏହା ଅତ୍ୟନ୍ତ ଭୟ କରିବାର ସ୍ଥାନ ଅଟେ । ଶିରକ୍ କରିବା ଦୋଷ ଅଟେ ଯାହାକୁ ଅଲ୍ଲାଃ ଅତ୍ୟନ୍ତ ନାପସନ୍ଦ କରିଥାନ୍ତି । ଶିରକ୍‌କାରୀଙ୍କୁ ଅଲ୍ଲାଃ କଦାପି କ୍ଷମା ଦେଇ ନଥାନ୍ତି କ'ଣ ଆମେ ଏଭଳି ଦୋଷର ଭାଗୀଦାର ହୋଇ ଅଲ୍ଲାଃଙ୍କ ପୁରସ୍କାର ଓ ଖିଲାଫତ୍‌ର କୃପାରୁ ଲାଭ ଉଠାଇପାରିବା ? କଦାପି ନୁହେଁ ।

ନମାଜ କିଭଳି ପାଠ କରିବା ଉଚିତ୍ ତାହାର ସତ୍ୟାସତ୍ୟ ଓ ଆତ୍ମାର ସ୍ତର ନିର୍ଦ୍ଧାରଣ କରି ହଜରତ ମସିହ ମଉଦ ଆ.ସ କୁହନ୍ତି- କେତେକ ଲୋକ ମସଜିଦ୍ ଯାଇଥାନ୍ତି, ନମାଜ ପାଠ କରିଥାନ୍ତି ଏବଂ ଇସଲାମର ଅନ୍ୟାନ୍ୟ ଆଦେଶ ମଧ୍ୟ ପାଳନ କରିଥାନ୍ତି କିନ୍ତୁ ସେମାନଙ୍କ ସହ ଅଲ୍ଲାଃତାଲାଙ୍କ ସାହାଯ୍ୟ ଓ ଅନୁକମ୍ପାର ହାତ ରହିନଥାଏ ଏବଂ ସେମାନଙ୍କ ଚରିତ୍ର ଓ ଆଚରଣରେ କୌଣସି ପ୍ରକାରର ପରିବର୍ତନ ପରିଲକ୍ଷିତ ହୋଇନଥାଏ । (ନମାଜ ପଢୁଥିବା ଲୋକମାନଙ୍କର ଚରିତ୍ର ଏବଂ ଅଭ୍ୟାସରେ ମଧ୍ୟ ଏକ ପରିବର୍ତନ ଦୃଷ୍ଟିଗୋଚର ହେବା ଉଚିତ୍) "ଏଥିରୁ ଜଣାପଡୁଛି କି ସେମାନଙ୍କର ଉପାସନା ମଧ୍ୟ ଏକପ୍ରକାର

ପ୍ରଥା ଥିଲା । ଏବଂ ଏହାର ବାସ୍ତବିକତା ସହିତ କୌଣସି ସମ୍ପର୍କ ନାହିଁ । **କାରଣ ଅଲ୍ଲାଃଙ୍କ ଆଦେଶ ପାଳନ କରିବା ଏକ ବୀଜ (ମଞ୍ଜି) ପରି ଅଟେ । ଯାହାର ପ୍ରଭାବ ଆତ୍ମା ଓ ଶରୀର ଉପରେ ପଡ଼ିଥାଏ ।** ଯଦି ମଞ୍ଜୀ ଅଛି ତେବେ ଏହା ଆତ୍ମା ଉପରେ ପ୍ରଭାବ ପକାଇବ । ଯେଉଁପରି ଗଛ ଲଗାଇବ ସେହିପରି ଗଛ ଉଠିବ । ସେହିଭଳି ଆମ ଆତ୍ମାରେ ମଧ୍ୟ ଓ ଶରୀରରେ ମଧ୍ୟ ଓ ବାହ୍ୟ ଚରିତ୍ରରେ ମଧ୍ୟ ନମାଜର ପ୍ରଭାବ ଦୃଷ୍ଟିଗୋଚର ହୋଇଥାଏ । ସେ ପୁଣି କହୁଛନ୍ତି କି ଜଣେ ଚାଷୀ ଯେ ଜଳ ସିଂଚନ କରିବା ପରେ ବେଶ୍ ପରିଶ୍ରମର ସହିତ ନିଜ କ୍ଷେତରେ ମଞ୍ଜି ବୁଣିଥାଏ ଯଦି ପରବର୍ତ୍ତୀ ସମୟରେ ସେଥିରୁ ଅଙ୍କୁରୋଦଗମ ହୋଇନଥାଏ ତେବେ ସ୍ୱୀକାର କରିବାକୁ ପଡ଼େ ଯେ, ବୀଜ ଖରାପ ଥିଲା । ଏହି ଅବସ୍ଥା ଇବାଦତ୍ ଅର୍ଥାତ୍ ଉପାସନାର ମଧ୍ୟ ହୋଇଥାଏ । ଯଦି ଜଣେ ବ୍ୟକ୍ତି ଖୁଦାଙ୍କୁ ଏକ ଓ ଅଦ୍ୱିତୀୟ ବୋଲି ଜାଣି ନମାଜ ପାଠ କରେ, ରୋଜା ରଖେ ଓ ଅନ୍ୟାନ୍ୟ ଈଶ୍ୱରଙ୍କ ନିର୍ଦ୍ଦେଶାବଳୀ ଉପରେ ଯଥା ସମ୍ଭବ ପାଳନ କରିବା ପାଇଁ ଚେଷ୍ଟା କରେ ଓ ଏହା ପ୍ରତିବଦଳରେ ଯଦି ଖୁଦାଙ୍କ ତରଫରୁ କୌଣସି ବିଶେଷ ସାହାଯ୍ୟ ଓ ସହଯୋଗ ହୁଏନାହିଁ ତେବେ ଏହା ମାନିବାକୁ ପଡ଼ିବ ଯେ ସେ ଯେଉଁ ମଞ୍ଜି ବୁଣିଥିଲା, ତାହା ଖରାପ ଅଟେ । (ମଲ୍‌ଫୁଜାତ୍, ଖଣ୍ଡ-୧୦, ପୃଷ୍ଠା-୪୩, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ହଜୁର ଅନଓ୍ୱର ଅ.ବ କହିଲେ- **ତେବେ ଏହି ତଥ୍ୟକୁ ଆମକୁ ସର୍ବଦା ନିଜ ସମ୍ମୁଖରେ ରଖିବା ଉଚିତ୍ କି ନିଜ ଉପାସନା, ଚରିତ୍ର ଓ ଆଚରଣରେ ସୁଧାର ଆଣିବା ଅଲ୍ଲାଃଙ୍କ ନିକଟବର୍ତ୍ତୀ କରିଥାଏ ।** ଯଦି ଆମର ସ୍ତର ଉତମ ହେଉଥିବ ତେବେ ଏହାର ଅର୍ଥ ହେଉଛି କି ଆମକୁ ନମାଜ ପଢ଼ିବା ଲାଭ ଦେଉଛି ଓ ଆମେ ଅଲ୍ଲାଃତାଲାଙ୍କ ନିକଟତର ହେଉଅଛେ ଓ ଯଦି ଆମର ଅବସ୍ଥାରେ କୌଣସି ପରିବର୍ତ୍ତନ ପରିଲକ୍ଷିତ ହେଉନାହିଁ ତେବେ ଅଲ୍ଲାଃତାଲାଙ୍କର ସାନିଧ ମଧ୍ୟ ଆମକୁ ହାସଲ ହେଉନାହିଁ ଓ ଆମ ନମାଜ ଆମକୁ କୌଣସି ଲାଭ ପ୍ରଦାନ କରୁନାହିଁ ।

ହଜରତ ମସିହ ମଉଦ ଆ.ସ ନମାଜର ସତ୍ୟାସତ୍ୟ ସମ୍ବନ୍ଧରେ ବର୍ଣ୍ଣନା କରି କୁହନ୍ତି- ନମାଜ କ'ଣ ଅଟେ ? ତାହା ଦୁଆ କରିବା ଅଟେ ଯେଉଁଥିରେ ଅଲ୍ଲାଃଙ୍କ ପ୍ରଶଂସା, ଗୁଣଗାନ ତଥା ନମ୍ରତାର ସହିତ କ୍ଷମା ପ୍ରାର୍ଥନା ଓ ଦରୁଦ୍ ପାଠ କରାଯାଇଥାଏ । ତେଣୁ ଯେବେ ତୁମେ ନମାଜ ପାଠ କର ସେତେବେଳେ ଅଚେତ ଲୋକଙ୍କ ପରି ନିଜ ପ୍ରାର୍ଥନାରେ କେବଳ ଆରବୀ ଶବ୍ଦଗୁଡ଼ିକ ପଢ଼ିବାରେ ସିମୀତ ରୁହନାହିଁ" (ଅର୍ଥାତ୍ ଆରବୀ ତୁମର ଭାଷା ନୁହେଁ, ତେଣୁ ଯେଉଁମାନେ ଆରବୀ ଜାଣିନାହାଁନ୍ତି ସେମାନେ ଏଥିରେ ସିମୀତ ନରୁହନ୍ତୁ । କାରଣ ସେଥିଯୋଗୁ ହୃଦୟରେ କୌଣସି ଭାବ ସୃଷ୍ଟି ହୋଇନଥାଏ) । ପୁଣି କହୁଛନ୍ତି କି "ଯେହେତୁ ସେମାନଙ୍କର ନମାଜ ଓ ସେମାନଙ୍କର ଇସ୍‌ତେଗ୍‌ଫାର୍ ସବୁ ଏକ ପ୍ରଥା ଅଟେ ତା ସହିତ କୌଣସି ବାସ୍ତବିକତା ନାହିଁ । ଅତଏବ ଯେତେବେଳେ ନମାଜ ପାଠ କର କୁରଆନ୍‌ର ପଙ୍‌କ୍ତି ପାଠ କରିବା ତଥା ଧାର୍ଯ୍ୟ ଦୁଆ ଯାହାକି ହଜୁର ସ.ଆ ନିୟମିତ ଭାବରେ କରୁଥିଲେ, ତାହା କରିବା ବ୍ୟତୀତ ବାକି ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦୁଆ ନିଜ ଭାଷାରେ ଅତ୍ୟନ୍ତ ନମ୍ରତାର ସହିତ କର ଯେପରି ତୁମ ହୃଦୟରେ ଉକ୍ତ ନମ୍ରତାର ପ୍ରଭାବ ବାକି ରହିବ । (କଶ୍‌ତିନୁହ୍, ରୁହାନି ଖଜାଏନ୍, ଖଣ୍ଡ-୧୯, ପୃଷ୍ଠା-୬୮-୬୯)

ଆପଣ ଆହୁରି କୁହନ୍ତି ନମାଜ ଏକ ଏପରି ମାଧ୍ୟମ ଯଦ୍ୱାରା ଆକାଶ ମଣିଷ ଉପରକୁ ଢଳି ଯାଇଥାଏ । ନମାଜର କର୍ତ୍ତବ୍ୟ ସମ୍ପାଦନକାରୀ ମନେକରିଥାଏ କି ମୁଁ ଜୀବିତ ନାହିଁ ଏବଂ ମୋ ଆତ୍ମା ତରଳି ଅଲ୍ଲାଃଙ୍କ ଆଡ଼କୁ ବହିଚାଲିଇଛି । **ଯେଉଁ ଘରେ ଏପରି ନମାଜ ପାଠ କରାଯାଏ ସେହି ଘର କଦାପି ଧ୍ୱଂସ ହୋଇନଥାଏ ।** ହଦିସ୍‌ରେ ଆସୁଛି କି ଯଦି ନୁହ୍ ଆ:ସଙ୍କ ସମୟରେ ଏହି ନମାଜ ଥାଆନ୍ତା ତେବେ ତାଙ୍କ କୌମ୍ କେବେ ଧ୍ୱଂସ ହୋଇନଥାନ୍ତେ" । ଆପଣ କହୁଛନ୍ତି କି "ହଜ୍ କରିବା ପାଇଁ ମଧ୍ୟ ସର୍ତ୍ତାବଳୀ ଅଛି" । (ଅର୍ଥାତ୍ କିଛି ସର୍ତ୍ତାବଳୀ ଅନୁସାରେ ହଜ୍ କରାଯାଏ । ଏହା ପ୍ରତ୍ୟେକ ବ୍ୟକ୍ତିଙ୍କ ଉପରେ ଧାର୍ଯ୍ୟ ନାହିଁ) "ରୋଜା ରଖିବା ପାଇଁ ମଧ୍ୟ ସର୍ତ୍ତ ରହିଛି" (ଅର୍ଥାତ୍ ଯେପରି ରୋଗୀ, ମୁଷାଫିର୍ ସେମାନଙ୍କ ପାଇଁ ଧାର୍ଯ୍ୟ ନାହିଁ, ସେମାନେ ପରେ ରଖିପାରିବେ) । "ଜକାତ୍ ଦେବାରେ ମଧ୍ୟ ସର୍ତ୍ତ ଅଛି" (ଯାହାଙ୍କ ପାଖରେ ଧନ ଅଛି ସେମାନେ ଜକାତ୍ ଦେଇଥାନ୍ତି) "କିନ୍ତୁ ନମାଜ ପଢ଼ିବାରେ କୌଣସି ସର୍ତ୍ତ ନାହିଁ । ନମାଜ ବ୍ୟତୀତ ବାକି ସବୁ ବର୍ଷକରେ ଥରେ) "କିନ୍ତୁ ଏହି (ନମାଜ) ର ନିର୍ଦ୍ଦେଶ ପ୍ରତ୍ୟେକ ଦିନ ପାଂଚଥର ପଢ଼ିବା ପାଇଁ ରହିଛି । ସେଥିପାଇଁ ଯେପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ରୂପେ ନମାଜ ପଢ଼ାନଯାଇଛି ସେପର୍ଯ୍ୟନ୍ତ ତାର ଫଳ ମଧ୍ୟ ମିଳିବ ନାହିଁ ଓ ନା ଏହି ବୟତର କିଛି ଲାଭ ମିଳିବ" (ମଲ୍‌ଫୁଜାତ୍, ଖଣ୍ଡ-୬, ପୃଷ୍ଠା-୪୨୧-୪୨, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଆପଣ କହୁଛନ୍ତି କି ଯେପର୍ଯ୍ୟନ୍ତ ପୁରା ନମାଜ ନହେବ ସେହି ବର୍‌କତ୍ ମଧ୍ୟ ମିଳିବ ନାହିଁ, ଯାହା ନମାଜ ଦ୍ୱାରା ମିଳିବାକୁ ଥାଏ । ପୁଣି ଆପଣ କହୁଛନ୍ତି ନା ଏହି ବୟତର କିଛି ଲାଭ ମିଳିବ, ଯାହା ତୁମେମାନେ ମୋ ସହିତ କରିଅଛ । ତେଣୁ ଏହା ହେଉଛି ସେହି ସ୍ତର ଯାହାକୁ ହାସଲ କରିବା ପାଇଁ ଆମକୁ ଚେଷ୍ଟା କରିବା ଉଚିତ୍ ।

ପୁଣି ଅଲ୍ଲାଃତାଲା କୁହନ୍ତି ଶିରକ୍ କରିବାରୁ ନିବୃତ ରୁହ । ଏ ସମ୍ବନ୍ଧରେ ଗୋଟିଏ ରିଓ୍ୱାୟତ୍ ଆସୁଛି କି ଆଁ ହଜ୍‌ରତ୍ ସ:ଆ:ସଙ୍କୁ ନିଜ ଉମ୍ମତ୍ ଶିର୍କ୍ କରିନେବେ ବୋଲି ଡରଉଥିଲା । ସୁତରାଂ ଗୋଟିଏ ହଦିସ୍ ଅଛି କି ଅବାଦାବିନ୍ ନସି ଆମକୁ ଶଦ୍‌ଦାଦ୍ ବିନ୍ ଅସ୍‌ଙ୍କ ସମ୍ପର୍କରେ ବତାଇଲେ କି ସେ ଏକଦା କାନ୍ଦୁଥିଲେ । ଯେତେବେଳେ ତାଙ୍କୁ ପଚରାଗଲା କି କାହିଁକି କାନ୍ଦୁଛ ଏଥିରେ ସେ କହିଲେ କି ମୋତେ ଏପରି ଏକ କଥା ମନେପଡ଼ିଗଲା ଯାହା ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କ ଠାରୁ ଶୁଣିଥିଲି । ସେଥିଯୋଗୁ ମୋତେ କାନ୍ଦମାଡ଼ିଲା । ମୁଁ ରସୁଲ୍ ସ:ଆ:ସଙ୍କଠାରୁ ଶୁଣିଥିଲି କି ଆପଣ ସ:ଆ:ସ କହିଲେ ଯେ ମୁଁ ମୋ ଉମ୍ମତ୍ ସମ୍ପର୍କରେ ଶିର୍କ୍ (ଅନେକେଶ୍ୱରବାଦ ଅର୍ଥାତ୍ ଅଲ୍ଲାଃଙ୍କ ସମକକ୍ଷ ଆଉକାହାକୁ କରିବା) ଏବଂ ଲୁକ୍କାୟିତ କାମନା ବିଷୟରେ ଡରୁଅଛି । ରାଓ୍ୱି କହୁଛନ୍ତି ମୁଁ ପଚାରିଲି ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ କଣ ଆପଣଙ୍କ ଉମ୍ମତ୍ ଆପଣଙ୍କ ପରେ ଶିର୍କ୍ କରିବେ ? ଏଥିରେ ଆପଣ ସ:ଆ:ସ କହିଲେ ହଁ । ସେମାନେ ସୂର୍ଯ୍ୟ, ଚନ୍ଦ୍ର, ପିତୁଳା ଓ ପଥରକୁ ତ ପୂଜା କରିବେ ନାହିଁ କିନ୍ତୁ ନିଜ କାର୍ଯ୍ୟପାଇଁ ଗର୍ବ କରିବେ ଓ ଲୋକଦେଖାଣିଆ ରୂପେ କରିବେ । (ତାଙ୍କ କାର୍ଯ୍ୟରେ ଧୋକା ଥିବ ଓ କୃତ୍ରିମ କାର୍ଯ୍ୟ ଥିବ) ଓ ଲୁକ୍କାୟିତ କାମନାରେ ସେ ମଜିଯିବେ । ଯଦି ସେମାନଙ୍କ ମଧ୍ୟରୁ କେହି ରୋଜା ରଖି ସକାଳ କରିବ ଓ ପୁଣି ତାର କୌଣସି ଇଛା ସେହି ରୋଜାର ବାଧକ ହେବ ତେବେ ସେ ସେହି ରୋଜାକୁ ପରିତ୍ୟାଗ କରି ନିଜ କାମନାକୁ ଚରିତ୍ରାର୍ଥ କରିବ" । (ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଖଣ୍ଡ-୫, ପୃଷ୍ଠା-୮୩୫, ହଦିସ୍-୧୭୨୫୦....)

ଅର୍ଥାତ୍ ସେ ରୋଜାର ପରବାୟ କରିବ ନାହିଁ । ପ୍ରକାଶ୍ୟରେ ସେ ରୋଜାଦାର ଥିବ । ପଛଥର ମଧ୍ୟ ମୁଁ ଗୋଟିଏ ଘଟଣା ଶୁଣାଇଥିଲି କି ମା' ବାପାଙ୍କ ପାଇଁ ଆମେ ରୋଜା ରଖୁଛେ । କିନ୍ତୁ ଦ୍ୱିପ୍ରହରରେ ଯାଇ ବଜାରରେ କିଛି ଖାଇନେଉଛେ ଓ ପୁଣି ସନ୍ଧ୍ୟାବେଳକୁ ବହୁତ ସନ୍ତର୍ପଣର ସହିତ ଘରର ସଦସ୍ୟମାନଙ୍କ ସହିତ ବସି ଇଫ୍‌ତାରି କରୁଛେ । ଯେପରି ପୁରାଦିନ ଆମେ ସମସ୍ତଙ୍କଠାରୁ ବଡ଼ ରୋଜାଦାର ଅଛୁ । ତ ଏହା ହେଉଛି କିଛି ଲୋକଙ୍କର ଅବସ୍ଥା । ଏଠିକାର ଖବରକାଗଜ ଗୁଡ଼ିକ ଗୋଟିଏ ଆର୍ଟିକିଲ୍ ଲେଖିଛନ୍ତି ଓ ଏଥିରେ ବର୍ଣ୍ଣନା ମଧ୍ୟ କରିଛନ୍ତି, ଯାହାକୁ ମୁଁ ପଛ ସପ୍ତାହରେ ବତାଇଥିଲି ।

ତେଣୁ ବହୁତ ଭୟର ସ୍ଥାନ ଯଦି ଆମେ ଗଭୀରତାର ସହିତ ନିଜର ଅନୁଶୀଳତନ କରିବା ତେବେ ଲୁଚି ରହିଥିବା ଛୋଟ ଛୋଟ ଶିର୍କ୍ ଆମ ଭିତରେ ବହୁତ ଦୃଷ୍ଟିଗୋଚର ହେବ । ଆମ ନମାଜଗୁଡ଼ିକ ମଧ୍ୟ ବେଳେବେଳେ ନିଜ ଇଛାର ଅନୁସରଣ କରିବା ଯୋଗୁଁ ଛାଡ଼ିଯାଇଥାଏ ଓ ଆମର ରୋଜା ମଧ୍ୟ ସାଂସାରିକ କାରଣ ଯୋଗୁ ବାକି ରହିଯାଏ । ମୋତେ ଜଣେ ଯୁବକ ମିଳିଲେ । ସେ କହିଲେ-ମୁଁ ପିଜାର କାରବାର କରୁଛି । ଓ ପିଜା ବନାଇବା ବେଳେ ଏହାକୁ ଚାଖିବାକୁ ହୁଏ, ସେଇଥିପାଇଁ ମୁଁ ରୋଜା ରଖୁନାହିଁ ବା କିଛି ରୋଜା ଛାଡ଼ି ଦେଇଛି । ଏଥିରେ କେବଳ ଇନ୍ନାଲିଲ୍ଲାଃ ପଢ଼ାଯାଇପାରିବ କି ଆମେ ଅହେମଦୀ ହୋଇ ଏହିଭଳି କାର୍ଯ୍ୟ କରିବା । ତାକୁ କିଛି ଅନୁଭବ ହେଲା ନା ନାହିଁ । କିନ୍ତୁ ଏହିଭଳି କିଛି ଲୋକଙ୍କର କଥା ଶୁଣି ମୋତେ ବହୁତ ଲାଜ ଲାଗେ । ଅଲ୍ଲାଃତାଲାଙ୍କ ପୁରସ୍କାରକୁ ହାସଲ କରିବାର ଦାବି ତ ଆମେ କରୁଛେ । କିନ୍ତୁ ଯଦି ତା ନିର୍ଦ୍ଦେଶାବଳୀରେ ଦୁରେଇଯାଉଛେ ତେବେ ଏହି ଦାବି ମଧ୍ୟ ମିଥ୍ୟା ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି କି ଖୁଦାତାଲା ପବିତ୍ର କୋରାନ୍‌ରେ କହୁଛନ୍ତି- **ଓ୍ୱୟଗ୍‌ଫିରୁ ମାଦୁନା ଜାଲିକା** ଅର୍ଥାତ (ଅଲ୍ଲାଃ) ପ୍ରତ୍ୟେକ ଦୋଷ କ୍ଷମା କରିଦେବେ କିନ୍ତୁ ଶିରକ୍ ନୁହେଁ । ସୁତରାଂ ଶିରକ୍‌ର ନିକଟକୁ ଯାଅ ନାହିଁ ଏବଂ ତାହାକୁ ବାରଣ କରାଯାଇଥିବା ବୃକ୍ଷ ରୂପେ ମଣ" । (ତୋହଫା ଗୋଲଡୁଓ୍ୱିଆ, ରୁହାନି ଖଜାଏନ୍, ଖଣ୍ଡ-୧୭, ପୃଷ୍ଠା-୩୨୩-୩୨୪, ହାଦିୟା)

ଏବେ ଯେଉଁଠି ଶିର୍କ୍‌ର କଥା ହେଉଅଛି ସେ ସମ୍ବନ୍ଧରେ ଆପଣ ଆ:ସ କହୁଛନ୍ତି – "ଏକେଶ୍ୱରବାଦ କେବଳ ଏହା ନୁହେଁ କି ମୁହଁରୁ **ଲାଇଲାହା ଇଲଲ୍ଲାଃ** କହିଦେବା ଏବଂ ହୃଦୟରେ ସହଶ୍ର ପ୍ରତିମୂର୍ତ୍ତି ଜମା କରି ରଖିଥିବା । ବରଂ ଯେଉଁବ୍ୟକ୍ତି ନିଜର କୌଣସି କାର୍ଯ୍ୟ ଓ ସଡ଼ଯନ୍ତ୍ର, ଯୋଜନା ଓ ଉପାୟକୁ ଅଲ୍ଲାଃଙ୍କ ପରି ସମ୍ମାନ ଦିଏ କିମ୍ବା କୌଣସି ବ୍ୟକ୍ତି ବିଶେଷ ଉପରେ ଭରଷା କରେ ଯେପରିକି ଅଲ୍ଲାଃଙ୍କ ଉପରେ ଭରଷା କରାଯାଇଥାଏ କିମ୍ବା ନିଜକୁ ଅଲ୍ଲାଃଙ୍କ ପରି ଶ୍ରେଷ୍ଠ ମଣୁଥାଏ ତେବେ ଏସବୁ ଅଲ୍ଲାଃଙ୍କ ନିକଟରେ ବୁତ୍ ପରସ୍ତ୍ ଅର୍ଥାତ୍ ପ୍ରତିମା ପୂଜା କରିବା ଅଟେ" । ଏହା ହେଉଛି ସେହି ହଦିସ୍‌ର ସ୍ୱଷ୍ଟିକରଣ । "ପ୍ରତିମା ପୂଜା କେବଳ ତାହା ନୁହେଁ ଯାହା ସୁନା,ରୂପା, ପିତଳ ବା ପଥର ଦ୍ୱାରା ନିର୍ମାଣ କରାଯାଏ ଓ ତା ଉପରେ ଭରଷା କରାଯାଇଥାଏ । ବରଂ ପ୍ରତ୍ୟେକ ଜିନିଷ ବା କଥା ବା କାର୍ଯ୍ୟ ଯାହାକୁ ଏପରି ମାନ୍ୟତା ଦିଆଯାଇଥାଏ, ଯାହା କେବଳ ଖୁଦାତାଙ୍କର ହିଁ ଅଧିକାର, ସେ ସବୁ ଖୁଦାତାଲାଙ୍କ ଦୃଷ୍ଟିରେ ବୁତ୍ ଅର୍ଥାତ୍ ଠାକୁର ଅଟନ୍ତି" । (ସିରାଜୁଦ୍ଦିନ୍ ଇସାଇଙ୍କ ଚାରିଗୋଟି ପ୍ରଶ୍ନର ଉତର ରୁହାନି ଖଜାଏନ୍ ଖଣ୍ଡ-୧୨, ପୃଷ୍ଠା-୩୪୯

ସୁତରାଂ ବହୁତ ସୂକ୍ଷ୍ମତାର ସହିତ ଆମକୁ ନିଜର ଅନୁଧ୍ୟାନ ଓ ଅନୁସରଣ କରିବା ଆବଶ୍ୟକ ।

ପୁଣି ଖିଲାଫତ୍‌ର ପୁରସ୍କାର ଲାଭ କରିଥିବା ଲୋକଙ୍କ ନିମନ୍ତେ ଜକାତ୍ ଓ ଅର୍ଥବ୍ୟୟ କରିବା ଧାର୍ଯ୍ୟ ରହିଛି । ହଦିସ୍‌ରେ ଦରଜ ଅଛି ହଜରତ ଇବନେ୍ ମସଉଦ୍ ର.ଅ ବର୍ଣ୍ଣନା କରିଛନ୍ତି ହଜୁର ସ.ଆ କହିଲେ ଦୁଇ ଜଣ ବ୍ୟକ୍ତିଙ୍କ ବ୍ୟତୀତ କାହା ଉପରେ ଈର୍ଷା କରିବା ଉଚିତ୍ ନୁହେଁ ଜଣେ ସେହି ବ୍ୟକ୍ତି ଯାହାକୁ ଅଲ୍ଲାଃତାଲା ଅର୍ଥ ପ୍ରଦାନ କରନ୍ତି ଏବଂ ସେ ତାହାକୁ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିଦିଏ ଏବଂ ଆଉ ଜଣେ ହେଉଛି ସେ ଯାହାକୁ ଅଲ୍ଲାଃ ବୁଦ୍ଧି, ଜ୍ଞାନ ଓ ବୁଝାମଣାର ଶକ୍ତି ପ୍ରଦାନ କରିଥାନ୍ତି ଏବଂ ସେ ତାହା ସାହାଯ୍ୟରେ ଲୋକମାନଙ୍କ ନିଷ୍ପତି କରେ ତଥା ସେମାନଙ୍କୁ ଶିକ୍ଷା ଦେଇଥାଏ । (ସହି ବୁଖାରୀ, କିତାବୁଲ୍ ଇଲମ୍.....ହଦିସ୍-୭୩)

ପୁଣି ହଜ୍‌ରତ୍ ହସନ୍ ବର୍ଣ୍ଣନା କରୁଛନ୍ତି କି ରସୁଲୁଲ୍ଲାଃ ସ:ଆ:ସ କହିଲେ କି ନିଜ ଧନସମ୍ପତିକୁ ଜକାତ୍ ଦେଇ ସୁରକ୍ଷିତ କରିଦିଅ ଓ ନିଜର ରୋଗ ଗୁଡ଼ିକର ଉପଚାର ସଦକାତ୍ ମାଧ୍ୟମରେ କର" । (ଅଲ୍‌ଜାମେ ଲେ ସୋଅବିଲ୍ ଇମାନ୍, ଖଣ୍ଡ-୫, ପୃଷ୍ଠା-୧୮୫, ହଦିସ୍ ନଂ-୩୨୮୦......) ଅର୍ଥାତ୍ ଜକାତ୍ ଏବଂ ସଦକାତ୍ ଏହି ଦୁଇଟି ମାଲି କୁର୍ବାନୀ ପ୍ରତି ଧ୍ୟାନ ଆକର୍ଷଣ କରାଇଲେ ।

ତେଣୁ ଜକାତ୍ ଯାହା ପାଇଁ ଧାର୍ଯ୍ୟ ହୋଇସାରିଛି ସେ ଜକାତ୍ ଦେବେ ଯେପରିକି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଲେ ଯେ ପ୍ରତ୍ୟେକ ବ୍ୟକ୍ତି ଉପରେ ଏହା ଧାର୍ଯ୍ୟ ହୋଇନଥାଏ । କିନ୍ତୁ ଯାହା ଉପରେ ଧାର୍ଯ୍ୟ ନାହିଁ ସେମାନଙ୍କ ପାଇଁ ମଧ୍ୟ ଏଠାରେ ଉପଦେଶ ଦିଆଯାଇଛି କି ସଦକାତ୍ ପ୍ରତି ଧ୍ୟାନ ଆକର୍ଷଣ କରନ୍ତୁ ଓ ଦୁଃଖୀ ଦରିଦ୍ରଙ୍କ ଆବଶ୍ୟକତାକୁ ଧ୍ୟାନ ରଖନ୍ତୁ । ତେଣୁ ଏଠି ଯେଉଁଠି ଅଭାବି ଲୋକଙ୍କ ଆବଶ୍ୟକତା ପ୍ରତି ଧ୍ୟାନ ଆକର୍ଷଣ କରାଯାଇଛି ଯାହା ବହୁତ ଜରୁରୀ ଅଟେ ସେଠାରେ ଏକତା ସୃଷ୍ଟି କରିବା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରାଯାଇଛି । କାରଣ ଜକାତ୍ ଏବଂ ମାଲ୍ ଖର୍ଚ୍ଚ କରିବା ସଠିକ୍ ରୂପେ ଖିଲାଫତ୍ ଅନ୍ତର୍ଗତ ହିଁ ହୋଇପାରିବ । ଜମାତ୍‌ର ନିଜାମ ମଧ୍ୟ ରହିଛି । ଯେଉଁଠାରେ ଅଭାବି ଲୋକମାନଙ୍କର ସଠିକ୍ ବ୍ୟବସ୍ଥା ହୋଇପାରିବ । ଏବଂ ଜମାତ୍ ଗୁଡ଼ିକୁ ଆବଶ୍ୟକ କି ସେମାନେ ଅଭାବି ଲୋକମାନଙ୍କୁ ଖୋଜି ତାଙ୍କୁ ସାହାଯ୍ୟ କରନ୍ତୁ । ସାଧାରଣତଃ ସେହି ଲୋକମାନଙ୍କର ସୂଚୀ ଆସୁଛି ପୁଣି ଖଲିଫାଙ୍କ ନିକଟକୁ ବିଭିନ୍ନ ସ୍ଥାନରୁ ବିଭିନ୍ନ ଲୋକଙ୍କ ଠାରୁ ଖବର ମଧ୍ୟ ଆସୁଛି । କିଛି ଲୋକେ ନିଜ ସାମର୍ଥ୍ୟ ମୁତାବକ ସେଠାରେ ଖର୍ଚ୍ଚ କରିବା ପାଇଁ ନିଜାମ୍‌ର ଅନୁମତି ନେଇ ଖର୍ଚ୍ଚ କରିଥାନ୍ତି । ଆଫ୍ରିକାରେ ଓ ଅନ୍ୟଦେଶମାନଙ୍କରେ ମଧ୍ୟ ଜମାତ୍ ସେଠିକାର ଲୋକମାନଙ୍କୁ ପାରୁ ପର୍ଯ୍ୟନ୍ତ ନିଜ ସାଧନ ଅନୁସାରେ ସୁବିଧା ପହଂଚାଉଛି । ଅର୍ଥାତ୍ ସାହାଯ୍ୟ କରିବା ପାଇଁ ଚେଷ୍ଟା କରୁଅଛି । ଚିକିତ୍ସା କରିବା ପାଇଁ ସୁବିଧା ଯୋଗାଇ ଦିଆଯାଉଛି । ଶିକ୍ଷା ହାସଲକରିବା ପାଇଁ ସୁବିଧା ମିଳୁଛି ଏବଂ ଖାଦ୍ୟ ଇତ୍ୟାଦି ପାଇଁ ମଧ୍ୟ । ଓ ଅଧିକାଂଶ ଅହେମଦୀମାନଙ୍କୁ ମୁଁ ଦେଖିଛି ସେମାନେ ବହୁତ ଭାବବିହୋଳ ହୋଇ ନିଜ ଗରିବ ଭାଇମାନଙ୍କୁ ସାହାଯ୍ୟ କରିବା ପାଇଁ ମାଲି କୁର୍‌ବାନୀ ମଧ୍ୟ କରିଥାନ୍ତି ଓ ଏହା ମାଧ୍ୟମରେ ପୁଣି ଏକତା ସୃଷ୍ଟି ହୋଇଥାଏ ।

ହଜରତ ମସିହ ମଉଦ ଆ.ସ ନମାଜର କର୍ତ୍ତବ୍ୟ ସମ୍ପାଦନ କରିବା ଓ ଜକାତ୍ ଦେବା ତଥା ପରସ୍ପର ସହ ସମ୍ପର୍କ ରଖିବା ସମ୍ବନ୍ଧରେ କୁହନ୍ତି ଲୋକେ ନମ୍ର ଓ ବିଭୋର ହୋଇ ନମାଜ ପାଠ କରିଥାନ୍ତି ଏହାର ନିଶ୍ଚିତ ପରିଣାମ ଏହା ହୋଇଥାଏ କି ସେମାନେ ମନ୍ଦ ଓ ଅପକର୍ମରୁ ନିବୃତ ରହିଥାନ୍ତି ଏବଂ ଏହି ଅପବିତ୍ର ସଂସାରରୁ ମୁକ୍ତି ପାଇଯାଇଥାନ୍ତି ଏବଂ ସେମାନଙ୍କ ସାଂସାରିକ ଲୋଭ ଶୀତଳ ପଡ଼ିଯାଇ ସେହିସ୍ଥଳେ ଅଲ୍ଲାଃଙ୍କ ଭଲପାଇବା ଉତ୍ପନ୍ନ ହୋଇଯାଏ ଯାହାର ପରିଣାମ **ହୁମ୍ ଲିଯ୍ ଜକାତେ ଫାଇଲୁନ୍** ଅର୍ଥାତ ସେମାନେ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିଥାନ୍ତି" । ଯେବେ ନିରର୍ଥକ କଥାରୁ ସେ ବଂଚିଲ, ନିରର୍ଥକ ଖର୍ଚ୍ଚ ନକରିବ ତେବେ ଇବାଦତ୍ (ଉପାସନା) ପ୍ରତି ଧ୍ୟାନ ଆକର୍ଷଣ ହେବ । ଯଦି ତୁମେ ମାଲ୍‌ଦାର୍ (ଧନୀ) ତେବେ ପୁଣି ଖୁଦାଙ୍କ ମାର୍ଗରେ ଖର୍ଚ୍ଚ କରିବା ପ୍ରତି ଧ୍ୟାନ ସୃଷ୍ଟି ହେବା ଉଚିତ୍ । ପୁଣି କହିଲେ "ଓ ଏହା ହେଉଛି ଅନିଲ୍ ଲଗ୍‌ଓ୍ୱି ମୁରିଜୁନ୍ ଅର୍ଥାତ୍ ନିରର୍ଥକ କଥାରୁ ବଂଚି ରହିଲା । ଏହାଦ୍ୱାରା ମାଲି କୁର୍ବାନୀ ପ୍ରତି ଧ୍ୟାନ ଆକର୍ଷଣ

ହୋଇଥାଏ ଓ ଅନ୍ୟମାନଙ୍କର ଧ୍ୟାନ ରଖିବା ପାଇଁ ଭାବନା ସୃଷ୍ଟି ହୁଏ । "କାରଣ ଯେବେ ସାଂସାରିକ ପ୍ରେମ ଥଣ୍ଡା ହୋଇଯିବ ତ ଏହାର ଫଳ ଏପରି ହେବ କି ସେ ଇଶ୍ୱରଙ୍କ ମାର୍ଗରେ ଖର୍ଚ୍ଚ କରିବେ । ଯଦି ତାଙ୍କ ପାଖରେ କାରୁନ୍‌ର ଧନ ସମ୍ପତି ମଧ୍ୟ ଏକତ୍ରିତ ହେବ ତେବେ ମଧ୍ୟ ସେମାନେ ପରବାୟ କରିବେନାହିଁ ଓ ଇଶ୍ୱରଙ୍କ ମାର୍ଗରେ ଦେବାପାଇଁ ପଛାଇବେ ନାହିଁ । ଆପଣ ପୁଣି କହୁଛନ୍ତି କି ହଜାର ହଜାର ଲୋକେ ଏପରି ଅଛନ୍ତି ଯେଉଁମାନେ ଜକାତ୍ ଦେଉନାହାଁନ୍ତି । ଏପରିକି ତାଙ୍କ କୌମ୍‌ର ବହୁତ ଗରୀବ ଓ ଅସହାୟ ଲୋକେ ନିଃଶେଷ ହୋଇଯାଉଛନ୍ତି । କିନ୍ତୁ ସେମାନେ ତାଙ୍କର କୌଣସି ପରବାୟ କରୁନାହାଁନ୍ତି । ଯେବେକି ଅଲ୍ଲାଃତାଲାଙ୍କ ତରଫରୁ ପ୍ରତ୍ୟେକ ଜିନିଷର ଜକାତ୍ ଦେବାପାଇଁ ନିର୍ଦ୍ଦେଶ ରହିଛି । ଏପରିକି ଗହଣାଗାଣ୍ଠିର ମଧ୍ୟ । ହଁ ମୋତି ମାଣିକ ଇତ୍ୟାଦି ଜିନିଷ ଉପରେ ନାହିଁ । ଏବଂ ଯେଉଁ ଧନୀ, ନୱାବ୍ ଓ ମହାଜନ ଲୋକ ଅଛନ୍ତି, ସେମାନଙ୍କ ପାଇଁ ଏ ନିର୍ଦ୍ଦେଶ ରହିଛି କି ସେମାନେ ଶରୀୟତ୍‌ର ନିର୍ଦ୍ଦେଶାଳବୀ ମୁତାବକ ନିଜ ସମ୍ପତିର ହିସାବ କରି ଜକାତ୍ ଦିଅନ୍ତୁ । କିନ୍ତୁ ସେମାନେ ଦେଉନାହାଁନ୍ତି । ସେଇଥିପାଇଁ ଅଲ୍ଲାଃତାଲା କହୁଛନ୍ତି ଅନିଲ୍ ଲଗ୍‌ୱି ମୁରିଜୁନ୍ ର ଅବସ୍ଥା ତାଙ୍କଠାରେ ସେତେବେଳେ ସୃଷ୍ଟି ହେବ ଯେବେ ସେମାନେ ଜକାତ୍ ଦେବେ" (ଯଦି ଜକାତ୍ ଦେବେ ତେବେ ନିରର୍ଥକ କଥା ଓ କାର୍ଯ୍ୟରୁ ବଂଚିବା ପାଇଁ ଚେଷ୍ଟା ମଧ୍ୟ ହେବ । ନମାଜରେ ବିନମ୍ରତା ସୃଷ୍ଟି ହେବ । ଯଦି ପ୍ରକୃତ ନମାଜ ଥାଏ ତେବେ ନିରର୍ଥକ କଥାରୁ ସେମାନେ ବଂଚିବେ ଓ ଯେତେବେଳେ ନିରର୍ଥକ କଥାରୁ ବଂଚିବେ ସେତେବେଳେ ମାଲି କୁର୍ବାନୀ ପାଇଁ ଧ୍ୟାନ ଆକର୍ଷଣ ହେବ । ସେଇଥିପାଇଁ ଆପଣ କହିଲେ କି ମାଲି କୁର୍ବାନୀ ସେମାନେ କରିଥାନ୍ତି ଯେଉଁମାନେ ନିରର୍ଥକ ଓ ବେକାର କଥାରୁ ବଂଚିଥାନ୍ତି । ପ୍ରତ୍ୟେକ ଜିନିଷ ଆପୋଷରେ ସମ୍ପର୍କ ରହିଛି) ପୁଣି ଆପଣ କହୁଛନ୍ତି "ଜକାତ୍ ଦେବା ଫଳରେ ନିରର୍ଥକ ଓ ବେକାର କଥାରୁ ବଂଚାଯାଇଥାଏ" (ମଲ୍‌ଫୁଜାତ୍, ଖଣ୍ଡ-୧୦, ପୃଷ୍ଠା-୬୪, ଏଡ଼ିଶନ୍-୧୯୮୫, ମୁଦ୍ରଣ-ଇଂଲିସ୍ ସ୍ଥାନ)

ଅତଃ ନମାଜ ଅପକର୍ମରୁ ଦୂରେଇ ରହିବାକୁ ପ୍ରୋତ୍ସାହିତ କରିଥାଏ । ପୁଣି ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଲ କରିବା ତଥା ନିଜ ଅର୍ଥର ଅଯଥା ଖର୍ଚ୍ଚ କରିବା ପରିବର୍ତେ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବା ପ୍ରତି ଧ୍ୟାନ ଆକର୍ଷିତ କରିଥାଏ । ଆପଣ ଏଥିରୁ ଉପନିତ ହେଲେ ଯେ, ଅଲ୍ଲାଃଙ୍କ ମାର୍ଗରେ ଅର୍ଥ ବ୍ୟୟ କଲେ ମଣିଷ ଅନେକ ଅପକର୍ମରୁ ନିବୃତ ରହିଥାଏ ।

ପୁଣି ଅଲ୍ଲାଃତାଲା ଖିଲାଫତ୍‌ର ପୁରସ୍କାର ଲାଭ କରିଥିବା ଲୋକଙ୍କୁ ଉପଦେଶ ପୂର୍ବକ କହିଲେ କି ନିଜ ଆଜ୍ଞାକାରୀତାର ସ୍ତର ବୃଦ୍ଧି କର । ହଦିସ୍‌ରେ ଲେଖାଅଛି ହଜରତ ଅବଦାଃ ର.ଅ କୁହନ୍ତି ଆମେ ହଜୁର ସ.ଆଙ୍କ ବୟତ ଏହି ସର୍ତରେ କରିଥିଲୁ କି ଆମେ (ଆପଣଙ୍କ) କଥା ଶୁଣିବୁ ଏବଂ ତହାର ପାଳନ କରିବୁ ତେଣିକି ତାହା ଆମକୁ ପସନ୍ଦ ହେଉ ଅବା ନାପସନ୍ଦ ହେଉ ଏବଂ ଆମେ ଯେଉଁସ୍ଥଳେ ରହିଲେ ମଧ୍ୟ କୌଣସି ମାମଲାରେ (ପରସ୍ପର) ସହ ଝଗଡ଼ା କରିବୁ ନାହିଁ, ସତ୍‌ପଥରେ ପରିଚାଳିତ ହେବୁ ନ୍ୟାୟ (କଥା) କହିବୁ ଏବଂ ଅଲ୍ଲାଃଙ୍କ ମାମଲାରେ କୌଣସି ଲୋକର ଅପନିନ୍ଦାକୁ ଭୟ କରିବୁ ନାହିଁ"। (ସହି ବୁଖାରୀ, କିତାବୁଲ୍ ଏହ୍‌କାମ୍ ବାବ୍ କଇଫା ଯୁବାଇୟୁଲ୍ ଅମାମନ୍‌ନାସେ, ହଦିସ୍ ନଂ-୭୧୯୯, ସହି ମୁସ୍‌ଲିମ୍, କିତାବୁଲ୍ ଇମାରା...)

ଏହା କେବଳ ଆପଣ ନିଜପାଇଁ କହିନାହାଁନ୍ତି ବରଂ ଆଗକୁ ଖିଲାଫତ୍ ଓ ନେଜାମ୍ ସମ୍ପର୍କରେ ମଧ୍ୟ ଆପଣଙ୍କର ଏହି ନିର୍ଦ୍ଦେଶ ରହିଛି । ସୁତରାଂ ହଦିସ୍‌ରେ ଆସୁଛି କି ହଜ୍‌ରତ୍ ଅବୁ ହୁରେରା ର:ଅ ବର୍ଣ୍ଣନା କରୁଛନ୍ତି ଆଁ ହଜ୍‌ରତ୍ ସ:ଆ:ସ କହିଲେ କି ଅଭାବ ଅସୁବିଧା, ସୁଖ ଦୁଃଖ, ହକ୍ ମିଳିବା ନ ମିଳିବା । ସୁତରାଂ ପ୍ରତ୍ୟେକ ଅବସ୍ଥାରେ ତୁମପାଇଁ ଏ ନିର୍ଦ୍ଦେଶ ରହିଛି କି ସମୟର ହାକିମଙ୍କ ନିର୍ଦ୍ଦେଶକୁ ତୁମେ ଶୁଣିବ ଏବଂ ତାହାକୁ ପାଳନ କରିବ" । (ସହି ମୁସ୍‌ଲିମ୍, କିତାବୁଲ୍ ଅମାରା....ହଦିସ୍-୪୭୫୪)

ହଜରତ ମସିହ ମଉଦ ଆ.ସ କୁହନ୍ତି ଅଲ୍ଲାଃ, ରସୁଲ୍ ଓ (ଅଧିନସ୍ଥ) ସମ୍ରାଟଙ୍କ ଆଜ୍ଞାକାରୀ ହୁଅ । ଆଜ୍ଞାକାରୀତା ଏକ ଏପରି ଜିନିଷ କି ଯଦି ସ୍ୱଚ୍ଛ ହୃଦୟରୁ ଗ୍ରହଣ କରାଯାଏ ତେବେ ହୃଦୟରେ ଏକ ଆଲୋକ ଉତ୍ପନ୍ନ ହେବା ସହିତ ଆତ୍ମତୃପ୍ତି ଅନୁଭବ କରାଇଥାଏ । **ସାଧନାର ଏଭଳି ଆବଶ୍ୟକତା ନାହିଁ ଯେପରିକି ଆଜ୍ଞାକାରୀତାର ରହିଛି କିନ୍ତୁ ସର୍ତ ଏହିକି ଯେ, ନିଷ୍ଠାପର ଭାବରେ ଆଜ୍ଞାକାରୀ ହୋଇଯାଅ ଏବଂ ଏହା ହିଁ ଏକ କଷ୍ଟକର କାର୍ଯ୍ୟ** । ଇତାୟତ୍ (ଆଜ୍ଞାବହତା)ରେ ନିଜର କାମନାକୁ ନିଃଶେଷ କରିଦେବା ଜରୁରୀ ହୋଇଥାଏ । ଏତଦ୍ ବ୍ୟତୀତ ଇତାୟତ୍ କରାଯାଇପାରେନା ଓ ମନସ୍କାମନା ଅର୍ଥାତ୍ ନିଜ ମନର ଅନ୍ତର୍ନିହିତ ଇଚ୍ଛା ଏପରି ଏକ ବସ୍ତୁ ଯାହା ବଡ଼ବଡ଼ ଏକେଶ୍ୱରବାଦଙ୍କ ହୃଦୟରେ ମଧ୍ୟ ପାଶାଣ ହୋଇପାରେ" ପୁଣି କହିଲେ କି ସାହାବା ର:ଅ ମାନଙ୍କର ଉପରେ କିପରି ଫଜଲ୍ (କରୁଣା) ଥିଲା ଏବଂ ସେମାନେ କି ପ୍ରକାରର ରସୁଲୁଲ୍ଲାଃ ସ:ଆ:ସଙ୍କ ଇତାଅତ୍‌ରେ ଲୀନ ହୋଇଯାଇଥିବା କୌମ୍ ଥିଲେ । ଏହା ସତ୍ୟକଥା ଅଟେ କି ସେପର୍ଯ୍ୟନ୍ତ କୌଣସି କୌମ୍ ଏକ କୌମ୍ ରୂପେ ବୋଲାଇପାରେନା ଯେପର୍ଯ୍ୟନ୍ତ ସେ ଆଜ୍ଞାବହତାର ସିଦ୍ଧାନ୍ତକୁ ଗ୍ରହଣ ନକରିଛି । ଯଦି ସେମାନଙ୍କ ଭିତରେ ବିଭେଦ ଥାଏ ତେବେ ପୁଣି ଏହା ଭାବିନିଅ କି ଏ ସମୟ ହେଉଛି ଅବନତିର ଲକ୍ଷଣ" । ପୁଣି କହିଲେ କି "ଯଦି ମୁସଲ୍‌ମାନ୍ ମାନେ ବିରୋଧପୂର୍ଣ୍ଣ ରାୟକୁ ପରିତ୍ୟାଗ କରିଦେବେ ଏବଂ ଜଣେ ବ୍ୟକ୍ତିଙ୍କର ଇତାଅତ୍ କରିବେ ଯାହାଙ୍କ ଇତାୟତ୍ କରିବା ପାଇଁ ଅଲ୍ଲାଃତାଲା ନିର୍ଦ୍ଦେଶ ଦେଇଛନ୍ତି ତେବେ ପୁଣି ସେମାନେ ଯେଉଁ କାର୍ଯ୍ୟ କରିବାକୁ ଚାହିଁବେ ସେ କାର୍ଯ୍ୟ ହୋଇଯିବ । ଅଲ୍ଲାଃତାଲାଙ୍କର ହାତ ଜମାତ୍ ଉପରେ ରହିଥାଏ । ଏଥିରେ ଏହି ରହସ୍ୟ ରହିଛି । ଅଲ୍ଲାଃତାଲା ଏକେଶ୍ୱରବାଦକୁ ପସନ୍ଦ କରିଥାଏ ଓ ଏହି ଏକତା ସେପର୍ଯ୍ୟନ୍ତ ପ୍ରତିଷ୍ଠା ହୋଇପାରେନା, ଯେପର୍ଯ୍ୟନ୍ତ ଇତାୟତ୍ ନକରାଯାଇଛି । ପୈଗମ୍ବର୍ ଖୁଦା ସ:ଆ:ସଙ୍କ ସମୟରେ ସାହାବାମାନେ ବହୁତ ବୁଦ୍ଧିମାନ୍ ଥିଲେ । ଅଲ୍ଲାଃତାଲା ତାଙ୍କୁ ସେହିପରି ତିଆରି କରିଥିଲା । ସେମାନେ ରାଜନୀତିର ସିଦ୍ଧାନ୍ତ ବିଷୟରେ ମଧ୍ୟ ଖୁବ୍ ଜାଣିଥିଲେ । କାରଣ ଯେବେ ହଜ୍‌ରତ୍ ଅବୁବକର୍ ର:ଅ ଓ ହଜ୍‌ରତ୍ ଉମ୍ମର୍ ର:ଅ ଓ ଅନ୍ୟାନ୍ୟ ସାହାବାମାନେ ଖଲିଫା ହେଲେ ଓ ସେମାନଙ୍କ ନିକଟକୁ ରାଜତ୍ୱ ଆସିଲା, ସେମାନେ ଏହି ରାଜତ୍ୱକୁ ଯେଉଁ ପ୍ରକାରେ ସମ୍ଭାଳିନେଲେ ଏଥିରୁ ଖୁବ୍ ଜଣାପଡୁଛି କି ତାଙ୍କର ବୁଦ୍ଧି ଓ ଯୋଗ୍ୟତା କେତେ ଉଚ୍ଚ ସ୍ତରର ଥିଲା । କିନ୍ତୁ ରସୁଲେ କରିମ୍ ସ:ଆ:ସଙ୍କ ନିକଟରେ ସେମାନଙ୍କର ଅବସ୍ଥା ଏପରି ଥିଲା କି ଯେତେବେଳେ ଆପଣ ସ:ଆ:ସ କୌଣସି ନିର୍ଦ୍ଦେଶ ଦେଉଥିଲେ ସେତେବେଳେ ସେମାନେ ସେମାନଙ୍କର ରାୟ ଓ ବୁଦ୍ଧିକୁ ସେ ନିର୍ଦ୍ଦେଶ ସମ୍ମୁଖରେ ନ୍ୟୁନ ମଣୁଥିଲେ" (ଅର୍ଥାତ୍ ଆମର କିଛି ବୁଦ୍ଧି ନାହିଁ) "ଓ ଯାହାକିଛି ପୈଗମ୍ବର୍ ଖୁଦା ସ:ଆ:ସ ନିର୍ଦ୍ଦେଶ ଦେଲେ ତାହାକୁ କର୍ମଯୋଗ୍ୟ ରୂପେ ଅଭିହିତ କଲେ ଓ ଇତାଅତ୍‌ରେ ସେମାନେ ଏପରି ଲୀନ ହୋଇଯାଇଥିଲେ କି ଆପଣ ସ:ଆ:ସଙ୍କ ଓ୍ୱଜୁ କରିବା ପରେ ବାକି ଥିବା ପାଣି ଭିତରେ ବର୍‌କତ୍ ଖୋଜୁଥିଲେ । ଏବଂ ଆପଣଙ୍କ କଥନ ଗୁଡ଼ିକୁ ପବିତ୍ର ବୋଲି ଜାଣୁଥିଲେ । ଯଦି ସେମାନଙ୍କ ଭିତରେ ଏପରି ଆଜ୍ଞାବହତା ଓ ଏପରି ମାନିନେବାର ସତା ନଥାଆନ୍ତା ବରଂ ପ୍ରତ୍ୟେକ ନିଜ ନିଜର ରାୟକୁ ଅଗ୍ରାଧିକାର ଦେଇଥାଆନ୍ତେ ତେବେ ଫାଟ ପଡ଼ିଯାଇଥାଆନ୍ତା ଓ ସେମାନେ ଏପରି ଉଚ୍ଚ ପଦମର୍ଯ୍ୟାଦାକୁ ଲଭିପାରିନଥାନ୍ତେ" । ପୁଣି କହୁଛନ୍ତି କି "ମୋ ନିକଟରେ ସିହା ଓ ସୁନିମାନଙ୍କର ଝଗଡ଼ାକୁ ଶେଷ କରିଦେବା ପାଇଁ ଏହାର ଗୋଟିଏ ପ୍ରମାଣ ଯଥେଷ୍ଟ ହେବ । ସାହାବା ମାନଙ୍କ ଭିତରେ ଆପୋଷରେ କୌଣସି ଭେଦ ବା ଶତୃତା ନଥିଲା । କାରଣ ସେମାନଙ୍କର ଉନ୍ନତି ଓ ସଫଳତା ଲାଭ କରିବା ପ୍ରମାଣିତ କରୁଛି କି ସେମାନେ ଆପୋଷରେ ଏକ ଥିଲେ ଓ କେହି ଜଣେ ବି କାହାର ଶତୃ ନଥିଲେ । ଅବୋଧ ବିରୋଧିମାନେ କହୁଛନ୍ତି କି ଇସ୍‌ଲାମ୍ ତରବାରି ଦ୍ୱାରା ପ୍ରସାର ଲାଭ କରିଛି । କିନ୍ତୁ ମୁଁ କହୁଛି ଏହା ଠିକ୍ ନୁହେଁ । ଅସଲ କଥା ହେଉଛି ହୃଦୟର ନାଡି ଗୁଡିକ ଇତାଅତ୍‌ର ପାଣିରେ ପରିପୂର୍ଣ୍ଣ ହୋଇ ବହିଯାଇଥିଲା । ଏହା ସେହି ଇତାଅତ୍ ଓ ଏକତାର ଫଳ ଥିଲା କି ସେମାନେ ଅନ୍ୟମାନଙ୍କ ହୃଦୟକୁ ଜିଣିନେଲେ । ମୋର ତ ଏ ମତ କି ସେମାନେ ଯେଉଁ ତରବାରି ଉଠାଇଥିଲେ ତାହା କେବଳ ନିଜର ସୁରକ୍ଷା ପାଇଁ ଥିଲା । ଯଦି ସେମାନେ ତରବାରି ନଉଠାଇଥାଆନ୍ତେ ତେବେ ମଧ୍ୟ ନିଶ୍ଚିତ ରୂପେ ନିଜ ମୁହଁଦ୍ୱାରା ଏ ସଂସାରକୁ ଜିଣି ନେଇଥାଆନ୍ତେ । ସୁଖନ୍ କଜ୍‌ଦିଲ୍ ବରୁଁ ଆୟଦ୍ ନଶିନ୍ଦ୍ ଲାଜରମ୍ ବର୍‌ଦିଲ୍ (ଅର୍ଥାତ୍ ହୃଦୟରୁ ବାହାରିଥିବା ଉପଦେଶ ନିଶ୍ଚିତ ରୂପେ ଅନ୍ୟମାନଙ୍କ ହୃଦୟ ଉପରେ ପ୍ରଭାବ ପକାଇଥାଏ) "ସେମାନେ ଏକ ସତ୍ୟକୁ ଗ୍ରହଣ କରିନେଇଥିଲେ ଓ ସହୃଦୟତାର ସହିତ ଏହାକୁ ଗ୍ରହଣ କରିଥିଲେ । ସେଥିରେ କୌଣସି ଦେଖାଣିଆ ଭାବନଥିଲା । ସେମାନଙ୍କର ସତ୍ୟତା ହିଁ ସେମାନଙ୍କ ସଫଳତାର ମାଧ୍ୟମ ହେଲା । ଏହା ସତ୍ୟକଥା ଅଟେ କି ସତ୍ୟବାଦୀ ନିଜ ସତ୍ୟରୂପକ ତରବାରୀ ଦ୍ୱାରା କାମ ନେଇଥାଏ ।  ପୈଗମ୍ବରେ ଖୁଦା ସ:ଆ:ସଙ୍କ ଚେହେରାଙ୍କୁ ଦେଖନ୍ତୁ ଯେଉଁଥିରେ ଖୁଦାଙ୍କ ଉପରେ ଭରଷା କରିବାର ଜ୍ୟୋତି ଝଲକୁ ଥିଲା ଓ ଯେଉଁଥିରେ ଜଲାଲି ଓ ଜମାଲି ରଙ୍ଗ ଭରି ହୋଇଥିଲା ସେଥିରେ ଏକ ପ୍ରକାରର ଆକର୍ଷଣ ଶକ୍ତି ଥିଲା, ଯଦ୍ୱାରା ସେ ଲୋକମାନଙ୍କର ହୃଦୟକୁ ମୋହି ନେଉଥିଲେ ଓ ପୁଣି ଆପଣ ସ:ଆ:ସଙ୍କ ଜମାତ୍ ଇତାଅତ୍‌ର୍ ରସୁଲ୍ (ରସୁଲ୍‌ଙ୍କ ଆଜ୍ଞାବହତା)ର ସେହି ନମୁନା ଦେଖାଇଲା ଏବଂ ସେମାନଙ୍କର ଧୈର୍ଯ୍ୟ ଓ ଦୃଢ଼ତା ଏପରି ଚମତ୍କାର ପ୍ରମାଣିତ ହେଲା କି ଯିଏ ତାଙ୍କୁ ଦେଖୁଥିଲେ ସେ ଅନାୟାସରେ ତାଙ୍କ ଆଡକୁ ଚାଲିଯାଉଥିଲେ । ସୁତରାଂ ସାହାବାଙ୍କର ଅବସ୍ଥା ଓ ଏକତାର ଆଜି ମଧ୍ୟ ଆବଶ୍ୟକ ରହିଛି । କାରଣ ଅଲ୍ଲାଃତାଲା ଏହି ଜମାତ୍‌କୁ ଯିଏ ସେ ମସିହ୍ ମଉଦ୍‌ଙ୍କ ହାତରେ ପ୍ରସ୍ତୁତ ହେଉଛନ୍ତି, ସେ ସେହି ଜମାତ୍ ସହିତ ସାମିଲ୍ କରିଛି, ଯାହାକୁ ରସୁଲୁଲା ସ:ଆ:ସ ସ୍ୱସ୍ତୁତ କରିଥିଲେ । ଓ ନିଶ୍ଚିତ ରୂପେ ଜମାତ୍‌ର ଉନ୍ନତି ଏହିପରି ଲୋକମାନଙ୍କ ନମୁନା ଦ୍ୱାରା ହିଁ ହୋଇଥାଏ" । (ଯିଏ ବିଶେଷ ରୂପେ ନିଜର ଅବସ୍ଥାକୁ ସେହି ଶିକ୍ଷା ମୁତାବକ ପରିଚାଳିତ କରିଥାନ୍ତି ଓ ଇତାୟତ୍ କରିବାରେ ମଧ୍ୟ ଉଚ୍ଚସ୍ତର ଦେଖାଇଥାନ୍ତି) ଇତାୟତ୍ ହେବ ତ ଏପରି ହେବ । ନିଜ ଭିତରେ ପ୍ରେମ ହେବ ତ ଏପରି ହେବ ।

ତୁମେ ଯେଉଁମାନେ ନିଜକୁ ମସିହ ମଉଦ ଆ.ସଙ୍କ ଜମାଅତର କହି ସାହାବାଙ୍କ ଜମାଅତ ସହ ମିଳିତ ହେବାର ଆଶା ବାନ୍ଧିଛ ନିଜ ଭିତରେ ସାହାବାଙ୍କ ପରି ରଙ୍ଗ ଉତ୍ପନ୍ନ କର" । (ତଫ୍‌ଶିର୍ ହଜ୍‌ରତ୍ ମସିହ୍ ମଉଦ୍ ସୁରା ନିଶା ଆୟତ:୫୯)

ଯେପରି ଆପଣ ଏକଥା ଆପଣଙ୍କ ସାହାବା ମାନଙ୍କୁ ସେ ସମୟରେ ବତାଉଛନ୍ତି । କିନ୍ତୁ ଯଦି ଜମାଅତର ଉନ୍ନତିକୁ ଚିରକାଳ ପର୍ଯ୍ୟନ୍ତ (ଅପରିବର୍ତିତ) ଦେଖିବାର ଅଛି ତେବେ ଖିଲାଫତ୍‌ର ବ୍ୟବସ୍ଥାକୁ ଚିରକାଳ ପ୍ରତିଷ୍ଠିତ ରଖିବା ନିମନ୍ତେ ଚେଷ୍ଟା କରିବାକୁ ହେବ ଏବଂ ଉକ୍ତ ନମୁନାଗୁଡ଼ିକୁ ମଧ୍ୟ ନିୟମିତ ଭାବରେ ବଜାୟ ରଖିବାକୁ ହେବ ତେବେଯାଇ ସେହି ଉନ୍ନତି ହାସଲ ହେବ ଯାହାକି ପୂର୍ବେ ଲାଭ ହୋଇଥିଲା । ଆମକୁ ନିଜ ଉପାସନାର ସ୍ତର ଉର୍ଦ୍ଧ୍ୱଗାମୀ କରିବା ସହିତ ନିଜ ନମାଜର ସୁରକ୍ଷା କରିବାକୁ ହେବ ନିଜର କହିବା ଓ କରିବାକୁ ସମସ୍ତ ପ୍ରକାର ଶିରକ୍‌ରୁ ସମ୍ପୂର୍ଣ୍ଣ ରୂପେ ପବିତ୍ର ରଖିବାକୁ ହେବ । ନିଜ ଅର୍ଥ ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବାକୁ ହେବ ଏବଂ ଖିଲାଫତ୍‌ର ବିଶ୍ୱସ୍ତ ଓ ଆଜ୍ଞାକାରୀ ହେବାର ସ୍ତରକୁ ସର୍ବଦା ସୁରକ୍ଷିତ ରଖିବାକୁ ହେବ ତେବେଯାଇ ଆମେ ଖିଲାଫତ୍‌ର ପୁରସ୍କାର ଓ ତାହା ସହ ବର୍ଦ୍ଧିତ ଅଲ୍ଲାଃତାଲାଙ୍କ ବରକତ୍‌ରୁ ଉପକୃତ ହୋଇପାରିବା ଏବଂ କୟାମତ ପର୍ଯ୍ୟନ୍ତ ରହିଥିବା ଅବିଚ୍ଛିନ୍ନ ଖିଲାଫତ୍ ସହ ଯୋଡ଼ି ହୋଇ ରହିପାରିବା ଏବଂ ନିଜ ସନ୍ତାନମାନଙ୍କୁ ମଧ୍ୟ ତାହା ସହ ଯୋଡ଼ି ରଖିପାରିବା ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହି ଚିରସ୍ଥାୟୀ ଖିଲାଫତ୍‌ର ଖୁସି ଖବର ଦେଇ କହୁଛନ୍ତି କି- "ତୁମମାନଙ୍କ ପାଇଁ ଦ୍ୱିତୀୟ କୁଦ୍‌ରତ୍ (ଶକ୍ତି) କୁ ଦେଖିବା ମଧ୍ୟ ଜରୁରୀ ଅଟେ ଓ ତାହା ଆସିବା ତୁମପାଇଁ ଉତମ କାରଣ ତାହା ଚିରସ୍ଥାୟୀ ହେବ, ଯାହାର ସିଲ୍‌ସିଲା (ଧାରା) କୟାମତ୍ ପର୍ଯ୍ୟନ୍ତ ବିଚ୍ଛିନ୍ନ ହେବନାହିଁ ଏବଂ ସେହି ଦ୍ୱିତୀୟ ଶକ୍ତି ସେପର୍ଯ୍ୟନ୍ତ ଆସିପାରିବ ନାହିଁ ଯେପର୍ଯ୍ୟନ୍ତ ମୁଁ ନଯାଇଛି କିନ୍ତୁ ମୁଁ ଯେବେ ଯିବି ସେତେବେଳେ ଖୁଦା ସେହି ଦ୍ୱିତୀୟ ଶକ୍ତିକୁ ତୁମପାଇଁ ପଠାଇଦେବେ, ଯାହା ସବୁବେଳ ପାଇଁ ତୁମ ସହିତ ରହିବ । ଯେପରିକି ଖୁଦାଙ୍କର ବରାହିନେ ଅହେମଦୀୟାରେ ପ୍ରତିଶୃତି ଅଛି ଏବଂ ସେହି ପ୍ରତିଶୃତି ମୋ ପାଇଁ ନାହିଁ ବରଂ ସେହି ପ୍ରତିଶୃତି ତୁମପାଇଁ ରହିଛି । ଯେପରିକି ଖୁଦା କହୁଛନ୍ତି କି ମୁଁ ଏହି ଜମାତ୍‌କୁ, ଯେ ତୋର ଅନୁଗାମୀ ଅଟେ, ତାଙ୍କୁ କୟାମତ୍ ପର୍ଯ୍ୟନ୍ତ ଅନ୍ୟମାନଙ୍କ ଉପରେ ବିଜୟ ପ୍ରଦାନ କରିବି । ତେଣୁ ଏହା ନିଶ୍ଚିତ ରହିଛି କି ତୁମ ଉପରେ ମୋତେ ଛାଡ଼ିବାର ଦିନ ଆସୁଛି । ଏହାପରେ ସେ ଦିନ ଆସିବ ଯାହା ଚିରସ୍ଥାୟୀ ପ୍ରତିଶୃତିର ଦିନ ହେବ । ସେ ହେଉଛନ୍ତି ଆମ ଖୁଦା ଯାହାଙ୍କ ପ୍ରତିଶୃତି ସତ୍ୟ ଓ ସେ ନିଷ୍ଠାବାନ୍ ଓ ସତ୍ୟବାଦୀ ଖୁଦା ଅଟନ୍ତି । ସେ ସବୁକିଛି ତୁମକୁ ଦେଖାଇବେ ଯାହାର ସେ ପ୍ରତିଶୃତି ଦେଇଛନ୍ତି । ଯଦିଚ କି ଏଡି ଦିନଗୁଡିକ ଏ ସଂସାରର ଶେଷ ଦିନ ଅଟନ୍ତି ଏବଂ ବହୁତ ଗୁଡିକ ବିପତି ରହିଛି, ଯେଉଁଗୁଡିକ ଅବତୀର୍ଣ୍ଣ ହେବାର ସମୟ ଆସିଯାଇଛି ତଥାପି ନିଶ୍ଚିତ ରୂପେ ଏ ସଂସାର ସେପର୍ଯ୍ୟନ୍ତ କାଏମ୍ ରହିବ ଯେପର୍ଯ୍ୟନ୍ତ ସମସ୍ତ କଥା ଗୁଡିକ ପୁରଣ ନହୋଇଯାଇଛି, ଯାହାଙ୍କ ବିଷୟରେ ଖୁଦା ଖବର ଦେଇଥିଲେ । ମୁଁ ଖୁଦାଙ୍କ ତରଫରୁ ଗୋଟିଏ କୁଦ୍‌ରତ୍ ରୂପେ ପ୍ରକାଶ ହୋଇଛି ଓ ମୁଁ ଖୁଦାଙ୍କର ଏକ ମୋଜସମ୍ କୁଦ୍‌ରତ୍ (ଶକ୍ତି) ଏବଂ ମୋ ପରେ ଆଉକିଛି ବ୍ୟକ୍ତିବିଶେଷ ଦ୍ୱିତୀୟ ଶକ୍ତିର ଅନୁରୂପ ହେବେ" (ରିସାଲା ଅଲ୍ ଓ୍ୱସିୟତ୍, ରୁହାନି ଖଜାଏନ୍, ଖଣ୍ଡ-୨୦, ପୃଷ୍ଠା-୩୦୫-୩୦୬)

ଆପଣ କୁହନ୍ତି ଅଲ୍ଲାଃତାଲା ଆମକୁ ଖିଲାଫତ୍‌ର ପୁରସ୍କାର ପ୍ରଦାନ କରିଛନ୍ତି । ଆମେ ଗତ ୧୧୦ ବର୍ଷ ହେଲା ଅଲ୍ଲାଃତାଲାଙ୍କ ନିରନ୍ତର କୃପା ପ୍ରଦାନ ଏବଂ ହଜରତ ମସିହ ମଉଦ ଆ.ସଙ୍କ ସହ ଅଲ୍ଲାଃଙ୍କର ପ୍ରତିଶୃତିକୁ (ପ୍ରମାଣିତ) ହେବାର ସ୍ୱଚକ୍ଷୁରେ ଦେଖିଆସୁଅଛୁ । ଅଲ୍ଲାଃତାଲା ହଜରତ ମସିହ ମଉଦ ଆ.ସଙ୍କ ବୟତରେ ଥିବା ପ୍ରତ୍ୟେକ ବ୍ୟକ୍ତିକୁ ଶକ୍ତି ପ୍ରଦାନ କରନ୍ତୁ କି ସେମାନେ ହଜୁର ଆ.ସଙ୍କ ସମସ୍ତ ନିଦେର୍ଶାବଳୀକୁ ନିଜ ସମ୍ମୁଖରେ ରଖି ଖିଲାଫତ୍‌ର ବରକତ୍‌ରୁ ସର୍ବଦା ଉପକୃତ ହେଉଥାନ୍ତୁ ।

ଗତ ଜୁମାରେ ମଧ୍ୟ ମୁଁ ପାକିସ୍ତାନବାସୀଙ୍କ ନିମନ୍ତେ ବିଶେଷ ଭାବରେ ଦୁଆ କରିବାକୁ କହିଥିଲି ପୁନଶ୍ଚ କହୁଅଛି ସେମାନଙ୍କୁ ନିଜ ପାଇଁ ଦୁଆ କରିବା ଉଚିତ୍ । ପୂର୍ବ ଅପେକ୍ଷା ନିଜ ନମାଜ, ନୱାଫିଲ୍ ଓ ଅଲ୍ଲାଃ ପ୍ରଶଂସାଗାନ କରିବାକୁ ବହୁଗୁଣିତ କରିବା ଉଚିତ୍ । ଅଲ୍ଲାଃତାଲା ଆମ୍ଭକୁ ଏହାର ଶକ୍ତି ପ୍ରଦାନ କରନ୍ତୁ

ପୃଷ୍ଠା- ୧୬ ର ଅବଶିଷ୍ଟାଂଶ ...

କାରଣ ହେଉଛି ଅସନ୍ତୁଳନ । ପ୍ରକୃତି ପ୍ରତ୍ୟେକ ଜିନିଷ ଭିତରେ ସନ୍ତୁଳନ ରକ୍ଷା କରିଛି । ଏ ଦୁନିଆର ଲୋକସଂଖ୍ୟା ଯେତେ ବଢ଼ିଚାଲିଛି ଆମେ ସବୁଜ ଜଙ୍ଗଲ ଗୁଡ଼ିକୁ କାଟି ଚାଲିଛେ ଓ ନୂଆ ନୂଆ ସହର ନିର୍ମାଣ କରି ଚାଲିଛେ ଓ ଏଥିରେ ଲଗାତାର ବୃଦ୍ଧି ଘଟି ଚାଲିଛି । ଅନ୍ୟପଟେ ଶିଳ୍ପ ବିପ୍ଳବ ଚାଲିଛି । ଏହି ସବୁ କାରଣ ଯୋଗୁ ଏ ପରିବେଶ ନଷ୍ଟ ହେଉଅଛି । ତେଣୁ ଏହା ଜରୁରୀ ଅଟେ କି ଆମେ ପ୍ରତ୍ୟେକ ଜିନିଷରେ ସନ୍ତୁଳନ ରକ୍ଷା କରିବା ।

ଦ୍ୱିତୀୟଟି ହେଉଛି ଶାନ୍ତିର ଅଭାବ । ଯଦି ଶାନ୍ତି ରହିବ ନାହିଁ ଓ ଲୋକମାନେ ଜଣେ ଅନ୍ୟଜଣକ ସହିତ ଯୁଦ୍ଧ କରି ଚାଲିବେ ଓ ଜଣେ ଅନ୍ୟଜଣଙ୍କୁ ମାରି ଚାଲିବେ, ସୁତରାଂ ଯେଉଁଠି ଜୀବନ ହିଁ ରହିବ ନାହିଁ ସେଠାରେ ପରିବେଶ କଣ କରିବ ?

ଆଉଜଣେ ପ୍ରଫେସର ପ୍ରଶ୍ନ ପଚାରିଲେ କି ଆପଣ ଜମାତ୍ ଅହେମଦୀୟାରେ ଫିକିହି (ଧର୍ମଭିତିକ) ସମସ୍ୟା ଗୁଡ଼ିକ କିପରି ସମାଧାନ କରୁଛନ୍ତି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୂଳତଃ ଆମେ ହନ୍‌ଫି ଫିକାହକୁ ମାନିଥାଉ ଏବଂ ଯେବେ ଆମେ କିଛି ଜିନିଷ ଏପରି ଦେଖିଥାଉ, ଯାହାର ସମାଧାନ ହନ୍‌ଫି ଫିକ୍‌ହାରେ ମିଳୁନାହିଁ ତେବେ ପୁଣି ଆମେ ପବିତ୍ର କୋରାନ୍, ଆହାଦିସ୍ ରସୁଲେ କରିମ୍ ସ:ଆ:ସଙ୍କ ଆଲୋକରେ ସେହି ସବୁ ବିଷୟ ଗୁଡ଼ିକୁ ସମାଧାନ କରିଥାଉ । ଅଳ୍ପ କିଛି କଥା ଥିବ ଯେଉଁଥିରେ ହନ୍‌ଫି ଓ ଆମମାନଙ୍କ ମଧ୍ୟରେ ବିଭେଦ ରହିଥିବ ।

ଆଉଜଣେ ପ୍ରଫେସର ପ୍ରଶ୍ନ ପଚାରିଲେ କି ମୁଁ ଏହା ଜାଣିବାକୁ ପାଇଛି ଯେ ଅହେମଦୀମାନଙ୍କୁ ହଜ୍ କରିବା ନିମନ୍ତେ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ତେବେ କଣ ଆପଣମାନେ ହଜ୍ ପରିବର୍ତେ ଆଉ କିଛି କରୁଛ କି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ହଜ୍‌ର ପ୍ରତିବଦଳ ଆଉ କିଛି ନାହିଁ । ଇସଲାମ୍‌ର ମୂଳ ସ୍ତମ୍ଭ ଭିତରେ କଲ୍‌ମା, ନମାଜ, ରୋଜା, ଜକାତ୍ ଓ ହଜ୍ । ତେବେ ହଜ୍ ହେଉଛି ଇସଲାମ୍‌ର ମୂଳସ୍ତମ୍ଭ । ଯଦିଚ ଆମକୁ ହଜ୍ କରିବା ପାଇଁ ରୋକାଯାଉଛି । କିନ୍ତୁ ଏହା ସତ୍ୱେ ମଧ୍ୟ ପ୍ରତ୍ୟେକ ବର୍ଷ ବହୁ ସଂଖ୍ୟକ ଅହେମଦୀ ହଜ୍ କରିବା ପାଇଁ ଯାଉଛନ୍ତି । କିନ୍ତୁ ସେମାନେ ସେଠାରେ ନିଜକୁ ଅହେମଦୀ ବୋଲି ବୋଲାଇ ପାରିବେ ନାହିଁ । ଏହିପରି କିଛି ସମସ୍ୟା ତ ଅଛି । କିନ୍ତୁ ପୁଣି ମଧ୍ୟ ଆମେ ହଜ୍ କରୁଅଛୁ । ଆମର ପ୍ରଥମ ଖଲିଫା ମଧ୍ୟ ହଜ୍ କରିଥିଲେ । ସେହିପରି ଦ୍ୱିତୀୟ ଖଲିଫା ମଧ୍ୟ ହଜ୍ କରିଛନ୍ତି । ପୁଣି ତାଙ୍କ ପିଲାମାନେ ମଧ୍ୟ ହଜ୍ କରିଛନ୍ତି । ମୋର ବଡ଼ଭାଇ ମଧ୍ୟ ଦୁଇବର୍ଷ ପୂର୍ବେ ହଜ୍ କରିଥିଲେ ।

ଏଥିରେ ଜଣେ ମହିଳା ପ୍ରଫେସର୍ ପ୍ରଶ୍ନ କଲେ କି କଣ ମକ୍କା ବ୍ୟତୀତ ଆପଣମାନେ ଆଉ କେଉଁଠାରେ ହଜ୍ କରୁଛନ୍ତି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ନୁହେଁ । ଆଉ ଏପରି କୌଣସି ସ୍ଥାନ ନାହିଁ ଯାହା ମକ୍କାର ସ୍ଥାନ ନେଇପାରିବ ।

ଏଥିରେ ସେ କହିଲେ କି ମକ୍କାର ପ୍ରତି ବଦଳ ନାହିଁ କିନ୍ତୁ ବେଳେବେଳେ ମଜାର୍ ଇତ୍ୟାଦି ସ୍ଥାନକୁ ଲୋକେ ଯାଉଛନ୍ତି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମଜାର୍ ତ ନୁହେଁ, କିନ୍ତୁ ଆମର ମଧ୍ୟ କିଛି ପବିତ୍ର ପୀଠ ରହିଛି । ଯେପରି କାଦିଆନ୍, ଯାହା ଅହେମଦୀୟା ସମ୍ପ୍ରଦାୟର ପ୍ରତିଷ୍ଠାତାଙ୍କ ଜନ୍ମସ୍ଥାନ ଥିଲା । ଏହା ଆମପାଇଁ ବହୁତ ପବିତ୍ର ସ୍ଥାନ ଅଟେ । କାରଣ ସେ ସେଠାରେ ଜନ୍ମ ହୋଇଛନ୍ତି, ବଢ଼ିଛନ୍ତି ଓ ମୃତ୍ୟୁବରଣ ମଧ୍ୟ କରିଛନ୍ତି (ତାଙ୍କ କବର୍ ସେଠାରେ ଅଛି) । କିନ୍ତୁ ଆପଣ ଏହା କହିପାରିବେ ନାହିଁ କି କାଦିଆନ୍ ଓ ମକ୍କାର ପଦମର୍ଯ୍ୟାଦା ଏକାପରି ବୋଲି ।

ଆଉଜଣେ ପ୍ରଫେସର୍ ପ୍ରଶ୍ନ କଲେ କି ଆପଣଙ୍କୁ ଆପଣଙ୍କ ପୂର୍ବରୁ ଥିବା ଖଲିଫା ଖିଲାଫତ୍ ପାଇଁ ନାମଜାରୀ କରିଥିଲେ ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଆମର ଗୋଟିଏ ଚୟନ କମିଟି ଅଛି, ଯାହାର ସଦସ୍ୟ ହେଉଛନ୍ତି ଜମାତ୍ ଅହେମଦୀୟାର ବ୍ୟକ୍ତି ବିଶେଷ । ସେହି ବ୍ୟକ୍ତି ବିଶେଷ ମାନଙ୍କ ମଧ୍ୟରେ ମର୍କଜି ଓ୍ୱହ୍‌ଦାଦାର୍‌ମାନେ, ଦେଶର ଅମୀର୍ ମାନେ ଓ କିଛି ବରିଷ୍ଠ ମୁବଲିଗିନ୍ ସାମିଲ୍ ହୋଇଥାନ୍ତି ଯେଉଁମାନେ ଖଲିଫାଙ୍କ ମୃତ୍ୟୁପରେ ଏକାଠି ହୁଅନ୍ତି ଓ ନୂଆ ଖଲିଫାଙ୍କର ଚୟନ କରିଥାଆନ୍ତି । ଖଲିଫା ପାଇଁ ନାମ ଉପସ୍ଥାପନ ହୋଇଥାଏ ଓ ସେମାନଙ୍କୁ ଭୋଟ୍ ଦିଆଯାଇଥାଏ । ଏହି ସମସ୍ତ କାର୍ଯ୍ୟକ୍ରମକୁ ନିୟମିତ ରେକର୍ଡିଂ କରାଯାଏ । ବିଲ୍‌କୁଲ୍ ସେହିପରି ଯେପରି ପୋପ୍‌ଙ୍କର ଚୟନ କରାହୁଏ । କିନ୍ତୁ ଆମ ଏଠାରେ କୌଣସି ଚିମ୍‌ନି ନଥାଏ ଯେଉଁଥିରୁ ଧୂଆଁ ବାହାରେ ବରଂ ଯେବେ ଖଲିଫାଙ୍କ ଚୟନ ସରେ ସେତେବେଳେ ଜମାତ୍‌ର ଲୋକମାନେ ନୂଆ ଖଲିଫାଙ୍କର ବୟତ କରିଥାନ୍ତି ।

ଆଉଜଣେ ପ୍ରଫେସର୍ ପ୍ରଶ୍ନ କଲେ କି ଜମାତ୍ ଅହେମଦୀୟା କେଉଁ ଜାତିରେ ପରିବେଷ୍ଟିତ ? କଣ ଅଧିକ ଲୋକଙ୍କ ସମ୍ପର୍କ ଦକ୍ଷିଣ ଏସିଆ ସହିତ ଥାଏ ବା ଅନ୍ୟ କୌମ୍‌ମାନେ ମଧ୍ୟ ଅହେମଦୀ ଅଛନ୍ତି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୋ ମତରେ ବର୍ତମାନ ଆଫ୍ରିକୀୟ ଅହେମଦୀମାନଙ୍କର ସଂଖ୍ୟା ଭାରତ ଓ ପାକିସ୍ତାନ୍‌ର ଅହେମଦୀମାନଙ୍କଠାରୁ ଅଧିକା । ଯଦିଚ ପାକିସ୍ତାନ୍ ଓ ଭାରତର ଅହେମଦୀମାନେ ଆମେରିକା, ୟୁରୋପ ଓ ବାକି ସାରା ଦୁନିଆରେ ବ୍ୟାପି ଚାଲିଛନ୍ତି କିନ୍ତୁ ଆଫ୍ରିକୀୟ ଅହେମଦୀ ମାନଙ୍କର ସଂଖ୍ୟାରେ ବୃଦ୍ଧି ହେଉଅଛି । ପୁଣି ଦୂର ପ୍ରାଚ୍ୟରେ ମଧ୍ୟ ଅହେମଦୀ ମାନେ ବହୁତ ସଂଖ୍ୟାରେ ଅଛନ୍ତି । ଯେପରି ଇଣ୍ଡୋନେସିଆ ଓ ମାଲେସିୟା ଇତ୍ୟାଦିରେ ।

ଆଉଜଣେ ମହିଳା ପ୍ରଫେସର୍ କହିଲେ ଜମାତ୍ ଅହେମଦୀୟାରେ ମହିଳାମାନଙ୍କର କଣ ଭୂମିକା ରହିଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମହିଳା ମାନଙ୍କ ଭୂମିକା ବହୁତ ଗୁରୁତ୍ୱପୂର୍ଣ୍ଣ କାରଣ ରସୁଲେ କରିମ୍ ସ:ଆ:ସଙ୍କ ଗୋଟିଏ ହଦିସ୍ ଅଛି ''ଜନ୍ନତ୍ ମାଙ୍କ ପାଦତଳେ ରହିଛି'' ଏହାର ଅର୍ଥ ହେଉଛି ଯଦି ମହିଳାମାନେ ସନ୍ତାନ ମାନଙ୍କର ତାଲିମ୍ ଓ ତର୍‌ବିୟତ୍‌ରେ ନିଜର ସଠିକ୍ ଭୂମିକା ପ୍ରଦାନ ନ କରୁଛନ୍ତି ତେବେ ସେମାନେ ନା କେବଳ ନିଜେ ଜନ୍ନତ୍‌ରୁ ବଂଚିତ ହେଉଛନ୍ତି ବରଂ ନିଜ ପିଲାମାନଙ୍କୁ ମଧ୍ୟ ଜନ୍ନତ୍‌ରୁ ବଂଚିତ କରାଉଛନ୍ତି । ତେଣୁ ଏହା ହେଉଛି ମୂଳ ସିଦ୍ଧାନ୍ତ । ସେଥିଯୋଗୁ ଆମେ ଜମାତ୍ ଭିତରେ ମହିଳାମାନଙ୍କର ଗୋଟିଏ ଅଲଗା ସଂଗଠନ ସ୍ଥାପନ କରିଛୁ ଯେଉଁମାନଙ୍କର ପ୍ରତ୍ୟେକ ଦେଶରେ ଜଣେ ରାଷ୍ଟ୍ରୀୟ ସ୍ତରର ସଭାପତି ରହିଥାନ୍ତି ଓ ପୁଣି ସ୍ଥାନୀୟ ରୂପେ ମଧ୍ୟ ସଭାପତି ଅଛନ୍ତି ଓ ଅନ୍ୟାନ୍ୟ ଓ୍ୱହ୍‌ଦାଦାର୍‌ମାନେ ମଧ୍ୟ ରହିଛନ୍ତି । ଏମାନେ ନିଜ ନିଜର ଇଜ୍‌ଲାସାତ୍ (ବୈଠକ) ଅନୁଷ୍ଠିତ କରିଥାନ୍ତି । ଏତଦ୍‌ଭିନ୍ନ ଜମାତି ରୂପେ ଯେଉଁ ସବୁ ପ୍ରୋଗ୍ରାମ୍ ହେଉଛି ଯେଉଁଥିରେ ପୁରୁଷ ଓ ମହିଳାମାନେ ସମସ୍ତେ ସାମିଲ୍ ହେଉଛନ୍ତି, ଏପରି ପ୍ରୋଗ୍ରାମ୍‌ରେ ମଧ୍ୟ ମହିଳାମାନଙ୍କ ପାଇଁ ଗୋଟିଏ ବିଶେଷ ସମୟ ରଖାଯାଏ, ଯେଉଁଥିରେ ସେମାନେ ନିଜର ବକ୍ତବ୍ୟ ଇତ୍ୟାଦି ପ୍ରଦାନ କରିଥାନ୍ତି । ପିଲାମାନଙ୍କର ତାଲିମ୍ ଓ ତରବିୟତ୍, ସେମାନଙ୍କର ଆଧ୍ୟାତ୍ମିକ ଓ ଚାରିତ୍ରିକ ଶିକ୍ଷା, ନିଜର ସ୍ୱାସ୍ଥ୍ୟ ସମ୍ପର୍କୀୟ ଶିକ୍ଷା ଓ ଏହିପରି ଅନ୍ୟାନ୍ୟ ପ୍ରୋଗ୍ରାମ୍ ଗୁଡ଼ିକ ମଧ୍ୟ ଯୋଜନାବଦ୍ଧ ରୂପେ ଅନୁଷ୍ଠିତ କରାଯାଏ । ତେବେ ଆମ ଜମାତ୍‌ରେ ମହିଳାମାନଙ୍କର ବହୁତ ବ୍ୟାପକ ରୂପେ ଭୂମିକା ରହିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମ ଜମାତ୍ ଭିତରେ ସ୍ୱାକ୍ଷରତା ଅନୁସାରେ ମହିଳାମାନଙ୍କର ସଂଖ୍ୟା ପୁରୁଷ ମାନଙ୍କଠାରୁ ଅଧିକା । ତେଣୁ ଯେବେ ଯାଏ ଆପଣଙ୍କ ନିକଟରେ ସମ୍ପୂର୍ଣ୍ଣ ଜ୍ଞାନ ନରହିଛି ଆପଣ ନିଜ ସନ୍ତାନ ମାନଙ୍କ ତର୍‌ବିୟତ୍ କରିପାରିବେ ନାହିଁ । ଏହା ମହିଳାମାନଙ୍କ ବହୁତ ଗୁରୁ ଦାୟିତ୍ୱ ଅଟେ । ଆମ ମହିଳାମାନେ ବହୁତ ଶିକ୍ଷିତା । ସେମାନଙ୍କ ମଧ୍ୟରେ ଇଞ୍ଜିନିୟର୍, ଡାକ୍ତର୍, ଆର୍କିଟେକ୍ସ ଓ ପ୍ରଫେସର୍ ମଧ୍ୟ ଅଛନ୍ତି । ଏପରିକି ତୃତୀୟ ବିଶ୍ୱର ଦେଶ ଗୁଡ଼ିକରେ ମଧ୍ୟ ଆମ ମହିଳା ମାନଙ୍କର ୯୯.୯ ପ୍ରତିଶତଙ୍କ ଗଣନା ସ୍ୱାକ୍ଷରଙ୍କ ଭିତରେ ହୋଇଥାଏ, ଯେବେ କି ଏହା ମୁକାବିଲାରେ ପୁରୁଷମାନେ କେବଳ ୯୦ ପ୍ରତିଶତ ଅଛନ୍ତି । ସ୍ୱାକ୍ଷରତାର ଅର୍ଥ ନୁହେଁ କି ଆପଣଙ୍କୁ କେବଳ ପଢ଼ିବା ଲେଖିବା ଆସୁଛି । ଯେପରି ପାକିସ୍ତାନ୍‌ରେ ସ୍ୱାକ୍ଷରତାର ସ୍ତର ଏହା ହେଉଛି କି ଯଦି ଆପଣଙ୍କୁ ପବିତ୍ର କୋରାନ୍ ପଢ଼ିବା ଆସୁଛି ତେବେ ଆପଣ ପଢ଼ା ଲିଖା ବୋଲି ଗଣାଯିବେ । ବରଂ ସ୍ୱାକ୍ଷରତାର ଅର୍ଥ ହେଉଛି ଆପଣ ଅତି କମ୍‌ରେ ସେକେଣ୍ଡାରି ସ୍କୁଲ୍ ପର୍ଯ୍ୟନ୍ତ ଶିକ୍ଷା ହାସଲ କରିଥିବେ ।

ଆଉଜଣେ ପ୍ରଫେସର୍ ଏ ପ୍ରଶ୍ନ ପଚାରିଲେ କି ବର୍ତମାନ ୟୁରୋପ୍ ଗୋଟିଏ କଠିନ ପରିସ୍ଥିତି ଭିତରେ ଗତି କରୁଅଛି ଓ ୟୁରୋପ୍‌କୁ ଶରଣାର୍ଥୀମାନଙ୍କର ସଙ୍କଟ ମଧ୍ୟ ରହିଛି । ଆପଣଙ୍କ ମତରେ ଜମାତ୍ ଅହେମଦୀୟାକୁ ୟୁରୋପରେ Integration କରିବା ପାଇଁ କେଉଁ ସବୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ଅଧିକାଂଶ ସମୟ ଅନେକ ଲୋକଙ୍କୁ ଏହା ପଚାରି ବୁଝୁଛି କି ମୋତେ Integration ର ସଂଜ୍ଞା ବତାନ୍ତୁ ? ଯେଉଁଠି ଜମାତ୍ ଅହେମଦୀୟାର ସମ୍ପର୍କ ରହିଛି ସେଠି ମୋ ମତରେ ଆମେ ସଠିକ୍ ରୂପେ ସମାଜର ଏକ ଅଂଶ ବିଶେଷ ରହିଛୁ । କାରଣ ମୋ ନିକଟରେ Integration ର ଅର୍ଥ ଏହା କି ଆମେ ଯେଉଁ ଦେଶରେ ବସବାସ କରୁଅଛୁ ଆମେ ସେଠାରେ ତା ପାଇଁ କଣ କରୁଅଛୁ ? ଯଦି ଆମେ ଦେଶର ଉନ୍ନତି ପାଇଁ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ ବ୍ୟବହାର କରୁଅଛୁ ତେବେ ଏହାର ଅର୍ଥ ହେଉଛି ଆମେ Integration କରୁଅଛୁ । ୟୁରୋପ୍‌ରେ ଆମର ବହୁତ ପ୍ରଶଂସା କରାଯାଉଅଛି । ୟୁରୋପ୍‌ରେ, ଏଠି ସ୍ୱିଡେନ୍‌ରେ ଓ ଜର୍ମାନୀରେ ଏବଂ ପ୍ରତ୍ୟେକ ସ୍ଥାନରେ ଅହେମଦୀ ଶିକ୍ଷିତ ପୁରୁଷ ଓ ଶିକ୍ଷିତା ମହିଳା ମାନଙ୍କର ଏକ ବହୁତ ବଡ଼ ସଂଖ୍ୟାକୁ ସମାଜର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ରୂପେ ବିବେଚନା କରାଯାଉଅଛି । ତେବେ Integration ପ୍ରସଙ୍ଗରେ ମୋତେ ଏପରି କୌଣସି ସମସ୍ୟା ଦୃଷ୍ଟିଗୋଚର ହେଉନାହିଁ ଯେଉଁଥିପାଇଁ ଆମେ ବ୍ୟତିବ୍ୟସ୍ତ ହେବୁ । ଯଦି ଆପଣମାନେ ଶିକ୍ଷିତ ତେବେ ଆପଣ ଜାଣିପାରିବେ କି ଆପଣମାନଙ୍କ ପାଇଁ କଣ ଭଲ ଓ କଣ ଖରାପ ।

ଆଉଜଣେ ପ୍ରଫେସର ପଚାରିଲେ କି ଜମାତ୍ ଅହେମଦୀୟାର ମିଶନ୍ କଣ ? କଣ ଆପଣମାନେ ନିଜର ଏକ କୌମ୍ (ଜାତି) ବନାଇବାକୁ ଚାହୁଁଛନ୍ତି କି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଜମାତ୍ ଅହେମଦୀୟାର ମିଶନ୍ ହେଉଛି ଏହା କି ସଂସାରର ପ୍ରତ୍ୟେକ ବ୍ୟକ୍ତି ନିଜ ସୃଷ୍ଟିକର୍ତାଙ୍କ ସମ୍ମୁଖରେ ନତମସ୍ତକ ହେଉ । ଯଦି ଏ ଉଦ୍ଦେଶ୍ୟ ହାସଲ ହୋଇଯାଏ ତେବେ ଏହା ଯଥେଷ୍ଟ । ଆମକୁ କୌଣସି କୌମ୍ ବନାଇବାର ଆବଶ୍ୟକ ନାହିଁ । ଆମକୁ ଅନ୍ୟ ଦେଶ ଗୁଡ଼ିକ ଉପରେ କବ୍‌ଜା କରିବାର ଆବଶ୍ୟକ ନାହିଁ । ଯଦି ସମସ୍ତ ଲୋକେ ଇଶ୍ୱରଙ୍କୁ ଚିହ୍ନିବାକୁ ଲାଗିଯିବେ ଓ ଇଶ୍ୱରଙ୍କ ସୃଷ୍ଟଜର ଅଧିକାରକୁ ପ୍ରଦାନ କରିବେ ତେବେ ପ୍ରତ୍ୟେକଙ୍କର ଏହି ଇଛା ହେବ କ ସେ ଆଧ୍ୟାତ୍ମିକ ରୂପେ ଉନ୍ନତି କରୁ । ଏହା ହେଉଛି ଆମର ବାର୍ତା, ଯାହାକୁ ଆମେ ପ୍ରସାର ଓ ପ୍ରଚାର କରିବା ପାଇଁ ଲାଗିଅଛୁ । ମୋତେ ସ୍ୱିଡେନ୍ ବା ଜର୍ମାନୀ ବା ଅନ୍ୟ କୌଣସି ଶକ୍ତିର ଲୋକନାହିଁ । ଏହି କାରଣ ଯୋଗୁ ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ନିଜର ଗୋଟିଏ ପଦରେ କହୁଛନ୍ତି-

'ମୁଝ୍‌କୋ କ୍ୟା ମୁଲ୍‌କୋଁ ସେ
ମେରା ମୁଲ୍‌କ୍ ହେଁ ସବ୍ ସେ ଜୁଦା
ମୁଝ୍‌କୋ କ୍ୟା ତାଜୋଁ ସେ
ମେରା ତାଜ୍ ହେଁ ରିଜ୍‌ୱାନେ ୟାର୍

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ମୁଁ ତ ଏହା କହିବି କି ସାଂସାରିକ ଶକ୍ତି ଗୁଡ଼ିକ ଇସଲାମେ ଅହେମଦୀୟତ୍ ଅର୍ଥାତ୍ ଅହେମଦୀୟା ସଂଗଠନ ଠାରୁ ଭୟ ରଖିବାର କୌଣସି ଆବଶ୍ୟକ ନାହିଁ । ଆମେ ପ୍ରତି କ୍ଷେତ୍ରରୁ ଗୋଟିଏ ଆଧ୍ୟାତ୍ମିକ ଜମାତ୍ ଅଟୁ ।

ଏହାପରେ ଆଉଜଣେ ପ୍ରଫେସର୍ ପଚାରିଲେ କି କଣ ଆପଣଙ୍କ ମତରେ ପରକାଳ ଉପରେ ଅଧିକ ଧ୍ୟାନ ଦେବା ଯୋଗୁ ଇହକାଳର ଧ୍ୟାନ ଉପରେ କୌଣସି ଅଭାବ ତ ରହିବ ନାହିଁ ?

ଏଥିରେ ହଜୁର୍ ଅନୁଓ୍ୱର୍ କହିଲେ- ଯଦି ଆପଣ ଏ ସଂସାରକୁ ଆସିଛନ୍ତି ତେବେ ଆପଣଙ୍କୁ କିଛି ଦାୟିତ୍ୱ ସମର୍ପଣ କରାଯାଇଛି, ଯାହା ଆପଣମାନଙ୍କୁ ତୁଲାଇବାକୁ ପଡ଼ିବ । ଯଦି ଆପଣମାନେ ଏହି ଦାୟିତ୍ୱ ଗୁଡ଼ିକୁ ଅଲ୍ଲାହତାଲାଙ୍କ ପ୍ରଶନ୍ନତା ହାସଲ କରିବା ପାଇଁ ତୁଲାଉଛନ୍ତି ତେବେ ଆପଣମାନଙ୍କର ସେହି କାର୍ଯ୍ୟ ଗୁଡ଼ିକର ଫଳ ଇହକାଳରେ ଓ ପରକାଳରେ ମଧ୍ୟ ମିଳିବ । ଉଦାହରଣ ସ୍ୱରୂପ ରସୁଲେ କରିମ୍ ସ:ଆ:ସଙ୍କର ଗୋଟିଏ ହଦିସ୍ ଅଛି କି ଯଦି ଆପଣ ନିଜ ସ୍ତୀର ଧ୍ୟାନ ରଖୁଛନ୍ତି ଏପରିକି ଅଲ୍ଲାହତାଲାଙ୍କ ପ୍ରଶନ୍ନତା ହାସଲ କରିବା ପାଇଁ ତାଙ୍କ ମୁହଁରେ ଗୋଟିଏ ଗୁଣ୍ଡା ଖାଇବାକୁ ଦେଉଛନ୍ତି ତେବେ ଆପଣଙ୍କୁ ଏହାର ପ୍ରତିବଦଳରେ ପୁଣ୍ୟ ମିଳିବ । ତେଣୁ ଯଦି ଆପଣ ଶାନ୍ତି ପ୍ରତିଷ୍ଠା କରୁଛନ୍ତି ଓ ଅନ୍ୟଙ୍କ ସହିତ ପ୍ରେମ

କରୁଛନ୍ତି ତେବେ ଏହାର ଫଳ ମଧ୍ୟ ଆପଣଙ୍କୁ ପରକାଳରେ ମିଳିବ ଓ ଇହକାଳରେ ମଧ୍ୟ ମିଳିବ। ଯଦି ଆପଣ ନିଜ ସ୍ତ୍ରୀ କୁ ପ୍ରେମ କରୁଛନ୍ତି। ଫଳସ୍ୱରୂପ ଆପଣଙ୍କର ଘରେ ମଧ୍ୟ ଶାନ୍ତି ରହିବ ଓ ଆପଣଙ୍କ ପିଲାମାନେ ମଧ୍ୟ ଶାନ୍ତିରେ ରହିବେ। ଏତଦ୍ ବ୍ୟତୀତ ଆପଣଙ୍କୁ ପରକାଳରେ ମଧ୍ୟ ଏହାର ପ୍ରତିବଦଳ ମିଳିବ। ତେଣୁ ଆପଣ ଏହା କହିପାରିବେ ନାହିଁ କି ପରକାଳ ଉପରେ ଅଧିକ ଧ୍ୟାନ ଦିଆଯାଉଛି ବୋଲି। କାରଣ ଆପଣ ଯାହା କିଛି ମଧ୍ୟ କରୁଛନ୍ତି ତାହା ଈଶ୍ୱରଙ୍କ ପ୍ରସନ୍ନତା ହାସଲ କରିବା ପାଇଁ କରୁଛନ୍ତି। ତେଣୁ ଆପଣଙ୍କର ଧ୍ୟାନ କେବଳ ପରକାଳ ଉପରେ ନୁହେଁ ବରଂ ଇହକାଳ ଉପରେ ମଧ୍ୟ ରହିଛି।

ଆଉଜଣେ ପ୍ରଫେସର୍ ପଚାରିଲେ କି ଆପଣ ସମାଜରେ Integration ର କଥା କହୁଥିଲେ। ତେବେ କଣ ଆପଣଙ୍କ ଜମାତ୍ ପାଇଁ ମାନବ ଜାତିର ସେବା ଓ ସମାଜ ସେବା କରିବା ମଧ୍ୟ ଜରୁରୀ ଅଟେ?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ବିଲ୍‌କୁଲ୍ ଜରୁରୀ ଅଟେ। ଆମେ ୟୁରୋପ୍ ଓ ବାକି ଦେଶ ଗୁଡିକରେ ସମାଜ ସେବା କରୁଅଛୁ ଓ Charity walks ଅନୁଷ୍ଠିତ କରୁଅଛୁ। ତା ମାଧ୍ୟମରେ ଜମା ହୋଇଥିବା ଅର୍ଥକୁ ଆମେ ସ୍ଥାନୀୟ Charities କୁ ଦେଇଦେଉଛୁ। ପୁଣି ଆମର ନିଜର Charity Organization ମଧ୍ୟ ରହିଛି, ଯାହାର ନାମ ହେଉଛି Humanity First।

ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ୟୁରୋପ୍ ବ୍ୟତୀତ ଆଫ୍ରିକାରେ ମଧ୍ୟ ବହୁତ କାମ ଚାଲିଛି। ସେଠାରେ ଆମର ଡାକ୍ତରଖାନା ଓ ସ୍କୁଲ୍‌ଗୁଡିକ ଅଛି। ପୁଣି ଆମେ ଆଫ୍ରିକାର ଦୂରଦୂରାନ୍ତ ଇଲାକାରେ ରହୁଥିବା ଲୋକମାନଙ୍କ ପାଇଁ ପାଣିର ବ୍ୟବସ୍ଥା ନିମନ୍ତେ କୂଅ ଖୋଳିବାର କାର୍ଯ୍ୟ ମଧ୍ୟ ଆରମ୍ଭ କରିଛୁ। ଯଦ୍ୱାରା ସେମାନଙ୍କୁ ପିଇବା ପାଇଁ ସ୍ୱଚ୍ଛ ଓ ଶୁଦ୍ଧ ପାଣି ମିଳିପାରିବ। ଆପଣ ବୋଧହୁଏ ଜାଣିନଥିବେ କି ସେଠାରେ ଛୋଟଛୋଟ ପିଲାମାନେ ନିଜ ମୁଣ୍ଡ ଉପରେ ପାଣିର ପାତ୍ରଗୁଡିକ ରଖି ଅନେକ କି.ମି ପାଦରେ ଚାଲିଚାଲି ପାଣି ବୋହି ଆଣୁଛନ୍ତି। ସେ ପାଣି ସବୁ ମଧ୍ୟ ବହୁତ ଖରାପ, ଯାହାକୁ ପିଇବା ଦ୍ୱାରା ବହୁ ରୋଗ ହୋଇଥାଏ। ପୁଣି ଆମେ Model Villages ମଧ୍ୟ ନିର୍ମାଣ କରୁଅଛୁ, ଯାହା ଭିତରେ ସଡକ, ଆଲୋକ, ପିଇବା ପାଇଁ ଶୁଦ୍ଧ ପାଣି, କମ୍ୟୁନିଟି ହଲ୍ ଓ ସବୁଜିମା ଇତ୍ୟାଦି ତିଆରି କରିବା ପାଇଁ ପାଣି ଦେବାର ବ୍ୟବସ୍ଥା ରହିଛି। ସୁତରାଂ ଏହି ସବୁ ପ୍ରକାରର ସୁବିଧା ସୁଯୋଗ ଆମେ ସେଠାରେ ସ୍ଥାନୀୟ ଲୋକମାନଙ୍କୁ ଯୋଗାଇ ଦେଉଛୁ।

ଏଥିରେ ମହିଳା ପ୍ରଫେସର୍ ଜଣକ ପ୍ରଶ୍ନ ପଚାରିଲେ କି ଆଫ୍ରିକାର କେଉଁ ଇଲାକାରେ ଆପଣ ଏହିସବୁ ସୁବିଧା ସୁଯୋଗ ଉପଲବ୍ଧ କରାଉଛନ୍ତି?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ପଶ୍ଚିମ ଆଫ୍ରିକାର ଦେଶଗୁଡିକରେ, ଯେଉଁମାନଙ୍କ ଭିତରେ ଘାନା, ନାଇଜେରିଆ, ବୁର୍କିନାଫାଶୋ, ମାଲି, ଆଇଭରିକୋଷ୍ଟ, ଗାମ୍ବିୟା ଓ ସିନିଗାଲ୍ ଇତ୍ୟାଦି ଦେଶ ସାମିଲ୍ ଅଛନ୍ତି। ଉଣାଧିକେ ସମସ୍ତ ପଶ୍ଚିମ ଆଫ୍ରିକୀୟ ଦେଶ ଗୁଡିକରେ ଏହି କାମ ଚାଲିଅଛି। ପୁଣି ପୂର୍ବ ଆଫ୍ରିକାରେ ମଧ୍ୟ କାମ ଚାଲିଛି। ସେମାନଙ୍କ ମଧ୍ୟରୁ କେନିଆ, ତାଞ୍ଜାନିଆ ଓ ୟୁଗାଣ୍ଡା ଇତ୍ୟାଦି ଦେଶଗୁଡିକ ଅଛନ୍ତି। ପୁଣି ମଧ୍ୟ ଆଫ୍ରିକା ଓ ଦକ୍ଷିଣ ଆଫ୍ରିକାରେ ମଧ୍ୟ କାମ ଚାଲିଛି। କଙ୍ଗୋ କନ୍‌ସାସାରେ ମଧ୍ୟ ଆମର ବହୁତ ବଡ଼ ଜମାତ୍ ରହିଛି। ପୁଣି ଦକ୍ଷୀଣ ଆମେରିକୀୟ ଦେଶଗୁଡିକରେ କିଛଇ ପ୍ରୋଜେକ୍ଟସ୍ ଆରମ୍ଭ ହୋଇଛି। ଆମେ ଗୋଟେମାଲାରେ ମଧ୍ୟ ଏକ ବହୁତ ବଡ଼ ଡାକ୍ତରଖାନା ନିର୍ମାଣ କରୁଅଛୁ।

ପୁଣି ସେ ପଚାରିଲେ କି ଏହିସବୁ ପ୍ରୋଜେକ୍ଟସ୍ ପାଇଁ ଫଣ୍ଡିଂ କେଉଁଠାରୁ ଯୋଗାଇ ଦିଆଯାଉଛି?

ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ- ଜମାତ୍ ଅହେମଦୀୟାର ଲୋକମାନେ ହି ମାଲି କୁର୍ବାନୀ କରୁଛନ୍ତି। ପୁଣି ଆମେ Charity program ଅନୁଷ୍ଠିତ କରୁଛୁ। ତା ଦ୍ୱାରା ଯେଉଁ ଅର୍ଥ ଏତ୍ରିତ ହେଉଛି, ଏବେ ନିକଟରେ ହ୍ୟୁମାନିଟି ଫାର୍ଷ୍ଟ ଆମେରିକାରେ ଗୋଟିଏ Triathlon ଅନୁଷ୍ଠିତ କରିଥିଲା। ତା ମଧ୍ୟମରେ ୧.୫ ମିଲିଅନ୍ ଡଲାର୍ ଜମା ହୋଇଛି, ଯାହାକୁ ଗୋଟେମାଲାର ନିର୍ମାଣଧିନ ଡାକ୍ତରଖାନାରେ ଖର୍ଚ୍ଚ କରାଯିବ। ପୁଣି ଆମର ଅଧିକାଂଶ କାର୍ଯ୍ୟ ସ୍ୱେଚ୍ଛାସେବୀ କର୍ମୀମାନଙ୍କ ଦ୍ୱାରା ହୋଇଥାଏ। ଏହାଦ୍ୱାରା ଆମର ଖର୍ଚ୍ଚ କମ୍ ହୋଇଥାଏ। ଯଦି ଗୋଟିଏ ପ୍ରୋଜେକ୍ଟକ କୌଣସି ଏକ କମ୍ପାନୀକୁ ଦିଆଯାଏ ଓ ସେଥିରେ ଯଦି ପାଂଚ ମିଲିୟନ୍ ଖର୍ଚ୍ଚ ହେବାକୁ ଥିବ ତେବେ ଆମେ ସେହି କାର୍ଯ୍ୟକୁ ସ୍ୱେଚ୍ଛାସେବୀ କର୍ମୀମାନଙ୍କ ଦ୍ୱାରା ଏକ ମଲିୟନ୍ ଖର୍ଚ୍ଚ କରି ସମ୍ପୂର୍ଣ୍ଣ କରାଇଦେଉଛୁ।

ସାକ୍ଷାତ୍‌କାର୍‌ର ଶେଷରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ କି ଯଦି ମୋ ନିକଟରେ ଅଧିକ ସମୟ ଥାଆନ୍ତା ତେବେ ମୁଁ ନିଶ୍ଚିତ ରୂପେ ଆପଣଙ୍କ ଗହଣରେ ସମୟ ଅତିବାହିତ କରିଥାଆନ୍ତି। କିନ୍ତୁ ଏବେ ମୋର ଆହୁରି ଅନେକ ପ୍ରୋଗ୍ରାମ୍ ଅଛି। ଏଥିରେ ଏକତ୍ରିତ ହୋଇଥିବା ସମସ୍ତ ପୁରୁଷ ଓ ମହିଳା ପ୍ରଫେସର୍‌ମାନେ ହଜୁର୍ ଅନୁୱର୍ ଅ:ବ:ଅଙ୍କୁ ଧନ୍ୟବାଦ ଜଣାଇଲେ।

ଏହିପରି ଏହି ସାକ୍ଷାତ୍‌କାର୍ ୧୧:୧୫ ରେ ଶେଷ ହେଲା। ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜର ଆବାସସ୍ଥଳୀ (ଆପାର୍ଟମେଂଟ୍) କୁ ଚାଲିଗଲେ।

**''ବଇତୁଲ୍ ଆଫିୟତ୍'' ନିମନ୍ତେ ଯାତ୍ରା**

ଏହାପରେ ପ୍ରେଗ୍ରାମ ମୁତାବକ ୧୨ ସମୟରେ ଏଠାରୁ ଜମାତ୍‌ର ସେଂଟର୍ ଷ୍ଟକ୍‌ହୋମ୍ ''ବଇତୁଲ୍ ଆଫିୟତ୍'' ନିମନ୍ତେ ଯାତ୍ରା ଆରମ୍ଭ ହେଲା। ପାଖାପାଖି ଅଧଘଂଟାର ଯାତ୍ରା ପରେ ହଜୁର୍ ଅନୁୱର୍ ଅ:ବ:ଅ ସଦର ଜମାତ୍ ଷ୍ଟକ୍‌ହୋମ୍ ମୋକରମ୍ ଖାଲିଦ୍ ମେହମୁଦ୍ ଚିମା ସାହେବଙ୍କ ଆବାସସ୍ଥଳୀରେ ପଦାର୍ପଣ ହେଲା। ଏଠାରେ କିଛି ମିନିଟ୍ ରହିବା ପରେ ହଜୁର୍ ଅନୁୱର୍ ଅ:ବ:ଅ କିଛି ସମୟ ପାଇଁ ମୁବଲିଗ୍ ସିଲ୍‌ସିଲା ଷ୍ଟକ୍‌ହୋମ ମୋକରମ୍ କାଶିଫ୍ ମେହ୍‌ମୁଦ୍ ୱ୍ୱର୍କ ସାହେବଙ୍କ ଘରକୁ ଗଲେ ଓ ସେଠାରେ ପାଖାପାଖି ଅଧଘଂଟା ରହିଲେ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ କିଛି ସମୟ ପାଇଁ ମୋକରମ୍ ଡକ୍ଟର୍ ମେହ୍‌ମୁଦ୍ ଶର୍ମା ସାହେବ୍ ସୁପୁତ୍ର ମୋକରମ୍ ମେଜର୍ ଅବ୍‌ଦୁଲ୍ ହମିଦ୍ ସର୍ମା ସାହେବଙ୍କ ଘରକୁ ଗଲେ। ଏହାପରେ ହଜୁର୍ ଅନୁୱର୍ ପୁଣି ସଦର ସାହେବ ଜମାତ୍ ଅହେମଦୀୟା ଷ୍ଟକ୍‌ହୋମ୍ ଘରକୁ ଫେରିଆସିଲେ। ଓ ମଧ୍ୟାହ୍ନ ଭୋଜନ ଗ୍ରହଣ କଲେ। ସଦର ସାହେବ୍ ସମସ୍ତ ସଦସ୍ୟଙ୍କ ନିମନ୍ତେ ଭୋଜନର ବ୍ୟବସ୍ଥା କରିଥିଲେ।

ଏହାପରେ ଠିକ୍ ୨ଟା ସମୟରେ ହଜୁର୍ ଅନୁୱର୍ ଅ:ବ:ଅ ଜମାତି ସେଂଟର୍ ''ବଇତୁଲ୍ ଆଫିୟତ୍'' ରେ ପଦାର୍ପଣ କଲେ। ଜମାତ୍‌ର ଲୋକମାନେ, ପୁରୁଷ ଓ ମହିଳା ସମସ୍ତେ ନିଜ ପ୍ରିୟ ଆକାଙ୍କ ଆଗମନ ଅପେକ୍ଷାରେ ଥିଲେ। ଛୋଟଛୋଟ ଝିଅପିଲାମାନେ ଦଳଦଳ ହୋଇ ଦୁଆଇଆ ସ୍ୱାଗତ ସଂଗୀତ ଉପସ୍ଥାପନ କରୁଥିଲେ। ହଜୁର୍ ଅନୁୱର୍ ଅ:ବ:ଅ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହି ମିଶନ୍ ହାଉସ୍ ଭିତରେ ପ୍ରବେଶ କଲେ। ସେଠାରେ ନମାଜ ଜୋହର୍ ଓ ଅସର୍ ଜମା କରି ପଢ଼ାଇଲେ।

ଏବେ ପ୍ରୋଗ୍ରାମ୍ ମୁତାବକ ଷ୍ଟକ୍‌ହୋମ୍‌ଠାରୁ ଗୋଥନ୍‌ବର୍ଗ୍ ଯିବାର ଥିଲା। ହଜୁର୍ ଅନୁୱର୍ ଅ:ବ:ଅ ପ୍ରଥମେ ଦୁଆ କରାଇଲେ ଓ ସଦର୍ ସାହେବ୍ ଜମାତ୍ ଅହେମଦୀୟା ଷ୍ଟକ୍ ହୋମ୍‌ଙ୍କ ଘର ହୋଇ ଠିକ୍ ୨:୪୦ ରେ ଗୋଥନ୍‌ବର୍ଗ୍ ନିମନ୍ତେ ଯାତ୍ରା ଆରମ୍ଭ କଲେ।

ଷ୍ଟକ୍‌ହୋମ୍‌ରୁ ଗୋଥନ୍‌ବର୍ଗ୍‌ର ଦୂରତା ହେଉଛି ୪୮୩ କି.ମି। ପାଖାପାଖି ତିନିଘଂଟା ଯାତ୍ରା କରିବା ପରେ ରାସ୍ତାର ଗୋଟିଏ କ୍ୟାଫ୍‌ଟେରିଆରେ କିଛି ସମୟ ପାଇଁ କାଫିଲା ରହିଲା। ଏହାପରେ ଏ କାଫିଲା ଆଗକୁ ଯାତ୍ରା ଆରମ୍ଭ କଲା। ୮:୧୫ ରେ ହଜୁର୍ ଅନୁୱର୍ ଅ:ବ:ଅ ''ମସ୍‌ଜିଦ୍ ନାସିର୍'' ଗୋଥନ୍‌ବର୍ଗ୍ ଠାରେ ପଦାର୍ପଣ କଲେ।

ଜମାତ୍‌ର ଲୋକମାନଙ୍କର ଏକ ବହୁତ ବଡ଼ ସଂଖ୍ୟା ନିଜ ପ୍ରିୟ ହଜୁର୍‌ଙ୍କ ଆଗମନକୁ ଅପେକ୍ଷା କରି ରହିଥିଲା। ଜମାତ୍‌ର ସଦସ୍ୟଗଣ ବହୁତ ଉତ୍ସାହିତ ହୋଇ ନିଜ ପ୍ରିୟ ଆକାଙ୍କୁ ସ୍ୱାଗତ ଜଣାଇଲେ। ଛୋଟଛୋଟ ଝିଅମାନେ ସ୍ୱାଗତ ସଂଗୀତ ପରିବେଷଣ କଲେ। ମହିଳାମାନେ ଗୋଟିଏ କଡ଼ରେ ଛିଡ଼ା ହୋଇ ହଜୁର୍ ଅନୁୱର୍‌ଙ୍କୁ ଦର୍ଶନ କରୁଥିଲେ। ହଜୁର୍ ଅନୁୱର୍ ନିଜର ହାତକୁ ଉପରକୁ ଉଠାଇ ସମସ୍ତଙ୍କୁ ଅସ୍‌ସଲାମୋ ଆଲୈକୁମ୍ କହିଲେ। ଓ ମସ୍‌ଜିଦ୍ ସହିତ ସଂଲଗ୍ନ ଆବାସସ୍ଥଳୀକୁ ଚାଲିଗଲେ।

ଠିକ୍ ୯:୪୫ ରେ ହଜୁର୍ ଅନୁୱର ଅ:ବ:ଅ ମସ୍‌ଜିଦ୍ ନାସିର୍‌ରେ ପହଂଚି ନମାଜ ମଗରିବ୍ ଓ ଇସା ଜମା କରି ପଢ଼ାଇଲେ। ଗୋଥନ୍‌ବର୍ଗ୍‌ରେ ସୂର୍ଯ୍ୟଅସ୍ତର ସମୟ ହେଉଛି ୯:୩୯ ରେ। ନମାଜ ପାଠ ପରେ ହଜୁର୍ ଅନୁୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ।

''ମସ୍‌ଜିଦ୍ ନାସିର୍ ସ୍ୱିଡେନ୍'' ଅଲ୍ଲାଃତାଲାଙ୍କ ଫଜଲରୁ ଜମାତ୍ ଅହେମଦୀୟା ସ୍ୱିଡେନ୍‌ର ହେଉଛି ପ୍ରଥମ ମସ୍‌ଜିଦ୍। ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ୨୭ ସେପ୍ଟେମ୍ବର୍ ୧୯୭୫ ମସିହାରେ ସ୍ୱିଡେନ୍‌ର ସହର ଗୋଥନ୍‌ବର୍ଗ୍‌ଠାରେ ଏହି ପ୍ରଥମ ମସ୍‌ଜିଦ୍‌ର ମୂଳଦୁଆ ରଖିଥିଲେ। ହଜୁର୍ ର:ଅ ବହୁତ ଭାବ ବିହୋଳ ଦୁଆ କରି ମସ୍‌ଜିଦ୍ ମୋବାରକ୍ କାଦିଆନ୍‌ର ସେହି ଇଟାକୁ ମୂଳଦୁଆରେ ରଖିଲେ ଯାହାକୁ ଏହା ପୂର୍ବରୁ ହଜ୍‌ରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଦୁଆ କରାଇ ଏହି ମସ୍‌ଜିଦ୍‌ର ମୂଳଦୁଆରେ ରଖିବା ପାଇଁ ପ୍ରେରଣ କରିଥିଲେ।

ଏହି ମସ୍‌ଜିଦ୍‌ଟି ଗୋଟିଏ ଛୋଟିଆ ପାହାଡ ଉପରେ ରହିଛି। ୩୨୫ ସ୍କୋୟାର୍ ମିଟର୍ ସ୍ଥାନରେ ପରିବେଷ୍ଟିତ ଉକ୍ତ ମସ୍‌ଜିଦ୍‌ର ନିର୍ମାଣ କାମ ସମ୍ପୂର୍ଣ୍ଣ ହେବା ପରେ ୨୦ ଅଗଷ୍ଟ ୧୯୭୬ ଶୁକ୍ରବାର ଦିନ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ମସ୍‌ଜିଦ୍‌ର ନାସିର୍ ଉଦ୍‌ଘାଟନ କଲେ।

ଏହି ମସ୍‌ଜିଦ୍ ନାସିର୍ ଯେଉଁ ଯାଗା ଭିତରେ ଅଛି ସେହି ଯାଗାଟି ୮୦୦୦ ସ୍କୋୟାର୍ ମିଟର୍‌ର ଅଟେ। ୧୯୯୭ ମସିହାରେ ଜମାତ୍ ଅହେମଦୀୟା ଏହି ଜାଗାଟିକୁ କିଣିଛି। ୧୯୯୯ ମସିହାରେ ଏହି ମସ୍‌ଜିଦ୍‌ଟିକୁ ବିସ୍ତାରିତ କରାଯାଇଛି। ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ ର:ଅଙ୍କ ନିର୍ଦ୍ଦେଶ କ୍ରମେ ମୋକରମ୍ ମୁହମ୍ମଦ୍ ଉସ୍‌ମାନ୍ ଚିନି ସାହେବ୍ ହଜୁର୍ ର:ଅଙ୍କ ପ୍ରତିନିଧି ରୂପେ ଏହି ମସ୍‌ଜିଦ୍‌ର ନୂତନ ମୂଳଦୁଆର ଭିତିସ୍ଥାପନ କରିଛନ୍ତି।

୧୪୦୦ ସ୍କୋୟାର୍‌ମିଟର୍‌ରେ ଏହା ପରିବେଷ୍ଟିତ। ଏହା ଦୁଇମହଲା ବିଶିଷ୍ଟ, ଅତ୍ୟନ୍ତ ସୁନ୍ଦର। ମସ୍‌ଜିଦ୍ ନାସିର୍ ନିଜର ପ୍ରସାରଣ ପରେ ୧୦୦୦ ରୁ ଅଧିକା ନମାଜି (ନମାଜ ପଢୁଥିବା ଲୋକେ)ଙ୍କୁ ନିଜ ଭିତରେ ରଖିପାରୁଛି।

ଗ୍ରାଉଣ୍ଡ୍ ଫ୍ଲୋର୍‌ରେ ମସ୍‌ଜିଦ୍‌ର ବଡ଼ ପୁରୁଷ ମାନଙ୍କ ହଲ୍ ସହିତ ସଂଲଗ୍ନ ଲାଇବ୍ରେରି ହଲ୍ ରହିଛି, ଡାଇନିଂ ହଲ୍, କିଚେନ୍ ଓ ପାଂଚୋଟି କାର୍ଯ୍ୟାଳୟ ଅଛି। ଏତଦ୍‌ବ୍ୟତୀତ ଏହି ଅଟ୍ଟାଳିକାରେ ଗୋଟିଏ ଆବାସସ୍ଥଳୀର ଫ୍ଲାଟ୍ ମଧ୍ୟ ରହିଛି। ଦ୍ୱିତୀୟ ମହଲାରେ ମହିଳାମାନଙ୍କ ପାଇଁ ଗୋଟିଏ ବଡ଼ ହଲ୍ ଓ ଛୋଟ ଛୋଟ ପିଲାମାନଙ୍କ ପାଇଁ ଅଲଗା ଗୋଟିଏ ସ୍ଥାନ, ଓ ତା ସହିତ ସଂଲଗ୍ନ ଦୁଇଟି ହଲ୍ ଓ ଲଜ୍‌ନା ମାନଙ୍କ ନିମନ୍ତେ ଗୋଟିଏ କାର୍ଯ୍ୟାଳୟ ମଧ୍ୟ ରହିଛି। ଏହି ଫ୍ଲୋର୍‌ରେ ଗୋଟିଏ ଗେଷ୍ଟ୍ ହାଉସ୍ ମଧ୍ୟ ଅଛି। ଏତଦ୍‌ବ୍ୟତୀତ ଦୁଇଟି କାର୍ଯ୍ୟାଳୟ ଓ ଏମ୍.ଟି.ଏର ସୁନ୍ଦର ଷ୍ଟୁଡିଓ ମଧ୍ୟ ରହିଛି। ମସ୍‌ଜିଦ୍‌ରେ ଦୁଇଟି ଗୁମ୍ବଦ ଅଛି। ମସ୍‌ଜିଦ୍ ସହିତ ମିନରତୁଲ୍ ମସିହ୍ ଆକାରରେ ଗୋଟିଏ ମିନାର୍ ମଧ୍ୟ ନିର୍ମାଣ କରାଯାଇଛି। ଏହି ମସ୍‌ଜିଦ୍‌ଟି ଯେହେତୁ ଉଚ୍ଚ ସ୍ଥାନରେ ଅବସ୍ଥିତ, ସେଥିଯୋଗୁ ବହୁତ ଦୂରରୁ ଏହା ଦୃଷ୍ଟିଗୋଚର ହେଉଅଛି। (ବହଓ୍ୱାଲା ଅଖ୍‌ବାର୍ ବଦର୍ ୨୧ ଜୁଲାଇ ୨୦୧୬)

**୧୯ ମଇ ୨୦୧୬ ଗୁରୁବାର**

ପ୍ରତ୍ୟୁଷ ୩:୪୫ରେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍‌ରେ ପହଂଚି ଫଜର୍ ନମାଜ ପଢ଼ାଇଲେ। ନମାଜ ପାଠ ପରେ ହଜୁର୍ ଅନୁୱର୍ ନିଜ ଆବାସସ୍ଥଳୀକୁ ଚାଲିଗଲେ।

ସକାଳବେଳା ହଜୁର୍ ଅନୁୱର୍ ଅ:ବ:ଅ ଦଫ୍‌ତରି ଡାକ, ଚିଠିପତ୍ର ଓ ରିପୋର୍ଟ୍‌ସ୍ ଗୁଡିକ ଅନୁଧ୍ୟାନ କଲେ ଓ ସେହି ଚିଠି ଓ ରିପୋର୍ଟ୍‌ସ୍ ଗୁଡିକରେ ନିଜ ପବିତ୍ର ହାତ ଦ୍ୱାରା ନିର୍ଦ୍ଦେଶ ଲେଖିଲେ। ଏହିପରି ହଜୁର୍ ଦଫ୍‌ତରି କାର୍ଯ୍ୟରେ ବ୍ୟସ୍ତ ରହିଲେ।

ଠିକ୍ ଦୁଇଟାବେଳେ ହଜୁର୍ ଅନୁୱର୍ ଅ:ବ:ଅ ମସ୍‌ଜିଦ୍ ନାସର୍‌ରେ ପହଂଚି ନମାଜ ଜୋହର୍ ଏବଂ ଅସର ଜମା କରି ପଢ଼ାଇଲେ। ନମାଜ ପରେ ହଜୁର୍ ଅନୁୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ। ତୃତୀୟ ପ୍ରହରରେ ମଧ୍ୟ ହଜୁର୍ ଅନୁୱର୍ ଅ:ବ:ଅ ଦଫ୍‌ତରି କାର୍ଯ୍ୟ କରିବାରେ ବ୍ୟସ୍ତ ରହିଲେ।

**ଫ୍ୟାମିଲି ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ଠିକ୍ ୭ଟା ବେଳେ ହଜୁର୍ ଅନୁୱର୍ ଅ:ବ:ଅ ନିଜ କାର୍ଯ୍ୟାଳୟକୁ ଆସିଲେ ଓ ଫ୍ୟାମିଲି ସାକ୍ଷାତ୍‌କାରର ପ୍ରୋଗ୍ରାମ୍ ଆରମ୍ଭ ହେଲା। ଆଜି ସନ୍ଧ୍ୟାର ଏହି ସେଶନ୍‌ରେ ୨୮ଟି ଫ୍ୟାମିଲିର ୯୪ ଜଣ ସଦସ୍ୟ ନିଜ ପ୍ରିୟ ଆକାଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ। ସାକ୍ଷାତ୍

କରିବାକୁ ଆସିଥିବା ଫ୍ୟାମିଲି ଗୁଡ଼ିକର ସମ୍ପର୍କ ଗୋଥନବର୍ଗର ଜମାତ୍ ସହିତ ଥିଲା । ଆଉଗୋଟିଏ ଫ୍ୟାମିଲି ଷ୍ଟକହୋମ୍‌ରୁ ୪୮୩ କି.ମି ଦୂରତା ଅତିକ୍ରମ କର ସାକ୍ଷାତ୍ କରିବା ପାଇଁ ପହଂଚିଥିଲା । ଏହି ସମସ୍ତ ଫ୍ୟାମିଲି ଗୁଡ଼ିକ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ମଧ୍ୟ ପ୍ରାପ୍ତ କଲେ ।

ହଜୁର୍ ଅନୱ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ର ଓ ଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ବୟସର ପିଲାମାନଙ୍କୁ ଚକୋଲେଟ ପ୍ରଦାନ କଲେ ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ୯:୧୦ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୱ୍ୱର୍ ଅ:ବ:ଅ ନିଜେ ରହୁଥିବା ଆବାସସ୍ଥଳୀକୁ ଚାଲିଗଲେ । ଠିକ୍ ୯:୪୫ ରେ ହଜୁର୍ ଅନୱ୍ୱର୍ ଅ:ବ:ଅ ମସ୍‌ଜିଦ୍ ନାସର୍‌ରେ ପହଂଚି ମଗରିବ୍ ଓ ଇସା ଜମାକରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନୱ୍ୱର୍ ଅ:ବ:ଅ ପୁଣି ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ରେଡ଼ିଓ, ଟେଲିଭିଜନ୍ ଓ ଖବରକାଗଜ ଗୁଡ଼ିକରେ ହଜୁର୍ ଅନୱ୍ୱର୍‌ଙ୍କ ଗସ୍ତର କଭରେଜ୍**

ଅଲ୍ଲାହତାଲାଙ୍କ କୃପାରୁ ହଜୁର୍ ଅନୱ୍ୱର୍ ଅ:ବ:ଅଙ୍କ ସ୍ୱିଡେନ୍ ଗସ୍ତକୁ ଜାତୀୟ ଓ ସ୍ଥାନୀୟ ପ୍ରିଂଟ୍ ଓ ଇଲେକ୍‌ଟ୍ରୋନିକ୍ ମିଡ଼ିଆରେ କଭରେଜ୍ ହେଉଅଛି । ନ୍ୟାସ୍‌ନାଲ୍ ଟି.ଭି, ବିଭିନ୍ନ ରେଡ଼ିଓ ଚ୍ୟାନେଲ୍ ଏବଂ ଖବରକାଗଜ ଗୁଡ଼ିକରେ ହଜୁର୍ ଅନୱ୍ୱର୍ ଅ:ବ:ଅଙ୍କ ଇଂଟରଭ୍ୟୁ ପ୍ରସାରଣ ହେଉଛି ଓ ଛପାଇ ପ୍ରକାଶ କରାଯାଉଛି ଓ ମସ୍‌ଜିଦ୍ ମେହ୍‌ମୁଦ୍ ମାଲ୍‌ମୋର ଉଦ୍‌ଘାଟନୀ ଉତ୍ସବ ପ୍ରସଙ୍ଗରେ ଆର୍ଟିକିଲ୍‌ସ୍ ମଧ୍ୟ ଲେଖାଯାଉଅଛି । ଏହିପରି ଅନ୍‌ଲାଇନ୍ ସୋସିଆଲ୍ ମିଡ଼ିଆ ମାଧ୍ୟମରେ ମଧ୍ୟ ବ୍ୟାପକ ରୂପେ କଭରେଜ୍ କରାଯାଉଛି ।

ସ୍ୱିଡିସ୍ ନ୍ୟାସ୍‌ନାଲ୍ ଟେଲିଭିଜନ୍ (Sveriges Sydnytt TV ) ନିଜର ୧୧ ମଇର ପ୍ରସାରଣକୁ କଭରେଜ୍ ଦେଇଛି । ଏହି ଟିଭି ଚ୍ୟାନେଲ୍ ହେଉଛି ସ୍ୱିଡେନ୍‌ର ନ୍ୟାସ୍‌ନାଲ୍ ଚ୍ୟାନେଲ୍ । ଦେଶର ଦକ୍ଷିଣ ଇଲାକାର ସ୍ଥାନୀୟ ଖବରକାଗଜର ଗୋଟିଏ ଟିମ୍ ହଜୁର୍ ଅନୱ୍ୱର୍ ଅ:ବ:ଅଙ୍କ ଇଂଟରଭ୍ୟୁ ନେବାପାଇଁ ୧୧ ମଇ ଦିନ ମସ୍‌ଜିଦ୍ ମେହ୍‌ମୁଦ୍ ମାଲ୍‌ମୋରେ ପହଂଚିଥିଲେ । ସେହିଦିନ ସନ୍ଧ୍ୟାବେଳକୁ ଉକ୍ତ ଖବର ପ୍ରାଦେଶିକ ଟେଲିଭିଜନ୍‌ରେ ପ୍ରସାରଣ ହେଲା । ଏଥିରେ ହଜୁର୍ ଅନୱ୍ୱର୍ ଅ:ବ:ଅ ମସ୍‌ଜିଦ୍‌ର ସୌନ୍ଦର୍ଯ୍ୟ ପ୍ରସଙ୍ଗରେ ଗୋଟିଏ ପ୍ରଶ୍ନର ଉତର ଦେଉଥିଲେ । ତତ୍ ସହିତ ଏ ଆଶା ମଧ୍ୟ ପ୍ରକଟ କରୁଥିଲେ କି ଏ ଇଲାକାର ଲୋକମାନେ ମଧ୍ୟ ଏ ମସ୍‌ଜିଦ୍‌କୁ ବହୁତ ପସନ୍ଦ କରିବେ । ପୁଣି ହଜୁର୍ କହିଲେ ଆମର ମୋଟ ହେଉଛି 'ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ' ଓ ଇସ୍‌ଲାମ୍‌ର ଅର୍ଥ ହେଉଛି ଶାନ୍ତି ଓ ଭାଇଚାରା । ସେ ଇଲାକାର ସମ୍ପୂର୍ଣ୍ଣ ଜନସଂଖ୍ୟା ହେଉଛନ୍ତି ୧.୩ ମିଲିୟନ୍ । ସେ ସମସ୍ତଙ୍କୁ ଏହି ଖବର ପ୍ରସାରଣ କରାଗଲା । ୱେବ୍‌ସାଇଟ୍‌ରେ ଗୋଟିଏ ନିବନ୍ଧ ମଧ୍ୟ ଲେଖାଯାଇଛି ।

''ବର୍ତମାନ ମାଲ୍‌ମୋଠାରେ ଗୋଟିଏ ନୂତନ ମସ୍‌ଜିଦ୍‌ର ଉଦ୍‌ଘାଟନ ହେଉଅଛି । ଏହାର ନିର୍ମାଣ ଓ ଖର୍ଚ୍ଚବହନ ଗୋଟିଏ ମୁସଲ୍‌ମାନ୍ ସମ୍ପ୍ରଦାୟ, ଯାହାର ନାମ ହେଉଛି ଜମାତ୍ ଅହେମଦୀୟା, ସେ କରିଛି । ଯିଏ ପ୍ରତ୍ୟେକ ପ୍ରକାରର ସନ୍ତ୍ରାସବାଦ କାର୍ଯ୍ୟକଳାପକୁ ନିନ୍ଦା କରେ ।

ଆମର ମୋଟ 'ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ' ଏହାକୁ ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ୍ କହିଛନ୍ତି, ଯିଏ ଜମାତ୍ ଅହେମଦୀୟାର ସବୁଠାରୁ ବଡ଼ ଆଧାତ୍ମିକ ମୁଖିଆ ଅଟନ୍ତି ଓ ସେ ବର୍ତମାନ ମସ୍‌ଜିଦ୍‌ର ଉଦ୍‌ଘାଟନ ନିମନ୍ତେ ଗସ୍ତରେ ଅଛନ୍ତି ।

ବହୁତ ଲୋକେ ଏହି ମସ୍‌ଜିଦ୍‌କୁ ଦେଖିଥିବେ ଯେଉଁମାନେ Yttre Ringvagen ରାସ୍ତା ଦେଇ ଗାଡ଼ି ଚଳାଇ ଯାଉଥିବେ ।

ଏହି ମସ୍‌ଜିଦ୍‌ର ନାମ ହେଉଛି ମସ୍‌ଜିଦ୍ ମେହ୍‌ମୁଦ୍, ଯାହା ଜମାତ୍‌ର ଦ୍ୱିତୀୟ ଖଲିଫାଙ୍କ ନାମରେ ରଖାଯାଇଛି । ବୁଧବାର ଦିନ ସେମାନେ ମିଡ଼ିଆକୁ ନିମନ୍ତ୍ରଣ ଦେଇଥିଲେ ଏବଂ ଜମାତ୍‌ର ବହୁତ ଲୋକ ମଧ୍ୟ ସେଠାକୁ ଆସିଥିଲେ । ୱସିମ୍ ଅହେମଦ୍ ସାଜିଦ୍ ନିଜ ଫ୍ୟାମିଲି ସହିତ ଲୋଲିଓରୁ ଯାତ୍ରା କରି ଏଠାକୁ ଆସିଛନ୍ତି । ''ଏଠାକୁ ଆସିବା ବହୁତ ସମ୍ମାନର ବିଷୟ ଅଟେ'' ।

ସେହିପରି ଫରିଦା ସୁଫି ନିଲ୍‌ସନ୍ (ସ୍ୱିଡେନ୍‌ର ମହିଳା ଅହେମଦୀ) ନିଜ ଆଧାତ୍ମିକ ଧର୍ମଗୁରୁଙ୍କ ସହିତ ସାକ୍ଷାତ୍ କରିବା ପାଇଁ ଲୋଲିଓ ସହରଠାରୁ ଏଠାକୁ ଆସିଛନ୍ତି । ''ଆଜି ଆମର ଏଠିକାର ଆସିବାର ଉଦ୍ଦେଶ୍ୟ ହେଉଛି ହଜୁର୍‌ଙ୍କ ସହିତ ମିଶିବା ଓ ଏହା ମୋ ପାଇଁ ବହୁତ ଆନନ୍ଦର ବିଷୟ । ଯେବେ କି ମୁଁ ପ୍ରଥମେ ଥରେ ହଜୁର୍ ଅନୱ୍ୱର୍‌ଙ୍କ ସହିତ ଲଣ୍ଡନ୍‌ଠାରେ ସାକ୍ଷାତ୍ କରିସାରିଛି'' ।

ମାଲ୍‌ମୋରେ ଜମାତ୍ ଅହେମଦୀୟାର ତିନିଶହ ସଦସ୍ୟ ଅଛନ୍ତି । ସ୍ୱିଡେନ୍‌ରେ ଏକ ହଜାର ଓ ସାରା ଦୁନିଆରେ ସେମାନଙ୍କର ସଂଖ୍ୟା ଅନେକ ମିଲିୟନ୍ ।

ଏହା ଗୋଟିଏ ସୁନି ମୁସଲ୍‌ମାନ୍ ଫିର୍‌କା, ଯାହାର ମୂଳଦୁଆ ପଞ୍ଜାବ ପ୍ରଦେଶ ଭାରତରେ ରଖାଯାଇଛି । ଅନ୍ୟମୁସଲ୍‌ମାନ୍‌ଙ୍କ ଦୃଷ୍ଟିରେ ଏମାନଙ୍କର ନବୁୱତ୍ ବିଷୟରେ ଥିବା ଧାରଣା ଯୋଗୁ ଏମାନଙ୍କର ସ୍ଥିତି Controversial ରହିଛି । ବହୁତ ଗୁଡ଼ିଏ ଦେଶରେ ସେମାନଙ୍କୁ ବିରୋଧ କରାଯାଉଛି । ପାକିସ୍ତାନ୍‌ରେ ଏମାନଙ୍କୁ ନିଜକୁ ମୁସଲ୍‌ମାନ୍ କହିବା ପାଇଁ ମଧ୍ୟ ଅନୁମତି ନାହିଁ ।

ଏହି ମସ୍‌ଜିଦ୍‌ଟି ଦେଶର ଦ୍ୱିତୀୟ ଅହେମଦୀୟା ମସ୍‌ଜିଦ୍ ଅଟେ । ଏହା ସହିତ ସବୁଠାରୁ ବଡ ମଧ୍ୟ ଅଟେ ।

''ଏହି ଅଟ୍ଟାଳିକାଟି ବହୁତ ସୁନ୍ଦର ଓ ମୋର ଏ ଆଶା ଅଛି ଏଠାରେ ରହୁଥିବା ଲୋକମାନେ ଏହାକୁ ବହୁତ ପସନ୍ଦ କରିବେ'' । ଏହା ହେଉଛି ଜମାତ୍ ଅହେମଦୀୟାର ସବୁଠାରୁ ବଡ଼ ଧର୍ମଗୁରୁ ମିର୍ଜା ମସ୍‌ରୁର୍ ଅହେମଦଙ୍କ ବାଣୀ ।

**ମସ୍‌ଜିଦ୍ ସମସ୍ତଙ୍କ ପାଇଁ ଖୋଲା ରହିଛି**

(ଜମାତ୍ ର) ମିଶନ୍ ହେଉଛି ପ୍ରେମ ଓ ଶାନ୍ତି । ସେ କହୁଛନ୍ତି କି ଆମ ଜମାତ୍ ପ୍ରତ୍ୟେକ ପ୍ରକାର ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ନିନ୍ଦା କରୁଛି । ତେଣୁ ଏହି ମସ୍‌ଜିଦ୍ ଭିତରକୁ ସମସ୍ତଙ୍କୁ ପ୍ରବେଶ କରିବା ପାଇଁ ଅନୁମତି ମିଳିବ ।

''ମୋ ନିକଟରେ ଏ ସ୍ଥାନଟି Pluralism ର ସ୍ଥାନ ଅଟେ । ଆମେ କାହାପାଇଁ ମଧ୍ୟ ନିଜର ଦ୍ୱାରକୁ ବନ୍ଦ ରଖୁନାହୁଁ'' । ମାଲ୍‌ମୋ ଜମାତ୍‌ର ପ୍ରତିନିଧି କରିମ୍ ଲୋନ୍‌ଙ୍କର ଏହା ହେଉଛି ଉକ୍ତି ।

ଅଜାନ୍‌ର ଆବାଜ ଲାଉଡ୍ ସ୍ପିକର୍ ମାଧ୍ୟମରେ କେବଳ ମସ୍‌ଜିଦ୍ ଭିରେ ହିଁ ଗୁଞ୍ଜରଣ କରୁଛି । ଏଠାରେ ଗୋଟିଏ ସ୍ପୋର୍ଟ୍‌ସ୍ ହଲ୍ ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ମଧ୍ୟ ରହିଛି ।

ପ୍ରତ୍ୟେକ ସପ୍ତାହ ଜୁମା ନମାଜ ଓ ଏହାର ଖୁତ୍‌ବା ସ୍ୱିଡିଶ୍ ଏବଂ ଉର୍ଦ୍ଦୁ ଭାଷାରେ ଉପସ୍ଥାପନ କରାଯାଉଛି । ପ୍ରତ୍ୟେକ ପ୍ରକାର ଖର୍ଚ୍ଚ ଓ ନିର୍ମାଣ ଜମାତ୍ ନିଜେ କରୁଛି ।

Skanska Dagbladet ନିଜର ୧୧ ମଇର ସଂସ୍କରଣରେ ପ୍ରକାଶ କରିଛି:-

(ଏହି ଖବରକାଗଜ ପ୍ରତିଦିନ ଓ ପ୍ରତ୍ୟେକ ଦିନ୭୫୦୦୦ ପାଠକଙ୍କ ପର୍ଯ୍ୟନ୍ତ ଏହା ପହଂଚୁଛି । ଏତଦ୍‌ବ୍ୟତୀତ ଅନ୍‌ଲାଇନ୍ ୱେବ୍‌ସାଇଟ୍‌କୁ ପ୍ରତ୍ୟେକ ସପ୍ତାହରେ ଏକଲକ୍ଷ ୨୫ ହଜାର ଲୋକେ ଭିଜିଟ୍ କରୁଛନ୍ତି) ।

**କଠୋରପନ୍ଥୀମାନଙ୍କୁ ଦ୍ୱିତୀୟଥର ପାଇଁ ଅବସର ଦେବା ଉଚିତ୍**

ଇସ୍‌ଲାମ୍‌ରେ କୌଣସି ମଧ୍ୟ ଏପରି କଥା ନାହିଁ ଯାହା ହିଂସାକୁ ପ୍ରୋତ୍ସାହନ କରୁଥିବ । ମିର୍ଜା ମସ୍‌ରୁର୍ ଅହେମଦ ଯିଏ ଜମାତ୍ ଅହେମଦୀୟାର ସର୍ବୋଚ୍ଚ ନେତା ଅଛନ୍ତି ଓ ଯାହାଙ୍କର ସାର ଦୁନିଆରେ ଅନେକ ମିଲିୟନ୍ ସଦସ୍ୟ ରହିଛନ୍ତି ତାଙ୍କର କହିବା ହେଉଛି ଦାଇସ୍‌ରୁ ଫେରି ଆସିଥିବା ସିପାହୀମାନଙ୍କୁ ଆଉ ଗୋଟିଏ ମୌକା ନିଜକୁ ସୁଧାରିବା ପାଇଁ ଦେବା ଉଚିତ୍ ।

ଜମାତ୍ ଅହେମଦୀୟାର ସିଦ୍ଧାନ୍ତ ହେଉଛି 'ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ' ଓ ଇସ୍‌ଲାମ୍‌ରେ ଏହା ହେଉଛି ଏପରି ଏକ ଆୱାଜ୍ ଯାହାକୁ ବହୁତ ଲୋକେ ଶୁଣିବା ପାଇଁ ପସନ୍ଦ କରୁଛନ୍ତି । ଜମାତ୍ ଅହେମଦୀୟା ମୁତାବକ ଆକ୍ରମଣାତ୍ମକ ଜିହାଦ୍‌ର ପବିତ୍ର କୋରାନ୍‌ରେ କେଉଁଠାରେ ମଧ୍ୟ ଶିକ୍ଷା ଦିଆଯାଇନାହିଁ ।

ମିର୍ଜା ମସ୍‌ରୁର୍ ଅହେମଦୀ ଫେରି ଆସିଥିବ ଦାଇସ୍‌ର ସିପାହୀମାନଙ୍କ ସମ୍ବନ୍ଧରେ ମଧ୍ୟ ନିଜ ଭାବନା ବ୍ୟକ୍ତ କରିଛନ୍ତି । ଗୋଟିଏ ଇଂରାଜୀ ଖବରକାଗଜ Observer କୁ ସେ ବତାଇଲେ କି ବ୍ରିଟିସ୍ ସରକାରଙ୍କୁ ଏହା କରିବା ଉଚିତ୍ ହେବ କି ଉକ୍ତ ଯୁବକମାନଙ୍କୁ ସୁଧୁରିବା ପାଇଁ ଗୋଟିଏ ଅବସର ଦିଅନ୍ତୁ ।

ଏହି ଲୋକମାନେ ବହୁତ ଫ୍ରଷ୍ଟେଡ୍ ହୋଇଯାଇଛନ୍ତି ଓ ମୁଁ ନିଜେ ସେମାନଙ୍କର ଫ୍ରଷ୍ଟେସନ୍‌କୁ ଅନୁଭବ କରୁଛି । ତେଣୁ ସେମାନଙ୍କୁ ଆଉଗୋଟିଏ ଅବସର ଦେବା ଉଚିତ୍ ଅଟେ ।

ସେମାନଙ୍କର ନିଗିରାନି (ପୁନଃ ନିରୀକ୍ଷଣ) ଜରୁରୀ ଅଟେ ଓ ସେମାନଙ୍କୁ ଶିକ୍ଷା ମଧ୍ୟ ଦେବା ଉଚିତ୍ । ସେମାନଙ୍କୁ ନିଜ ଦେଶ ସହିତ ଭକ୍ତିଭାବର ଅନୁଭବ କରିବା ଉଚିତ୍ । ସେ ଖବରକାଗଜ Skanska Dagbladet କୁ କହିଛନ୍ତି କି ସେମାନଙ୍କୁ ଜେଲ୍‌ରେ ପୁରାଇବା ଆବଶ୍ୟକ ନାହିଁ ।

କିନ୍ତୁ ସ୍ୱିଡେନ୍‌ରେ Acts of Terroris ଏକ ଅପରାଧ ଅଟେ ?

ନିଶ୍ଚିତ ରୂପେ ଅଟେ ଯଦି ଏହା ପ୍ରମାଣ ହୋଇଯାଏ କି ସେମାନେ ସମସ୍ୟା ସୃଷ୍ଟି କରିଛନ୍ତି ବୋଲି । ଏହିପରି ପରିସ୍ଥିତିରେ କାନୁନ୍ ଲାଗୁ କରିବା ଜରୁରୀ ଅଟେ ।

ମିର୍ଜା ମସ୍‌ରୁର୍ ଅହେମଦୀ ନିଜେ ଏକ ବଡ ସୁରକ୍ଷା ବାହିନୀଙ୍କ ସହିତ ଗସ୍ତ କରୁଛନ୍ତି । କିନ୍ତୁ ତାଙ୍କର Threat-level ସମ୍ବନ୍ଧ କହିବା ହେଉଛି ମକି ଆମେ ସମସ୍ତେ ସନ୍ତ୍ରାସବାଦୀମାଙ୍କ ଆକ୍ରମଣ ଯୋଗୁ ଗୋଟିଏ Uncertain ଦୁନିଆରେ ବସବାସ କରୁଛେ ।

ଖଲିଫତୁଲ୍ ମସିହ୍ ପାକିସ୍ତାନ୍‌ରୁ ଆସିଛନ୍ତି, ଯେଉଁଠାରେ ସେମାନଙ୍କୁ ଅନ୍ୟ ମୁସଲ୍‌ମାନ୍ ମାନଙ୍କ ତରଫରୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ୁଛି ।

ଖଲିଫା କହିଲେ କି ମୋ ପାଇଁ ସେଠାକୁ ଯିବା ବହୁତ କଷ୍ଟର ବିଷୟ ଓ ମୁଁ ସେଠାରେ ଜେଲ୍‌ରେ ମଧ୍ୟ ରହିସାରିଛି । ସୁତରାଂ ଯେବେ ମୁଁ ଅହେମଦୀୟତ୍ ମୁଖିଆ ହେଲି ସେତେବେଳେ ମୁଁ ନିଷ୍ପତି ନେଲି କି ଏ ଦେଶକୁ ଛାଡ଼ିଦେବି । ପାକିସ୍ତାନ୍‌ରେ ମୋତେ ନିଜ କଥାକୁ ରଖିବା ପାଇଁ ଅନୁମତି ନାହିଁ ।

ଖବରକାଗଜ ମାଲ୍‌ମୋ-୨୪ ନିଜର ୧୧ ମଇର ସଂସ୍କରଣରେ ଲେଖିଲା- ମୁସଲ୍‌ମାନ୍ ପୋପ୍ ମସ୍‌ଜିଦ୍‌ର ଉଦ୍‌ଘାଟନ କରିବେ- ମହାନ୍ ବ୍ୟକ୍ତିବିଶେଷ ।

ନିର୍ମାଣ କରିବା ପାଇଁ ଅନୁମତିର ଷୋହଳ ବର୍ଷ ପରେ ଏବେ ମସ୍‌ଜିଦ୍ ମେହ୍‌ମୁଦ୍ ଯାହା Elisedal ଅବସ୍ଥିତ, ତାର ଉଦ୍‌ଘାଟନ କରାଯାଉଅଛି । ଶୁକ୍ରବାର ଦିନ ଉଦ୍‌ଘାଟନୀ ଉତ୍ସବ ଅବସରରେ ଜମାତ୍‌ର ଆନ୍ତର୍ଜାତୀୟ ମୁଖିଆ ନିଜେ ସାମିଲ୍ ହେବେ ।

୬୫ ବର୍ଷୀୟ ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍ ଆନ୍ତର୍ଜାତୀୟ ଅହେମଦୀୟା ଜମାତ୍‌ର ସବୁଠାରୁ ବଡ଼ ମୁଖିଆ ଅଟନ୍ତି, ଯାହା ଗୋଟିଏ ଇସ୍‌ଲାମୀ ସଂଗଠନ ଅଟେ ଏବଂ ତାଙ୍କର ସାରା ଦୁନିଆରେ ଦଶ ମିଲିୟନ୍ ସଦସ୍ୟ ଅଛନ୍ତି । ଏହା ପୂର୍ବରୁ ସେ ୟୁରୋପିଆନ୍ ପାର୍ଲିଆମେଂଟ୍ ଓ ବ୍ରିଟିଶ୍ Underhouse ଠାରେ ମଧ୍ୟ ଭାଷଣ ପ୍ରଦାନ କରିସାରିଛନ୍ତି । ଏତଦ୍‌ବ୍ୟତୀତ ଆମେରିକାନ୍ କଂଗ୍ରେସ୍‌ର ବହୁତ କର୍ମୀମାନଙ୍କ ସମ୍ମୁଖରେ ମଧ୍ୟ ଭାଷଣ ଦେଇସାରିଛନ୍ତି । ଏବେ ସେ ଶୁକ୍ରବାର ଦିନ ମସ୍‌ଜିଦ୍ ମେହ୍‌ମୁଦ୍‌ର ଐତିହାସିକ ଉଦ୍‌ଘାଟନ ନିମନ୍ତେ ଆସିଛନ୍ତି ।

ସେ ଜଣେ ମହାନ୍ ବ୍ୟକ୍ତିବିଶେଷ ଏବଂ ତାଙ୍କର ଏହି ଗସ୍ତ ବହୁତ ସମ୍ମାନର ବିଷୟ । ଯେବେଠାରୁ ସେ ୨୦୦୩ ମସିହାରୁ ଖଲିଫା ହେଲେଣି ସେ ସାରା ଦୁନିଆର ଗସ୍ତ କରି ଇସ୍‌ଲାମ୍‌ରେ ଥିବା ଶାନ୍ତି ଓ ଭାଇଚାରା ବିଷୟରେ ଅଭିଭାଷଣ ପ୍ରଦାନ କରିଛନ୍ତି । ଏବେ ହେଉଛି ସ୍ୱିଡେନ୍‌ର ପାଳି ।

ମିର୍ଜା ମସ୍‌ରୁର୍ ଅହେମଦ୍ ପ୍ରତ୍ୟେକ ପ୍ରକାର ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଓ କଠୋରପନ୍ଥୀର ଭୀଷଣ ନିନ୍ଦା କରିଥାନ୍ତି ଓ ତାଙ୍କର କହିବା ଏହା କି ପୋଲିସ୍‌କୁ ଅପରାଧ ବନ୍ଦ କରିବା ପାଇଁ ଆହୁରି ଅଧିକ ସ୍ୱାଧିନ ଦେବା ଉଚିତ୍ । ଆମେରିକୀୟ ଖବରକାଗଜ Wall street journal ତାଙ୍କୁ ''ମୁସଲ୍‌ମାନ୍ ପୋପ୍'' ର ଉପାଧି ପ୍ରଦାନ କରିଛି । ଏହି ପଦମର୍ଯ୍ୟାଦା ଆପଣଙ୍କୁ ଜମାତ୍ ଅହେମଦୀୟାର ସର୍ବୋଚ୍ଚ ଆଧାତ୍ମିକ ନେତା ହେବାଯୋଗୁ ହାସଲ ହୋଇଛି ।

ଜମାତ୍ ଅହେମଦୀୟା ସ୍ୱିଡେନ୍ ନିମନ୍ତେ, ଯାହାର ଏ ଦେଶରେ ଏକହଜାର ଓ ମାଲ୍‌ମୋଠାରେ ଦୁଇଶହ ସଦସ୍ୟ ଅଛନ୍ତି, ତାଙ୍କ ଦ୍ୱାରା ଏହି ମସ୍‌ଜିଦ୍‌ର ନିର୍ମାଣ ହେବା ଏକ ବହୁତବଡ଼ ସଫଳତା ଅଟେ । ଏହାର ଖର୍ଚ୍ଚ ଜମାତ୍‌ର ସଦସ୍ୟମାନେ ବହନ କରିଛନ୍ତି ଓ ଏହାର ପ୍ଲାନିଂ ୨୦୦୦ ମସିହାରୁ ଆରମ୍ଭ ହୋଇଛି । ମସ୍‌ଜିଦ୍ ସମ୍ପୂର୍ଣ୍ଣ ହେବା ପାଇଁ ଯେଉଁ ସମୟ ଲାଗିଛି ତାହା କୌଣସି ସହଜ ସାଧ ନଥିଲା ।

ଅନେକ ଲୋକ ଅଛନ୍ତି ଯେଉଁମାନେ ଏହି ଅଟ୍ଟାଳିକାକୁ ମସ୍‌ଜିଦ୍ କହିବାକୁ ପସନ୍ଦ କରିବେ ନାହିଁ । କାରଣ ସେମାନେ ଆମକୁ ପ୍ରକୃତ

ମୁସଲ୍‌ମାନ୍ ବୋଲି ଭାବୁନାହାଁନ୍ତି । ସାଧାରଣତଃ ସ୍ୱିଡେନ୍‌ରେ ମଧ୍ୟ ମସ୍‌ଜିଦ୍ ଖିଲାଫ୍‌ରେ ବିପଦ ରହିଛି । ବିଭିନ୍ନ ପ୍ରକାରର Right-wing extrimists ଙ୍କ ତରଫରୁ ଆମେ ମଧ୍ୟ ସୁରକ୍ଷିତ ନାହୁଁ ।

ଖବରକାଗଜ Sydsvenskan ନିଜ ୧୧ ମଇ ୨୦୧୬ ସଂସ୍କରଣରେ ଲେଖିଲେ- ଖଲିଫା ଏ ଅଟ୍ଟାଳିକାର ଅନୁଧ୍ୟାନ ନିମନ୍ତେ ମାଲ୍‌ମୋ ଆସିଛନ୍ତି ।

ଜମାତ୍ ଅହେମଦୀୟାର ନୂତନ ମସ୍‌ଜିଦ୍‌ର ଉଦ୍‌ଘାଟନ ଶନିବାର ଦିନ ହେଉଅଛି । ସେଥିପାଇଁ ଖଲିଫା ନିଜ ମସ୍‌ରୁର୍ ଅହେମଦ୍ ସ୍ୱୟଂ ଏଠାକୁ ଆସିଛନ୍ତି ।

ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍ Jagersro ଠାରେ ଅବସ୍ଥିତ ମସ୍‌ଜିଦ୍‌ର ଉଦ୍‌ଘାଟନ ନିମନ୍ତେ ମାଲ୍‌ମୋ ସହରକୁ ଆସିଛନ୍ତି । ଜମାତ୍ ଅହେମଦୀୟାର ସ୍ଥାପନ ୧୮୮୯ ମସିହାରେ ଭାରତରେ କରାଯାଇଛି ଓ ଏହାର ୨୦୭ ଗୋଟି ଦେଶରେ ୧୦ ମିଲିୟନ୍‌ରୁ ଅଧିକା ସଦସ୍ୟ ଅଛନ୍ତି ।

୨୪ ମିଟର୍ କୋଠିକୁ ବନାଇବା ପାଇଁ ୪୯ ମିଲିୟନ୍ କ୍ରୋନର୍ ଖର୍ଚ୍ଚ ହୋଇଛି । ଏହି ଅର୍ଥକୁ ଜମାତ୍ ଅହେମଦୀୟା ସ୍ୱିଡେନ୍‌ର ସଦସ୍ୟମାନେ ନିଜେ ଏକାଠି କରି ଖର୍ଚ୍ଚ କରିଛନ୍ତି । ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ ଶନିବାର ଦିନ ହେବ । କିନ୍ତୁ ମଙ୍ଗଳବାର ଦିନଠାରୁ ଜମାତ୍ ଅହେମଦୀୟାର ସବୁଠାରୁ ବଡ଼ ମୁଖିଆ ମିର୍ଜା ମସ୍‌ରୁର୍ ଅହେମଦ୍ ମାଲ୍‌ମୋରେ ପହଂଚି ସାରିଛନ୍ତି ।

ଖଲିଫତୁଲ୍ ମସିହ୍ କହିଲେ- ଯେବେ ମୁଁ ପ୍ରଥମଥର ଏଠାକୁ ଆସିଥିଲି ସେତେବେଳେ ଏହା ଗୋଟିଏ ଖାଲି ପଡ଼ିଆ ଥିଲା । କିନ୍ତୁ ଯେତେବେଳେ ମୁଁ କାଲି ଏଠାକୁ ଆସିଲି ଏଠି ଗୋଟିଏ ସୁନ୍ଦର ଅଟ୍ଟାଳିକା ନିର୍ମାଣ ହୋଇସାରିଛି । ଜଣେ ଧାର୍ମିକ ବ୍ୟକ୍ତିଙ୍କ ପାଇଁ ଏହିପରି ସ୍ଥାନର ଦୃଶ୍ୟ ବହୁତ ମନମୁଗ୍ଧକାରୀ ଅଟେ, ଯେଉଁଠି ମୁସଲ୍‌ମାନ୍‌ମାନେ ଉପାସନା କରିବା ପାଇଁ ଏକତ୍ରିତ ହୋଇଥାନ୍ତି ।

ଜମାତ୍ ଅହେମଦୀୟା ନିଜକୁ ଏକ ଶାନ୍ତିପ୍ରିୟ ଜମାତ୍ ରୂପେ ଉପସ୍ଥାପନ କରୁଅଛି । କିନ୍ତୁ ମହିଳା ଓ ସମଲିଙ୍ଗିଙ୍କ ସମ୍ବନ୍ଧରେ ଜମାତ୍‌ର ଦୃଷ୍ଟିକୋଣ ହେଉଛି ରୁଢ଼ିବାଦୀ । ଖଲିଫାଙ୍କ ସହିତ ଗୋଟିଏ ଲମ୍ବା ଇଂଟରଭ୍ୟୁ ଶୁକ୍ରବାର ଦିନ ପ୍ରସାରଣ କରାଯିବ ।

ସ୍ୱେର୍‌ଗେସ୍ ରେଡ଼ିଓ P1 Manniskor Och Tro ଏବଂ ସ୍ୱେର୍‌ଗେସ୍ ରେଡ଼ିଓ ଏକୁତ୍ Sveriges Radio Ekot ନିଜର ୧୨ ମଇ ୨୦୧୬ ପ୍ରସାରଣରେ ବତାଇଲା - (ରେଡ଼ିଓ ରିପୋର୍ଟରଙ୍କ ସମ୍ପର୍କ ଦୁଇଟି ଏପରି ରେଡ଼ିଓ ପ୍ରୋଗ୍ରାମ୍ ସହିତ ଥିଲା ଯାହାକୁ ସମଗ୍ର ଦେଶରେ ପ୍ରସାରଣ କରାଯାଏ । Manniskor Och Tro ନାମକ ପ୍ରୋଗ୍ରାମ୍ ହେଉଛି ଧର୍ମ ସମ୍ବନ୍ଧୀୟ । ଏଥିରେ ଜମାତ୍‌ର ଚର୍ଚ୍ଚା ଓ ହଜୁର୍ ଅନୁୱରଙ୍କ ଗସ୍ତ ସମ୍ବନ୍ଧରେ ବିବରଣୀ ଦିଆଗଲା । ଏହି ରିପୋର୍ଟ ଅବଧି ୧୩ ମିନିଟ୍ ଥିଲା । ଏହି ପ୍ରୋଗ୍ରାମ୍‌ରେ ଜମାତ୍‌ର ପ୍ରଥା ଓ ବିଶ୍ୱାସକୁ ବ୍ୟାପକ ରୂପେ ବର୍ଣ୍ଣନା କରାଗଲା ଓ ୟୁନିଭର୍‌ସିଟିର ଜଣେ ପ୍ରଫେସର୍ ମଧ୍ୟ ଏହା ଉପରେ ଆଲୋକପାତ କଲେ । ହଜୁର୍ ଅନୁୱରଙ୍କ ଇଂଟରଭ୍ୟୁର କିଛି ଅଂଶ ମଧ୍ୟ ଏଥିରେ ଶୁଣାଇ ଦିଆଗଲା । ଏହିପରି ନ୍ୟାସ୍‌ନାଲ୍ ନ୍ୟୁଜ୍ ପ୍ରୋଗ୍ରାମ୍ Ekot ରେ ମଧ୍ୟ ଗୋଟିଏ ଖବର ପ୍ରସାରଣ କରାଗଲା ।)

ଜମାତ୍ ଅହେମଦୀୟାର ନୂତନ ମସ୍‌ଜିଦ୍‌ର ଉଦ୍‌ଘାଟନ ହୋଇସାରିଛି । ଆମର ମୋଟ ହେଉଛି 'ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହି' ।

ଆଜି ଜମାତ୍ ଅହେମଦୀୟା ସ୍ୱିଡେନ୍‌ର ଦ୍ୱିତୀୟ ମସ୍‌ଜିଦ୍ ଯାହା ମାଲ୍‌ମୋ ଠାରେ ଅବସ୍ଥିତ, ତାର ଉଦ୍‌ଘାଟନ କରାଗଲା ।

ଜମାତ୍ ଅହେମଦୀୟା ସ୍ୱିଡେନ୍‌ରେ ଗୋଟିଏ ଛୋଟିଆ ସଂଗଠନ ରୂପେ କାର୍ଯ୍ୟରତ, ଯାହାଙ୍କର ସଦସ୍ୟ ସଂଖ୍ୟା ହେଉଛି ୧୦୦୦ । ସାରା ଦୁନିଆରେ ମୁସଲ୍‌ମାନ୍ ମାନଙ୍କ ମଧ୍ୟରେ ମଧ୍ୟ ସେମାନେ ସଂଖ୍ୟାଲଘୁ ରୂପେ ବିବେଚିତ ହୋଇଥାନ୍ତି ।

ଜମାତ୍ ଅହେମଦୀୟାର ଅକିଦା (ପ୍ରଥା ଓ ବିଶ୍ୱାସ) ମୋକ୍ଷ ଉପରେ ଆଧାରିତ । ଏମାନଙ୍କ ନିକଟରେ ମୋକ୍ଷପ୍ରାପ୍ତି କରିଥିବା ଗୋଷ୍ଠୀର ପ୍ରତିଷ୍ଠାତା ହେଉଛି ମିର୍ଜା ଗୁଲାମ୍ ଅହେମଦ୍ । ସେଥିଯୋଗୁ ଏମାନେ ବିରୋଧର ଶିକାର ହେଉଛନ୍ତି । ସେଇଥିପାଇଁ ସେମାନଙ୍କର ସୁରକ୍ଷା ବ୍ୟବସ୍ଥା ଆଜି ବହୁତ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି । ମେମ୍ବର୍ ଉପରେ ଛିଡ଼ା ହୋଇଥିବା ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍ ଜୁମାର ଖୁତ୍‌ବା ଦେଉଥିଲେ ଓ ଏହି ଉଦ୍‌ଘାଟନକୁ ଟି.ଭି ଦ୍ୱାର ଦୁନିଆର ବିଭିନ୍ନ ଭାଗରେ ପ୍ରସାରଣ କରାଯାଉଥିଲା ।

ଖବରକାଗଜ Sydsvenskan ନିଜର ୧୩ ମଇ ପ୍ରକାଶନରେ ଲେଖିଲା-

(ଏହି ଖବରକାଗଜ ଦକ୍ଷିଣ ସ୍ୱିଡେନ୍‌ର ସବୁଠାରୁ ବଡ଼ ଖବରକାଗଜ ଅଟେ । ପ୍ରତ୍ୟହ ଏକ ଲକ୍ଷ୍ୟରୁ ଅଧିକ ଖବରକାଗଜ ଛପାହୁଏ । ସେହିପରି ଏହାକୁ ଅନ୍‌ଲାଇନ୍‌ରେ ମଧ୍ୟ ବହୁ ସଂଖ୍ୟାରେ ଲୋକେ ପଢ଼ନ୍ତି)

ସମସ୍ତଙ୍କର ପ୍ରିୟ ଖଲିଫାଙ୍କ ଚରମପନ୍ଥୀ ଓ ସମଲିଙ୍ଗୀ ସମ୍ବନ୍ଧରେ ସ୍ପଷ୍ଟୀକରଣ ।

୨୦୭ ଗୋଟି ଦେଶରେ ସେ ଅନେକ ମିଲିୟନ୍ ମୁସଲ୍‌ମାନ୍ ମାନଙ୍କର ଧାର୍ମିକ ନେତା ଅଟନ୍ତି । ଆମର ସାକ୍ଷାତ୍‌କାର୍ ଜମାତ ଅହେମଦୀୟାର ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍‌ଙ୍କ ସହିତ ହେଲା ଓ ତାଙ୍କ ସହିତ ଯେଉଁ ବାର୍ତ୍ତାଳାପ ହେଲା ତାର ବିଷୟ ଥିଲା ଜିହାଦ୍ ଓ ଶାନ୍ତି ସହିତ ଆପୋଷରେ ହାତ ମିଶାଇବା । ତତ୍‌ସହିତ ଧର୍ମ ପରିତ୍ୟାଗ କରୁଥିବାର ଆରୋପ ଓ ମୁସଲ୍‌ମାନ୍ ସମଲିଙ୍ଗୀ ସମ୍ବନ୍ଧରେ ମଧ୍ୟ ଚର୍ଚ୍ଚା ହେଲା । ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦଙ୍କୁ ମୁସଲ୍‌ମାନଙ୍କ ପୋପ୍ ମଧ୍ୟ କୁହାଯାଉଛି । ତାଙ୍କ ନିକଟରେ ଏପରି ଉପାଧି ମିଳିବା ଦ୍ୱାରା କୌଣସି ଅସୁବିଧା ନାହିଁ ।

ସୂର୍ଯ୍ୟ କିରଣରେ ଗୁମ୍ବଦ ଗୁଡିକ ଚମକୁଛି । ସେଠାରେ ମସ୍‌ଜିଦ୍ ମେହ୍‌ମୁଦ୍ ଭିତରେ ଅର୍ଥାତ୍ ନୁତନ ଅଟ୍ଟାଳିକା ଭିତରେ ଯାହା Jagersro ଇଲାକାର ପୂର୍ବଭାଗରେ ଅବସ୍ଥିତ ସେଥିରେ ଜଣେ ଧଳା ଦାଢ଼ି ରଖିଥିବା ପୁରୁଷ ପଗଡ଼ି ପିନ୍ଧି ସୁରକ୍ଷା ବଳୟ ଭିତରେ ଇମାମ୍ ଓ ଜମାତ୍‌ର ସଦସ୍ୟମାନଙ୍କ ଗହଣରେ ବସିଛନ୍ତି । କିଛି ଲୋକେ ମୁଭି ତିଆରି କରୁଛନ୍ତି । ଆଉ କିଛି ଲୋକେ ହାତରେ ଲେଖୁଛନ୍ତି । ହଜ୍‌ରତ୍ ମିର୍ଜା ମସ୍‌ରୁର୍ ଅହେମଦ ଯିଏ ସାରା ଦୁନିଆରେ ମୁସଲ୍‌ମାନ୍ ନେତା ମାନଙ୍କ ମଧ୍ୟରେ ଜଣେ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିବିଶେଷ ରୂପେ ବିବେଚିତ ହେଉଛନ୍ତି ତାଙ୍କୁ ଇଂଟର୍ ନ୍ୟାସ୍‌ନାଲ୍ ପ୍ରେସ୍, ବେଳେବେଳେ ମୁସଲ୍‌ମାନଙ୍କ ପୋପ୍‌ର ଉପାଧି ଦେଇଥାଏ । ଏହି ଉପାଧି ବିଷୟରେ ଆପଣଙ୍କର କଣ ରାୟ ଅଛି ?

ଏଥିରେ ଖଲିଫା ଉତର ଦେଲେ କି ଯଦି ଆପଣ ମୋତେ ଏହା କହିବାକୁ ଚାହୁଁଛନ୍ତି ତେବେ ଠିକ୍ ଅଛି । ମୁଁ ନିଜ ଅନୁସାରେ ଯଦି ଚାହିଁବି ତେବେ କ୍ୟାଥୋଲିକ୍ ପୋପ୍‌ଙ୍କୁ ମସିହ୍‌ଙ୍କ ଖଲିଫା ବୋଲି କହିପାରିବି । ମିର୍ଜା ମସ୍‌ରୁର୍ ଅହେମଦ୍ ଏହି ଉତର ହସି ହସି ଦେଲେ ।

ଯେବେଠାରୁ ମିର୍ଜା ମସ୍‌ରୁର୍ ଅହେମଦ୍ ଆନ୍ତର୍ଜାତୀୟ ଜମାତ୍‌ର ନେତୃତ୍ୱ ୨୦୦୩ ମସିହାରୁ ନେଲେଣି ସେ ସାରା ଦୁନିଆ ଗସ୍ତ ଗରିଛନ୍ତି ଓ ଆନ୍ତର୍ଜାତୀୟ ନେତାମାନଙ୍କୁ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରୋତ୍ସାହନ ଦେଉଛନ୍ତି ।

ଆପଣ ଦୁନିଆର ବଡ଼ ବଡ଼ ନେତାମାନଙ୍କୁ ଚିଠି ଲେଖିଛନ୍ତି ଓ ତୃତୀୟ ବିଶ୍ୱଯୁଦ୍ଧ ସମ୍ବନ୍ଧରେ ହୁସିଆର କରାଇଛନ୍ତି । ଏପରି କରିବା ଦ୍ୱାରା ଆପଣଙ୍କର ଉଦ୍ଦେଶ୍ୟ କଣ ?

ଏଥିରେ ଖଲିଫା କହିଲେ କି ମୋ ପାଇଁ ବିଶ୍ୱଶାନ୍ତି ଏକ ଚିନ୍ତାର ବିଷୟ ଅଟେ ଓ ଏ ପ୍ରସଙ୍ଗରେ ମୁଁ ବହୁତ ଦିନ ହେବ ଚର୍ଚ୍ଚା କରି ଆସୁଛି । ସେଥିଯୋଗୁ ମୁଁ ବିଭିନ୍ନ ଦେଶର ନେତାମାନଙ୍କୁ ପତ୍ର ଲେଖିସାରିଛି । ସେଥିରେ ଆମେରିକା, ୟୁ.କେ, ରସିୟା, ଚିନ୍, ସାଉଦି ଆରବ୍, ଇରାନ୍ ଓ ପୋପ୍ ମଧ୍ୟ ସାମିଲ୍ ଅଛନ୍ତି । ଏପରି କରିବାରେ ମୋର ଉଦ୍ଦେଶ୍ୟ ଏହା ଥିଲା କି ଆମେ ଏକାଠି ହୋଇ ଏ ସଂସାରରେ ଶାନ୍ତି ସ୍ଥାପନ କରିବା ପାଇଁ ଚେଷ୍ଟା କରିବା ।

କଣ ଆପଣଙ୍କ ନିକଟରେ ଏହାର ସମାଧାନ ଅଛି ?

ଖଲିଫା କହିଲେ- ଏହାର ସମାଧାନ ହେଉଛି କି ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନାଯାଉ ଓ ଜଣେ ଅନ୍ୟଜଣକର ସମ୍ମାନ କରୁ । ଜମାତ୍ ଅହେମଦୀୟାର ପ୍ରତିଷ୍ଠାତା ନିଜ ଆଗମନର ଦୁଇଗୋଟି ଉଦ୍ଦେଶ୍ୟ ବର୍ଣ୍ଣନା କରିଛନ୍ତି । ଗୋଟିଏ ହେଉଛି ମନୁଷ୍ୟକୁ ନିଜ ସୃଷ୍ଟିକର୍ତ୍ତାଙ୍କ ନିକଟତର କରାଯାଉ ଓ ଦ୍ୱିତୀୟଟି ହେଉଛି ମାନବ ଜାତିକୁ ଜଣେ ଅନ୍ୟଜଣକର ଅଧିକାର ପ୍ରଦାନ କରିବା ପାଇଁ ଭାବନା ସୃଷ୍ଟି କରାଇ ଦିଆଯାଉ ।

ନିଜର ଅଧିକାରକୁ ମାଗିବା ପରିବର୍ତେ ଅନ୍ୟମାନଙ୍କୁ ସେମାନଙ୍କର ଅଧିକାର ଦେବା ଉଚିତ୍ । ଯଦି ସମସ୍ତଙ୍କର ବ୍ୟବହାର ଏପରି ହୋଇଯିବ ତେବେ ସ୍ୱତଃ ଶାନ୍ତି ପ୍ରତିଷ୍ଠା ହୋଇଯିବ ।

ଆପଣଙ୍କୁ ବିଶ୍ୱ ନେତାମାନଙ୍କ ତରଫରୁ କଣ ରେସ୍‌ପନ୍‌ସ ମିଳିଲା ?

ଖଲିଫା କହିଲେ ମୋତେ କେବଳ କାନାଡ଼ା ଓ ୟୁ.କେ ର ନେତାମାନଙ୍କ ଠାରୁ ଉତର ମିଳିଛି । ସେମାନେ ଲେଖିଛନ୍ତି କି ଆମେ ଦୁନିଆରେ ଶାନ୍ତି ସ୍ଥାପନ କରିବା ପାଇଁ ଚେଷ୍ଟା କରୁଅଛୁ ଏବଂ Nuclear Arsenal କମ୍ କରିବା ପାଇଁ ଚେଷ୍ଟା କରୁଅଛୁ । ଏହା ଏକ ରାଜନୈତିକ ଉତର ଥିଲା । ମୁଁ ଜାଣିପାରୁନାହିଁ ଏହା କେବେ ପୂରଣ ମଧ୍ୟ କରାଯିବ ବା ନୁହେଁ ।

ବିଶ୍ୱଶାନ୍ତିକୁ ସବୁଠାରୁ ବଡ଼ Threat ର ସମ୍ମୁଖୀନ ଚରମପନ୍ଥୀ ମୁସଲ୍‌ମାନ୍‌ଙ୍କ ଠାରୁ ରହିଛି । ଏହା ହେଉଛି ଖଲିଫାଙ୍କର ବକ୍ତବ୍ୟ ।

ଆପଣଙ୍କ ମତରେ କାହିଁକି ଏତେ ସଂଖ୍ୟକ ଯୁବ ମୁସଲ୍‌ମାନ୍ ୟୁରୋପ୍‌ରୁ ଦାଇଶ୍ ସହିତ ଯୋଗଦେବା ପାଇଁ ଯାଉଛନ୍ତି ?

ଏଥିରେ ଖଲିଫା ଉତର ଦେଲେ ଏହାର ଅନେକ ଉତର ରହିଛି । ୨୦୦୮ ମସିହାରେ ଅ ଆର୍ଥିକ ସଂକଟ ହେବା ପରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ବେକାରୀ ବଢ଼ିଚାଲିଛି । କେବଳ ୟୁ.କେ ରେ ମିଲିୟନ୍ ମିଲିୟନ୍ ରୋଜଗାର ନଷ୍ଟ ହେଉଛନ୍ତି । ଏହା ଫଳରେ Frustration (ଆଶାଭଙ୍ଗ) ସୃଷ୍ଟି ହୋଇଥାଏ । ଦାଇଶ୍ (ISIS) ଲୋକମାନଙ୍କୁ ୬୦୦୦ ବା ୧୦୦୦୦ ଡଲାର୍ ମାସିକ ଚୁକ୍ତିରେ ଭର୍ତି କରୁଅଛି । ଏହା ଗୋଟିଏ ବଡ଼ ଅର୍ଥ ଏପରି ବ୍ୟକ୍ତି ନିମନ୍ତେ ଯିଏ ସାଧାରଣତଃ କେବଳ ଶହେ ଡଲାର ମାସିକ କମାଉଥିଲା । ଏତଦ୍‌ବ୍ୟତୀତ ଆହୁରି ବହୁତ ଗୁଡିଏ କଥା ରହିଛି ଯାହା ସେମାନଙ୍କୁ ସେଥିପ୍ରତି ଆକର୍ଷିତ କରାଉଛି ଅର୍ଥାତ୍ ତୁମେ ଶହିଦ୍ ହୋଇ ମରିପାରିବ, ଯନ୍ନତ୍‌ରେ ପ୍ରବେଶ କରିବ ଇତ୍ୟାଦି ଇତ୍ୟାଦି । କିନ୍ତୁ ଏହା ଇସ୍‌ଲାମୀୟ ଶିକ୍ଷା ନୁହେଁ । ଏହି ଲିଡର୍‌ମାନେ ଲୋକମାନଙ୍କୁ ଚରମପନ୍ଥୀ ରୂପେ ଗଢ଼ି ତୋଳୁଛନ୍ତି ଓ ନିଜ ଦ୍ୱାରା ସୃଷ୍ଟି କରିଥିବା ଶିକ୍ଷା ପଛରେ ସେମାନଙ୍କୁ ପରିଚାଳିତ କରାଉଛନ୍ତି । ଏହା ପବିତ୍ର କୋରାନ୍‌ର ଭୁଲ୍ ତଫ୍‌ସିର୍ (ବ୍ୟାଖ୍ୟା) ଦ୍ୱାରା ସେମାନେ ଏପରି କରୁଛନ୍ତି ।

ଖଲିଫାଙ୍କ ନିକଟରେ ଏକଥା ବହୁତ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଅଟେ ଯେପରି ସନ୍ତ୍ରାସବାଦୀ କାର୍ଯ୍ୟକଳାପ ଓ Symbolic ସମସ୍ୟା ଅର୍ଥାତ୍ ମହିଳାମାନଙ୍କ ସହିତ ହାତ ନ ମିଳାଇବା, ଏହା ଠିକ୍ ବା ଭୁଲ୍ ଉକ୍ତ ଦୁଇଟି ଭିତରେ ପାର୍ଥକ୍ୟ ରହିବା ଜରୁରୀ ଅଟେ । ଯେବେ ଆମେ ତାଙ୍କୁ ଗ୍ରୀନ୍ ପାର୍ଟିର ରାଜନୈତିଜ୍ଞ ମାନଙ୍କ ବିଷୟରେ କହିଲୁ, ଯିଏ ଜଣେ ମହିଳା ଜର୍ନାଲିଷ୍ଟ୍‌ଙ୍କ ସହିତ ହାତ ମିଳାଇବା ପାଇଁ ମନା କରିଦେଇଥିଲେ, ତେବେ ଖଲିଫା ହସିଦେଇ ଏ ଉତର ଦେଲେ-

ଏହା ଏକ ସାଧାରଣ କଥା ଯାହାକୁ ଏପରି ବଢ଼ାଇ ଚଢ଼ାଇ ଉପସ୍ଥାପନ କରାଯାଇଛି ତାହାକୁ ମୁଁ ବୁଝିପାରୁନାହିଁ । ଯଦି ଜଣେ ପୁରୁଷ କୌଣସି ମହିଳାଙ୍କ ସହିତ ହାତ ନ ମିଳାଏ ତେବେ ଦେଶର ଉନ୍ନତିରେ କଣ କୌଣସି ବାଧକ ହେବ ? ଏହାତ ଏକ ନିଜି ମାମଲା ଅଟେ । ତେଣୁ ରାଜନେତା ଓ ଅନ୍ୟ ମୁଖିଆମାନେ କାହିଁକି ଏଥିରେ ମୁଣ୍ଡ ପୁରାଉଛନ୍ତି । ହଜାର ହଜାର ଲୋକ ଭୋକିଲା ମରୁଛନ୍ତି । ଏଠି ସ୍ୱିଡେନ୍‌ରେ ମଧ୍ୟ କିଛି ଲୋକଙ୍କ ଆର୍ଥିକ ଅବସ୍ଥା ବହୁତ ଖରାପ, କାହିଁକି ସେମାନଙ୍କ ଆର୍ଥିକ ଅବସ୍ଥାକୁ ସୁଧାରିବା ପାଇଁ ଚେଷ୍ଟା କରାଯାଉନାହିଁ ଓ ସେମାନଙ୍କ ରୋଜଗାର କରିବାର ଅବସର କାହିଁକି ପ୍ରଦାନ କରାଯାଉନାହିଁ ।

କଣ ଆପଣ ନିଜେ କୌଣସି ମହିଳାଙ୍କ ସହିତ ହାତ ମିଳାଇବା ପାଇଁ ପ୍ରସ୍ତୁତ ଅଛନ୍ତି କି ?

ଏଥିରେ ଖଲିଫା କହିଲେ ମୁଁ ଏପରି କରିବି ନାହିଁ । ଏହା ଏଥିପାଇଁ କି ମୁଁ ହେଉଛି ଜଣେ ଧର୍ମୀୟ ଅନୁଷ୍ଠାନର ମୁଖିଆ ଓ ମୋ ପାଇଁ ନିଜର ଧର୍ମୀୟ ଶିକ୍ଷା ଓ ପ୍ରୋଟୋକଲ୍‌ସ୍ ଉପରେ ପରିଚାଳିତ ହେବା ଜରୁରୀ ଅଟେ । ଦୁନିଆରେ ବହୁତ ଧର୍ମ ରହିଛି । ସେମାନଙ୍କ ମଧ୍ୟରେ ହାତ ମିଳାଇବାର କୌଣସି ପ୍ରଥା ନାହିଁ । ସଲାମ୍ କରିବାର ତରିକା ଭିନ୍ନ ଭିନ୍ନ ପ୍ରକାରର ରହିଛି ।

ଯଦି ମୁଁ କାନୁନ୍‌କୁ ପାଳନ କରୁଅଛି, ଯଦି ମୁଁ ମୋ ଦେଶକୁ ପ୍ରେମ କରୁଛି ଓ ଯଦି ମୁଁ ମୋ ଦେଶର ଉନ୍ନତି ନିମନ୍ତେ ସମ୍ପୂର୍ଣ୍ଣ ଚେଷ୍ଟା କରୁଅଛି ତେବେ ପୁଣି ମୋ ଉପରେ ଆରୋପ

ଲଗାଯାଇପାରିବ ନାହିଁ କି ମୁଁ ସମାଜରେ ରହିବା ପାଇଁ ଚେଷ୍ଟା କରୁନାହିଁ ବୋଲି । କେବଳ ହାତ ମିଳାଇବା ଦ୍ୱାରା ବା ମଦ୍ୟପାନ କରିବା ଦ୍ୱାରା ମଣିଷ ନିଜ ଦେଶର ଭକ୍ତ ହୋଇପାରେ ନାହିଁ ।

କଣ ରେଡିକାଲ୍ ଇସ୍‌ଲାମିଜିମ୍ ବିଷୟରେ ପ୍ରଶ୍ନ କରିବା ଦ୍ୱାରା ଆପଣ ବୋର୍ ହୋଇଗଲେଣି କି ?

ଖଲିଫା କହିଲେ ରେଡ଼ିକାଲ୍ ଇସ୍‌ଲାମିଜିମ୍ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ଏହାର ସମ୍ପର୍କ ବିଶ୍ୱଶାନ୍ତି ପର୍ଯ୍ୟନ୍ତ ରହିଛି । ଯଦି ଜଣେ ସ୍ୱିଡିଶ୍ ସନ୍ତ୍ରାସବାଦୀ ଭାବନାର ସମର୍ଥକ ହୁଏ ତେବେ ତାହା ଦୁନିଆର ସବୁ ଦେଶ ପାଇଁ ଏକ ବିପଦ ଅଟେ । ବ୍ରୋସେଲସ୍ ସହରରେ ଜଣେ ସ୍ୱିଡିଶ୍ ମଧ୍ୟ ଆରେଷ୍ଟ ହୋଇଥିଲେ ନା ? ସେ ସେଠାରେ ବିନାଶକାରୀ କାର୍ଯ୍ୟକଳାପ ପାଇଁ ଯାଇଥିଲା । ଯଦି ମାଲ୍‌ମୋ ସହରର ଜଣେ ବ୍ୟକ୍ତି ସନ୍ତ୍ରାସବାଦ ହୁଏ ତେବେ ତାହା କେବଳ ମାଲ୍‌ମୋ ପାଇଁ ବିପଦ ନୁହେଁ ବରଂ ଦୁନିଆର ସବୁ ଦେଶପାଇଁ ବିପଦ ଅଟେ । ଏହା ଏକ ବହୁତ ବଡ଼ ସମସ୍ୟା ଯାହାକୁ ହାତ ମିଳାଇବା ସହିତ କୌଣସି ସମ୍ପର୍କ ନାହିଁ ।

ତାଙ୍କୁ (ଖଲିଫାଙ୍କୁ) ନିଜେ ମଧ୍ୟ Exclusion ଏବଂ ଜୁଲୁମ୍‌ର ସମ୍ମୁଖୀନ ହେବାକୁ ପଡୁଛି । ନିଜ ଦେଶ ପାକିସ୍ତାନ୍‌ରେ ଗୋଟିଏ କାନୁନ୍ ମୁତାବକ ଜମାତ୍‌ର ଲୋକମାନଙ୍କୁ ଅର୍ଥାତ୍ ସେମାନେ ନିଜକୁ ମୁସଲମାନ୍ ବୋଲାଇବା ପାଇଁ ଅନୁମତି ନାହିଁ । ସେଇଥିପାଇଁ ଅନ୍ୟ ମୁସଲମାନ୍ ସଂଗଠନ ମାନେ ମଧ୍ୟ ଜମାତ୍ ଅହେମଦୀୟା ଉପରେ ଧର୍ମ ପରିତ୍ୟାଗ କରିବାର ଆରୋପ ଲଗାଇଛନ୍ତି । ଏହାର କାରଣ ହେଉଛି ଜମାତ୍ ଏହା କହୁଛି କି ମସିହ୍ ଦୁନିଆକୁ ଆସିସାରିଛନ୍ତି ଓ ତାଙ୍କର ନାମ ହେଉଛି ମିର୍ଜା ଗୁଲାମ୍ ଅହେମଦ୍ ଓ ୧୮୮୯ ମସିହାରେ ସେ ଈଶ୍ୱରଙ୍କର ପ୍ରେରିତ ଦୂତ ହେବାର ଦାବି କରିଥିଲେ ।

ମିର୍ଜା ମସ୍‌ରୁର୍ ଅହେମଦ୍ କହୁଛନ୍ତି ଅନ୍ୟମାନଙ୍କ ସହିତ ବିଭେଦ ଅର୍ଥାତ୍ ଆମ ମଧ୍ୟରେ ଅନ୍ୟ ମୁସଲମାନ୍ ଫିର୍‌କାଙ୍କ ମଧ୍ୟରେ ଉପରୋକ୍ତ କଥା ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଭେଦ ।

ସମଲିଙ୍ଗ କଥା ପବିତ୍ର କୋରାନ୍ ଅପେକ୍ଷା ବାଇବଲ୍‌ରେ ଅଧିକ ରହିଛି । ଯଦି ତୁମେ ଇସାଇମାନଙ୍କର ପ୍ରକୃତ ଅନୁଗାମୀ ତେବେ ତୁମକୁ ଏକଥା ଅପସନ୍ଦ ଲାଗିବ । ବାଇବେଲ୍ ନିକଟରେ ସେହି ସମଲିଙ୍ଗୀ ମାନଙ୍କୁ ତାଙ୍କର ଖରାପ କାର୍ଯ୍ୟକଳାପ ଯୋଗୁ ଦଣ୍ଡ ଦିଆଯାଇଥିଲା । ଯଦି ଆପଣଙ୍କର ବିଶ୍ୱାସ ଈଶ୍ୱରଙ୍କ ଉପରେ ଓ ବାଇବେଲ୍‌ର ଲେଖା ଉପରେ ଅଛି ତେବେ ପୁଣି ଏବେ କାହିଁକି ଦଣ୍ଡ ମିଳିପାରିବ ନାହିଁ ?

କଣ ସମଲିଙ୍ଗୀ ବ୍ୟକ୍ତି ବିଶେଷ ଆପଣଙ୍କ ମସ୍‌ଜିଦ୍‌କୁ ଆସିପାରିବେ ?

ଖଲିଫା କହିଲେ- ଯଦି କିଏ ସମଲିଙ୍ଗୀ ଅଛି ତେବେ କଣ ତାହାର ଘୋଷଣା କରିବା ଜରୁରୀ ଅଟେ ? ଯଦି ଏପରି କିଏ କରେ ଓ ମସ୍‌ଜିଦ୍‌କୁ ଆସେ ତ ନିଶ୍ଚିତ ରୂପେ ଆସୁ । ଆମେ ତାକୁ ରୋକିବୁ ନାହିଁ । କିନ୍ତୁ ଏହା କେବଳ ପ୍ରେମ ଓ ସହାନୁଭୂତି ଯୋଗୁ । ମୋ ଇମାନ୍ ମୁତାବକ ଓ ଇସାଇ ମାନଙ୍କ ପ୍ରକୃତ ଶିକ୍ଷା ମୁତାବକ ଏପରି ବ୍ୟକ୍ତି ଈଶ୍ୱରଙ୍କ ହାତରେ ଦଣ୍ଡିତ ହୋଇଥାଏ । ତେଣୁ ମୁଁ ତାକୁ କହୁଛି କି ସେ ନିଜକୁ ବଦଳାଇବା ପାଇଁ ଚେଷ୍ଟା କରୁ ।

ଅନେକ Psychiatrists ଏବଂ ଡାକ୍ତର ମାନଙ୍କର କହିବା ହେଉଛି କି ଏହା ଏକ ମନସ୍ତତ୍ୱ ରୋଗ ଅଟେ ଯାହାର ଚିକିତ୍ସା କରାଯାଇପାରିବ । ଖଲିଫା କହିଲେ ତାଙ୍କ ନିକଟରେ ଅର୍ଥାତ୍ ସେ ବହୁତ ମୁସଲମାନ୍ ମାନଙ୍କ ସହିତ ମିଶିଛନ୍ତି, ଯାହାଙ୍କୁ ସମଲିଙ୍ଗୀ ରୋଗରୁ ଆରୋଗ୍ୟ ମିଳିଛି ଓ ସେମାନେ ପରେ ବିବାହ କରି ବହୁତ ଶାନ୍ତିର ସହିତ ଜୀବନ ଅତିବାହିତ କରୁଛନ୍ତି ।

ପବିତ୍ର କୋରାନ୍ ଉପରେ ଅମଳ କରିବା ହେଉଛି ଆପଣଙ୍କ ପାଇଁ ଧାର୍ଯ୍ୟ । କିନ୍ତୁ କଣ ଧର୍ମର ନବୀକରଣ ଓ ଏହାର ସଂଶୋଧନ କରିବା ମଧ୍ୟ ଆପଣଙ୍କର ଦାୟିତ୍ୱ ନୁହେଁ କି ?

ଖଲିଫା କହିଲେ- ମୋ ନିକଟରେ ଧର୍ମର ଅର୍ଥ ହେଉଛି ଏହା କି ତାର ଶିକ୍ଷା ଉପରେ ଅମଳ କରାଯାଉ । ନାଁ କି ଲୋକମାନଙ୍କ ପ୍ରଥା ବା ଭାବନାର ପଛରେ ଅମଳ କରାଯାଉ । ସମସ୍ତ ନବୀମାନଙ୍କର ପ୍ରକଟ ସମାଜର ଆଧାତ୍ମିକ ସ୍ଖଳନ ସମୟରେ ହୋଇଥିଲା । ସେହିକଥା ଏବେ ହେଉଅଛି । ଆମର ସମସ୍ତ ଧ୍ୟାନ ସଂସାର ପ୍ରାପ୍ତି ପ୍ରତି ବଢ଼ି ଚାଲିଛି । ଆଧାତ୍ମିକ ଓ ଧର୍ମ ଅନ୍ଧକାର ଭିତରେ ଲୀନ ହେଉଅଛି ।

ମୋ ହୃଦୟରେ ସହାନୁଭୂତି ରହିଛି । ତେଣୁ ମୁଁ କାହାର ନିନ୍ଦା କରେନାହିଁ । ଯଦି ମୋତେ କିଛି ଭଲ ଲାଗେ ତେବେ ତାହା ହେଉଛି କୌଣସି ବ୍ୟକ୍ତିର କାର୍ଯ୍ୟ ନା କି ସେ ନିଜେ । ସେ କେଉଁ ପ୍ରକାରର ବ୍ୟକ୍ତି ହୋଇଥାଉ ନା କାହିଁକି ଅର୍ଥାତ୍ ଚୋର ହେଉ ବା ହତ୍ୟାକାରୀ ହେଉ । ତେବେ ମୋତେ ସେହି ଘୃଣିତ କାର୍ଯ୍ୟଗୁଡ଼ିକ ହିଁ ଘୃଣା ଲାଗେ ନା କି ସେହି ବ୍ୟକ୍ତି । ମୁଁ ତାଙ୍କ ପାଇଁ ପ୍ରାର୍ଥନା କରେ, ଯଦ୍ୱାରା ସେ ପରିବର୍ତ୍ତନ ହୋଇପାରିବେ ଓ ତୌବା କରିବେ । ଏହା ହେଉଛି ମୋର ଧର୍ମ ।

ଆଉଗୋଟିଏ ରେଡିଓ ଚ୍ୟାନେଲ୍ P-4 Malmohus ନିଜର ୧୩ ମଇର ପ୍ରସାରଣରେ କହିଲା-

(ଏହା ଏକ ରେଡିଓ ଚ୍ୟାନେଲ୍ ଯାହା ମାଲ୍‌ମୋ ଓ ଏହାର ଚତୁଃପାର୍ଶ୍ୱରେ ଥିବା ଇଲାକାରେ ପ୍ରସାରଣ ହୁଏ ଏବଂ ଅନ୍‌ଲାଇନ୍‌ରେ ମଧ୍ୟ ଏହାର ଖବର ଓ ଆର୍ଟିକିଲ୍ ପ୍ରସାରଣ ହେଉଛି । ହଜୁର୍ ଅନୁଓ୍ୱରଙ୍କର ଗସ୍ତ ଓ ମସ୍‌ଜିଦ୍ ଉଦ୍‌ଘାଟନ ପ୍ରସଙ୍ଗରେ ଏଥିରେ ଖବର ପ୍ରସାରଣ କରାଗଲା, ଯାହାର ଲେଖି ନିମ୍ନରେ ଦିଆଯାଉଛି)

ଆମର ମୋଟୋ ହେଉଛି 'ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ' । ଆଜି ଜମାତ୍ ଅହେମଦୀୟା ସ୍ୱିଡେନ୍‌ରେ ତାର ଦ୍ୱିତୀୟ ମସ୍‌ଜିଦ୍ ମସ୍‌ଜିଦ୍ ମେହ୍‌ମୁଦ୍ ମାଲ୍‌ମୋ ସହରରେ ଉଦ୍‌ଘାଟନ କଲା ।

ଜମାତ୍ ଅହେମଦୀୟା ହେଉଛି ସ୍ୱିଡେନ୍‌ର ଗୋଟିଏ ଛୋଟିଆ ସଂଗଠନ ଯାହାର ଏଠି ପାଖାପାଖି ଏକ ହଜାର ସଦସ୍ୟ ଅଛନ୍ତି ଓ ଦୁନିଆର ଅନ୍ୟ ମୁସଲମାନ୍ ମାନଙ୍କ ମଧ୍ୟରେ ଏହା ଏକ ସଂଖ୍ୟାଲଘୁ ଗୋଷ୍ଠୀ ।

ଅହେମଦୀମାନଙ୍କ ନିକଟରେ ସେମାନଙ୍କର ପ୍ରତିଷ୍ଠାତା ମିର୍ଜା ଗୁଲାମ୍ ଅହେମଦ୍ ହେଉଛନ୍ତି ମୋକ୍ଷପ୍ରାପ୍ତ କରିଥିବା ଫିର୍‌କାର ପ୍ରତିଷ୍ଠାତା । ସେଇଥିଯୋଗୁ ଏଇ ଫିର୍‌କା ବିରୋଧର ଶିକାର ହେଉଅଛି ।

ମେମ୍ବର୍ ଉପରେ ଖଲିଫା ମସ୍‌ରୁର୍ ଛିଡ଼ା ହୋଇଥିଲେ, ଯିଏ ନମାଜ ଜୁମା ପଢ଼ାଇଲେ ଓ ଏହି ଉଦ୍‌ଘାଟନର କାର୍ଯ୍ୟକଳାପ ଟିଭି ମାଧ୍ୟମରେ ଦୁନିଆର ବିଭିନ୍ନ ପ୍ରାନ୍ତରେ ପ୍ରସାରଣ କରାଗଲା ।

ଅନ୍‌ଲାଇନ୍ ଖବରକାଗଜ ମାଲ୍‌ମୋ-୨୪ ୧୪ ମଇ ୨୦୧୬ ପ୍ରସାରଣରେ ଲେଖିଲା-

ସମସ୍ତଙ୍କର ପ୍ରିୟ ଖଲିଫା ମାଲ୍‌ମୋ ଗସ୍ତରେ । ନିକଟ ଭବିଷ୍ୟତରେ ତୃତୀୟ ବିଶ୍ୱଯୁଦ୍ଧର ସମ୍ମୁଖୀନ ହେବାକୁ ଯାଉଛି ।

୧୬ ବର୍ଷର ଅପେକ୍ଷା ପରେ କାଲି ମସ୍‌ଜିଦ୍ ମେହ୍‌ମୁଦ୍‌ର Elisedel ଠାରେ ଉଦ୍‌ଘାଟନ ହେଲା । ମାଲ୍‌ମୋ-୨୪ ଏହି ଅବସରର ଲାଭ ଉଠାଇ ଜମାତ୍ ଅହେମଦୀୟାର ଆନ୍ତର୍ଜାତିକ ମୁଖିଆ ଖଲିଫା ମିର୍ଜା ମସ୍‌ରୁର୍ ଅହେମଦ୍‌ଙ୍କ ସହିତ ବାର୍ତ୍ତାଳାପ କଲା ।

ନୂତନ ମସ୍‌ଜିଦ୍ ମେହ୍‌ମୁଦ୍‌ରେ ଆମର ସ୍ୱାଗତ ଏକ ସୁରକ୍ଷା ଦଳ ସହିତ କରାଗଲା ଯେବେ କି ଆମେ ଶୁକ୍ରବାର ଦିନ ଦ୍ୱିପ୍ରହରରେ ଏଠାରେ ପହଂଚିଲୁ । ପ୍ରତ୍ୟେକ ସ୍ଥାନରେ କଷ୍ଟ୍ୟୁମ୍ ପିନ୍ଧି ଲୋକମାନେ କାନରେ ହେଡ୍‌ଫୋନ୍ ଲଗାଇ ଦୃଷ୍ଟିଗୋଚର ହେଉଥିଲେ ଓ ଆମର ସଂଯୋଜକଙ୍କୁ ଗୋଟିଏ ଦୁଇଟି କଲ୍ କରିବା ପରେ ଆମକୁ ଭିତରକୁ ଯିବା ପାଇଁ ଅନୁମତି ମିଳିଲା । ପ୍ରଥମ ଦିନ ଜୁମା ନମାଜ ଏବେ ଶେଷ ହୋଇଥିଲା ଓ ଆମକୁ ସେହି କୋଠରୀ ଭିତରକୁ ନେଇନିଆଗଲା । ଯେଉଁଠି ଅହେମଦୀ ମାନଙ୍କର ସବୁଠାରୁ ବଡ଼ ଧର୍ମଗୁରୁ ଖଲିଫା ମସ୍‌ରୁର୍ ଅହେମଦ୍ ବସିଥିଲେ ।

ଖଲିଫାଙ୍କର ଜନ୍ମ ପାକିସ୍ତାନ୍‌ରେ ହୋଇଛି କିନ୍ତୁ ଅନେକ ବର୍ଷ ହେବ ସେ ଲଣ୍ଡନ୍‌ରେ ରହୁଛନ୍ତି । ଉଦ୍‌ଘାଟନ ହେବାର କିଛିଦିନ ପୂର୍ବରୁ ସେ ମାଲ୍‌ମୋରେ ପହଂଚିଛନ୍ତି ଓ ଏହି ସହରର ଦୃଶ୍ୟପଟ ତାଙ୍କୁ ବହୁତ ପସନ୍ଦ ଆସିଛି ।

ମିର୍ଜା ମସ୍‌ରୁର୍ ଅହେମଦ୍ କହିଲେ- ଏହା ଏକ ସୁନ୍ଦର ସ୍ଥାନ ଅଟେ ଓ ମୋତେ ବାହାରକୁ ବାହାରି ନିଜ ଜମାତ୍‌ର ଲୋକମାନଙ୍କ ସହିତ ମିଶିବା ପାଇଁ ବହୁତ ଭଲ ଲାଗେ । ମୁଁ ଭାବି ନଥିଲି କି ଏ ସହର ବାହାରୁ ଏତେ ଲୋକ ଏଠାକୁ ଆସିବେ ବୋଲି ।

ନିଶ୍ଚିତ ରୂପେ ଲୋକମାନଙ୍କର ସଂଖ୍ୟା ବହୁତ ଥିଲା । ଭିତରେ ନମାଜ ପଢ଼ିବା ପାଇଁ ଥିବା ହଲ୍‌ଟି ଯଥେଷ୍ଟ ନଥିଲା । ଯେବେ କି ସମସ୍ତ ଉତ୍ତର ୟୁରୋପ୍‌ରୁ ଆସିଥିବା ଲୋକମାନେ ଏଠି ମାଲ୍‌ମୋରେ ଉଦ୍‌ଘାଟନ ଉତ୍ସବରେ ଯୋଗଦେବା ପାଇଁ ପହଂଚିଥିଲେ । ବାରଶହ ନମାଜି ମାନଙ୍କ ମଧ୍ୟରୁ କିଛି ଲୋକଙ୍କୁ ଅସ୍ଥାୟୀ ନମାଜ ପଢ଼ିବା ସ୍ଥାନରେ ନମାଜ ପଢ଼ିବାକୁ ହେଲା ଓ ତାହା ଅନ୍ୟ ଦିନ ମାନଙ୍କରେ ମସ୍‌ଜିଦ୍‌ର ପାର୍କିଂର କାମରେ ଲାଗେ ।

ସ୍ୱିଡେନ୍‌ରେ ଜମାତ୍‌ର କେବଳ ଏକହଜାର ସଦସ୍ୟ ବସବାସ କରୁଛନ୍ତି । ଜମାତ୍‌ର ଏ ଦେଶରେ ଦୁଇଟି ବଡ଼ ବଡ଼ ମସ୍‌ଜିଦ୍ ଅଛି (ସେଥିମଧ୍ୟରୁ ପ୍ରଥମ ମସ୍‌ଜିଦ୍ ୧୯୭୫ ମସିହାରେ ନିର୍ମାଣ କରାଯାଇଥିଲା । ଏହା ଗୋଥନ୍‌ବର୍ଗଠାରେ ଅବସ୍ଥିତ)

ମିର୍ଜା ମସ୍‌ରୁର୍ ଅହେମଦ୍ କହିଲେ ଆମ ବିଶ୍ୱାସ ମୁତାବକ ମନୁଷ୍ୟର ପ୍ରାଥମିକ କର୍ତ୍ତବ୍ୟ ହେଉଛି ନିଜ ସୃଷ୍ଟିକର୍ତ୍ତାଙ୍କୁ ଉପାସନା କରିବା ଓ ସେଇଥିପାଇଁ ଗୋଟିଏ ସ୍ଥାନର ଆବଶ୍ୟକ ରହିଛି । ସ୍ଥାନୀୟ ଜମାତ୍‌ର କୁର୍ବାନୀ ଯୋଗୁ ଆଜି ଏହି ମସ୍‌ଜିଦ୍‌ଟି ନିର୍ମାଣ ହେବା ସମ୍ଭବ ହୋଇଛି । ଏହିପରି ଆଉ ଏକ ମସ୍‌ଜିଦ୍‌ର ନିର୍ମାଣ ଲୋଲିଓଠାରେ ମଧ୍ୟ ହେବ ।

୨୦୦୩ ମସିହାରେ ତାଙ୍କ ଚୟନ ହେବା ପରଠାରୁ ନେଇ ମିର୍ଜା ମସୁର୍ ଅହେମଦ୍ ଆଜି ପର୍ଯ୍ୟନ୍ତ ସାରା ଦୁନିଆରେ ଗସ୍ତ କରୁଛନ୍ତି ଓ ବଡ଼ ବଡ଼ ଆନ୍ତର୍ଜାତିୟ ନେତାମାନଙ୍କ ସହିତ ସାକ୍ଷାତ୍ କରିଛନ୍ତି । ଆପଣ ହେଉଛନ୍ତି ଦଶ ମିଲିୟନ୍ ଲୋକଙ୍କ ଲିଡର୍ । ଆପଣ ୟୁରୋପିୟାନ୍ ପାର୍ଲିଆମେଂଟ୍ ଓ ବ୍ରିଟିଶ୍ ପାର୍ଲିଆମେଂଟ୍‌ରେ ଅଭିଭାଷଣ ପ୍ରଦାନ କରିଛନ୍ତି । ଏବେ ମାଲ୍‌ମୋ ଗସ୍ତ ପରେ ଷ୍ଟକ୍ ହୋମ୍ ଗସ୍ତରେ ଯିବେ, ଯେଉଁଠି ବିଶେଷ ରୂପେ ମେମ୍ବର୍ ଅଫ୍ ପାର୍ଲିଆମେଂଟଙ୍କ ସହିତ ଚର୍ଚ୍ଚା ହେବ । ଆପଣ ଜଣେ ଖଲିଫା ହିସାବରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପକୁ ନିନ୍ଦା କରୁଛନ୍ତି ଯାହା ଆପଣଙ୍କ ନିକଟରେ ବିଶ୍ୱ ଶାନ୍ତି ପାଇଁ ବହୁତ ବିପଦପୂର୍ଣ୍ଣ ଅଟେ ।

ଖଲିଫା କହିଲେ ଜମାତ୍ ଅହେମଦୀୟାରେ ଆମର ମୋଟୋ ହେଉଛି 'ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ' । ଆଜିକାଲିର ଆନ୍ତର୍ଜାତୀୟ ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଁ ଏହି ସମସ୍ୟା ଉପରେ ବହୁତ ଗୁରୁତ୍ୱ ଦେଉଛି । ଯଦି ଦୁନିଆର ନେତାମାନେ ଏହି ପରିସ୍ଥିତିକୁ ନିଜ ନିୟନ୍ତ୍ରଣରେ ନରଖିବେ ତେବେ ଅତି ନିକଟରେ ଆମକୁ ଗୋଟିଏ ବିଶ୍ୱଯୁଦ୍ଧର ସମ୍ମୁଖୀନ ହେବାକୁ ହେବ । ଏହା ଦେଖିବାକୁ ପଡ଼ିବ କି କାହିଁକି ଏତେ ଗୁଡିଏ ୟୁରୋପୀୟ ଚରମପନ୍ଥୀ ଓ କଠୋରପନ୍ଥୀ ଭାବନାର ସମର୍ଥକ ହୋଇ ଦାଇସ୍ ଓ ଅନ୍ୟାନ୍ୟ ସଂଗଠନରେ ମିଶିବା ପାଇଁ ଚାଲିଗଲେ ।

୨୦୦୮ର ଆର୍ଥିକ ସଂକଟ ପରେ ଲକ୍ଷ୍ୟ ଲକ୍ଷ୍ୟ ଲୋକେ ରୋଜଗାର ହରାଇ ବସିଲେ । ଯଦି ସେମାନଙ୍କୁ ସଠିକ୍ ରୋଜଗାର ମିଳିଥାନ୍ତା ତେବେ ମୋ ନିକଟରେ ଅଧିକାଂଶ ଯୁବଗୋଷ୍ଠୀଙ୍କୁ ଅର୍ଥାତ୍ ରେଡିକାଲ୍ ଭାବନାର ସମର୍ଥକ ସଦସ୍ୟମାନଙ୍କୁ କମାଇ ଦିଆଯାଇପାରିଥାନ୍ତା ।

ତାଙ୍କ ନିକଟରେ ସ୍ୱିଡେନ୍‌ରେ ମଧ୍ୟ ଗୋଟିଏ ସୀମା ପର୍ଯ୍ୟନ୍ତ ଶରଣାର୍ଥୀମାନଙ୍କ ବିଷୟରେ ପଲିସିରେ ଅନଭିଜ୍ଞତା ରହିଛି । ଖଲିଫା କହିଲେ ଦୁନିଆରେ କୌଣସି ଦେଶ ସମସ୍ତ ଶରଣାର୍ଥୀମାନଙ୍କୁ ଗ୍ରହଣ କରିପାରିବ ନାହିଁ । ମୋ ମତରେ ଯୁଦ୍ଧ ବିଭିଷୀକା ଦେଶଗୁଡ଼ିକର ପଡୋଶୀ ରାଷ୍ଟ୍ରରେ କ୍ୟାମ୍ପ ବନାଇବା ଉଚିତ୍ ହେବ । ଯଦି ସେହି ଲୋକମାନେ ସ୍ୱିଡିଶ୍ ସମାଜକୁ ଲାଭ ପହଂଚାଇପାରିବେ ତେବେ ନିଶ୍ଚିତ ରୂପେ ସେମାନଙ୍କୁ ଗ୍ରହଣ କରାଯାଉ । କିନ୍ତୁ ସତର୍କ ରହିବ ମଧ୍ୟ ଆବଶ୍ୟକ ଓ ଏକଥା ନିଶ୍ଚିତ ହେବା ଉଚିତ୍ କି ଯେଉଁ ଲୋକମାନଙ୍କୁ ଗ୍ରହଣ କରାଯାଉଛି ସେମାନେ ପ୍ରକୃତ ଶରଣାର୍ଥୀ ଥିବେ ।

ମିର୍ଜା ମସ୍‌ରୁର୍ ଅହେମଦ୍ ସନ୍ତ୍ରାସବାଦୀ ବିରୋଧରେ ଯେଉଁ କାର୍ଯ୍ୟ କରୁଛନ୍ତି ସେଥିଯୋଗୁ ସେ ସାରା ଦୁନିଆରେ ଚିହ୍ନାଯାଉଛନ୍ତି ଓ ଆପଣଙ୍କ କାର୍ଯ୍ୟକୁ ସମ୍ମାନର ସହିତ ଦେଖାଯାଉଛି ।

ଖଲିଫା କହିଲେ ମୋ ନିକଟରେ ଏହି (ସମଲିଙ୍ଗୀ ବିଷୟ) ହେଉଛି ଗୋଟିଏ ବଡ଼ ସମସ୍ୟା, ଯାହା କିଛି ଲୋକଙ୍କ ଠାରେ ଦେଖାଯାଉଛି । ପୁଣି କାହିଁକି ତାକୁ ସର୍ବସାଧାରଣରେ ପ୍ରସିଦ୍ଧି ଦିଆଯାଉଛି ? ମୁଁ କେବଳ ଇସ୍‌ଲାମ୍‌ର ଶିକ୍ଷାକୁ ଅନୁସରଣ କରୁଛି । ଆମ ନିକଟରେ ପବିତ୍ର କୋରାନ୍ ହେଉଛି ଶେଷ ଐଶ୍ୱରିକ ପୁସ୍ତକ, ଯେଉଁଥିରେ ଘରୋଇ ସମସ୍ୟାଠାରୁ ନେଇ ଆନ୍ତର୍ଜାତିକ ସମସ୍ୟା ଓ ସମ୍ପର୍କ ସବୁକିଛି ବର୍ଣ୍ଣନା କରାଯାଇଛି । ତେଣୁ ସିଦ୍ଧାନ୍ତକୁ ବଦଳାଇବାର କୌଣସି କାରଣ ନାହିଁ ।

ଏ ପ୍ରଶ୍ନରେ କି କଣ ଆପଣ ନିଜକୁ Feminist ବୋଲାଇବେ କି ?

ଏଥିରେ ଖଲିଫା କହିଲେ ଆମେ ସମସ୍ତଙ୍କର ସମ୍ମାନ କରୁଅଛୁ ଓ ସମସ୍ତଙ୍କୁ ସମାନ ଅଧିକାର ପ୍ରଦାନ କରୁଛୁ, ସେ ପୁରୁଷ ହେଉ ବା ମହିଳା, ଯୁବକ ହେଉ ବା ବୁଢ଼ା । ପୁଣି ଆପଣମାନେ ଏହାପରେ ନିଜ ମନ ମୁତାବକ ମୋ ବିଷୟରେ ଯେକୌଣସି ଶବ୍ଦ ବ୍ୟବହାର କରିବାକୁ ଚାହୁଁଛନ୍ତି କରିପାରିବେ । (ବହ୍‌ୱାଲା ଅଖବାର୍ ବଦର, ୪ ଅଗଷ୍ଟ-୨୦୧୬)

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

The Weekly Qadian **BADAR** ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.3 Thursday 05 July 2018 Issue No.27

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)


# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଡେନ୍‌ମାର୍କ୍ ଏବଂ ସ୍ୱିଡେନ୍ ଗସ୍ତ-ମଇ ୨୦୧୬ ର କାର୍ଯ୍ୟବ୍ୟସ୍ତତା

**୧୮ ମଇ ୨୦୧୬ (ବୁଧବାର)**

**ରିପୋର୍ଟର ବଳକା ଅଂଶ**

ଜଣେ ପାଦ୍ରୀ ପ୍ରଶ୍ନ ପଚାରିଲେ କି କାଲି ଦଶବର୍ଷର ଜଣେ ମୁସଲ୍‌ମାନ୍ ପିଲା ଚର୍ଚ୍ଚ ଆସିଥିଲେ । ମୁଁ ତାକୁ ବତାଇଲି କି ଆମେ ଏଭଳି Baptize କରୁଅଛୁ । ଏଥିରେ ଜଣେ ପିଲା ପଚାରିଲା କି ଯେବେ ମୁସଲ୍‌ମାନ୍ ପିଲା ଜନ୍ମ ହୁଏ ଏବଂ ଆପଣ ତାକୁ ବପ୍‌ତସ୍‌ମା ଦେବେ ତେବେ କଣ ସେ ମୁସଲ୍‌ମାନ୍ ବୋଲାଇବ ? ଏଥିରେ ମୁଁ ସେ ପିଲାକୁ କହିଲି କି ମୋତେ ଜଣାନାହିଁ । କିନ୍ତୁ ଯଦି ମୁଁ ବପ୍‌ତସ୍‌ମା ଦେବି ତେବେ ବୋଧହୁଏ ସେ ପିଲାଟି ଖ୍ରୀଷ୍ଟିଆନ୍ ବୋଲାଇବ ବା ବୋଧହୁଏ ସେ ମୁସଲ୍‌ମାନ୍ ହିଁ ବୋଲାଇବ । ସେ ପାଦ୍ରୀଜଣକ ପଚାରିଲେ କି ଏପରି ଅବସ୍ଥାରେ ମୁଁ ଆପଣଙ୍କଠାରୁ କଣ ଉତର ଆଶା କରିବି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ପୈଗମ୍ବରେ ଇସ୍‌ଲାମ୍ ରସୁଲେ କରିମ୍ ସ:ଆ:ସ ନିର୍ଦ୍ଦେଶ ଦେଇଛନ୍ତି କି ପ୍ରତ୍ୟେକ ଜନ୍ମ ହୋଇଥିବା ପିଲା ପ୍ରାକୃତିକ ଅବସ୍ଥାରେ ଜନ୍ମ ନେଇଥାଏ । ଧର୍ମୀୟ ଦୃଷ୍ଟିକୋଣରୁ ନା ତ ସେ ମୁସଲ୍‌ମାନ୍ ନା ଇସାଇ ଓ ନା ୟହୁଦୀ ହୋଇଥାଏ । କିନ୍ତୁ ତାର ପ୍ରକୃତି ପୁଣ୍ୟରେ ପରିପୁର୍ଣ୍ଣ ଥାଏ । କିନ୍ତୁ ପରେ ତା ବାପା ମା ତାକୁ ଯେପରି ଚାହାଁନ୍ତି ସେପରି ଲାଳନ ପାଳନ କରିଥାନ୍ତି । ତେଣୁ ଯାହାକୁ ଆପଣମାନେ ବପ୍‌ତସ୍‌ମା ଦେବେ ସେ ଇସାଇ ହିଁ ବୋଲାଇବ । କିନ୍ତୁ ମୁଁ ଏହା କହିପାରିବି ନାହିଁ କି କୌଣସି ଇସାଇ ପୁଣ୍ୟ ପ୍ରକୃତିର ହୋଇନପାରେ ବୋଲି । ତେଣୁ ମୋ ନିକଟରେ ପ୍ରତ୍ୟେକ ପିଲା ପ୍ରାକୃତିକ ଅବସ୍ଥାରେ ହିଁ ଜନ୍ମ ନେଇଥାଏ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ଭାରତୀୟ ରାଜଦୂତଙ୍କୁ ସମ୍ବୋଧନ କରି କହିଲେ କି ଜମାତ୍ ଅହେମଦୀୟାର ଶୁଭାରମ୍ଭ ଭାରତରୁ ହିଁ ହୋଇଥିଲା । ପଞ୍ଜାବର ଗୋଟିଏ ଛୋଟିଆ କସ୍‌ବା କାଦିଆନ୍‌ରୁ ହୋଇଥିଲା ।

ହଜୁର୍ ଅନୁଓ୍ୱର୍ ଅ:ବ:ଅଙ୍କ ପଚାରିବାରେ ସେ ବତାଇଲେ କି ମୁଁ ହେଉଛି ଦିଲ୍ଲୀ ନିବାସୀ କିନ୍ତୁ ମୂଳତଃ ମୋର ସମ୍ପର୍କ ପୂର୍ବ ବଙ୍ଗଳା ସହିତ ରହିଛି ।

ସେ ପୁଣି କହିଲେ କି ଭାରତରେ ଆପଣଙ୍କ ଜମାତର ଅବସ୍ଥିତିରୁ ଜଣାପଡୁଛି କି ଭାରତ ହେଉଛି ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର । ଆମର ଏ ବିଶ୍ୱାସ ଅଛି କି ପ୍ରତ୍ୟେକ ଧର୍ମର ସମ୍ମାନ କରାଯିବା ଉଚିତ୍ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ-ଏହା ଠିକ୍ କଥା । ଭାରତର ବର୍ତମାନ ସରକାରଙ୍କ ସହିତ ଆମ ଜମାତ୍‌ର ବହୁତ ଭଲ ସମ୍ପର୍କ ରହିଛି ।

ଭାରତର ରାଜଦୂତ କହିଲେ କି ଏବେ ଏବେ ସୋଫିଆର ଗୋଟିଏ ଆନ୍ତର୍ଜାତିକ କନ୍‌ଫରେନ୍‌ସ ଅବସରରେ ଆମ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାହେବ୍ ସ୍ପଷ୍ଟ ରୂପେ ଏହା କହିଛନ୍ତି କି ଇସ୍‌ଲାମ୍ ହେଉଛି ଏକ ଶାନ୍ତିର ଧର୍ମ । କିନ୍ତୁ ଏହାକୁ ଦୁନିଆରେ ଭୁଲ୍ ବଶତଃ ଏକ କଠୋରପନ୍ଥୀ ଓ ହିଂସାତ୍ମକ ଧର୍ମ ରୂପେ ଉପସ୍ଥାପନ କରାଯାଉଅଛି ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ବିଲ୍‌କୁଲ୍ ଠିକ୍ କଥା । ପ୍ରତ୍ୟେକ ଧର୍ମର ଅସଲ ଶିକ୍ଷା ହେଉଛି ଶାନ୍ତି, ପ୍ରେମ ଓ ଭାଇଚାରା ଉପରେ ପରିବେଷ୍ଟିତ । ଅଲ୍ଲାହ୍‌ଙ୍କ ସହିତ ପ୍ରେମ କର ଓ ମାନବଜାତି ସହିତ ପ୍ରେମ କର ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ସ୍ୱିଡେନ୍‌ରେ ମୃତୟନ ଥିବା ଇସ୍‌ରାଇଲ୍ ଦେଶର ରାଜଦୂତଙ୍କୁ ସମ୍ବୋଧନ କରି କହିଲେ କି ଆମ ଜମାତ୍ ଇସ୍‌ରାଇଲ୍ ଦେଶରେ ମଧ୍ୟ ଅଛି । ଏଥିରେ ସେ କହିଲେ ଏହା ଆମପାଇଁ ବହୁତ ଗର୍ବର କଥା କି ଇସ୍‌ଲାମ୍‌ର ଏକ ଶାନ୍ତିପ୍ରିୟ ଫିର୍‌କା (ଗୋଷ୍ଠୀ) ଆମ ଦେଶରେ ଅବସ୍ଥିତ । ସେଥିଯୋଗୁ ମୁଁ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି ।

ପୁଣି ସେ କହିଲେ କି ଏଠି ସ୍ୱିଡେନ୍‌ରେ ଅହେମଦୀମାନଙ୍କ ସହିତ ଆମର ବହୁତ ଉତମ ସମ୍ପର୍କ ରହିଛି । କିନ୍ତୁ ବହୁତ ଦୁର୍ଭାଗ୍ୟର କଥା କି ସ୍ୱିଡେନ୍‌ରେ ଥିବା ଅନ୍ୟାନ୍ୟ ମୁସଲ୍‌ମାନ ମାନଙ୍କ ସହିତ ଆମ କମ୍ୟୁନିଟିର ଏପରି ସମ୍ପର୍କ ନାହିଁ ।

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ- ଇସ୍‌ରାଇଲ୍‌ରେ ଯେଉଁ ଅହେମଦୀମାନେ ରହୁଛନ୍ତି ସେମାନେ ଅନ୍ୟ ମୁସଲ୍‌ମାନ୍ ଓ ୟହୁଦୀମାନଙ୍କ ମଧ୍ୟରେ ଏକ ପ୍ରକାରର ମଧ୍ୟସ୍ଥିର କାର୍ଯ୍ୟ ତୁଲାଉଛି ।

ସେ ପୁଣି କହିଲେ ଆମେ ଏଠି ସ୍ୱିଡେନ୍‌ରେ ଚେଷ୍ଟା କରିବା ସତ୍ୱେ ମଧ୍ୟ ଅନ୍ୟ ମୁସଲ୍‌ମାନ୍‌ଙ୍କ ସହିତ ସମ୍ପର୍କ ସ୍ଥାପନ କରିପାରୁନାହୁଁ । ଏ ଲୋକମାନେ (ଅର୍ଥାତ୍ ଅନ୍ୟ ମୁସଲ୍‌ମାନ୍ ମାନେ) ୟହୁଦୀ ମାନଙ୍କ ସହିତ କୌଣସି ପ୍ରକାର ସମ୍ପର୍କ ରଖିବାକୁ ଚାହୁଁନାହାଁନ୍ତି । ତେଣୁ ମୁଁ ଆପଣଙ୍କର ବହୁତ କୃତଜ୍ଞତା ଜ୍ଞାପନ କରୁଛି କି ଆପଣ ନା କେବଳ ଶାନ୍ତିର ଶିକ୍ଷାକୁ ଆଗକୁ ବଢ଼ାଇବାରେ ଚେଷ୍ଟାରତ ବରଂ ନିଜେ ମଧ୍ୟ ସେହି ଶିକ୍ଷା ଉପରେ ଅମଲ କରୁଛନ୍ତି ।

ଏହାପରେ ଜଣେ ପ୍ରଫେସର୍ ପଚାରିଲେ କି ମୁସ୍‌ଲିମ୍ ଦେଶଗୁଡିକରେ ଓ ଅନ୍ୟ ସ୍ଥାନରେ ମଧ୍ୟ ମେହ୍‌ଦୀ ହେବାର ଦାବୀଦାର୍ ଅଛନ୍ତି ଯେପରି ସୁଡାନ୍ ଦେଶରେ ଜଣେ ବ୍ୟକ୍ତି ମେହ୍‌ଦୀ ହେବାର ଦାବୀ କରିଥିଲା । ସେହିପରି ୧୯୭୯ ମସିହାରେ ସାଉଦୀ ଆରବରେ ମଧ୍ୟ ଜଣେ ମେହ୍‌ଦୀ ହେବାର ଦାବି କରିଥିଲା । ସେହି ଦାବୀଦାର୍ ମାନଙ୍କ ବିଷୟରେ ଜମାତ୍ ଅହେମଦୀୟାର କଣ ଦୃଷ୍ଟିକୋଣ ରହିଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ତ କହିଲେ ଦାବୀଦାର୍ ତ ଅନେକ ହୋଇପାରନ୍ତି । କିନ୍ତୁ ଏହା ଦେଖିବାକୁ ପଡ଼ିବ କି ଦାବୀ କରିଥିବା ବ୍ୟକ୍ତି କେତେ ସଫଳ ହୋଇଛି ? ଯେପରିକି ମୁଁ ପୂର୍ବରୁ ମଧ୍ୟ କହିଥିଲି କି ରସୁଲେ କରିମ୍ ସ:ଆ:ସ ମେହ୍‌ଦୀଙ୍କ ଆବିର୍ଭାବ ହେବା ପ୍ରସଙ୍ଗରେ କିଛି ଲକ୍ଷଣ ପ୍ରକଟିତ ହେବାର ଭବିଷ୍ୟବାଣୀ କରିଥିଲେ । ତାହା ସବୁ ଚଉଦ ଶଦିରେ ପୂରଣ ହୋଇଗଲା ଓ ସେ ସମୟରେ ମେହ୍‌ଦୀର ଦାବୀଦାର୍ ମଧ୍ୟ ଉପସ୍ଥିତ ଥିଲେ । ସେ ସମୟରେ ଅନ୍ୟ କେହି ଦାବୀ କରିନାହାଁନ୍ତି । ଏତଦ୍‌ଭିନ୍ନ ରସୁଲେ କରିମ୍ ସ:ଆ:ସ ଏହା ମଧ୍ୟ ଭବିଷ୍ୟବାଣୀ କରିଥିଲେ କି ମସିହ୍ ଓ ମେହ୍‌ଦୀ ଜଣେ ବ୍ୟକ୍ତି ହେବେ । ଯେବେ କି ସେହି ଦାବୀ କରିଥିବା ସମସ୍ତ ଲୋକେ କେବଳ ମେହ୍‌ଦୀ ହେବାର ଦାବି କରିଛନ୍ତି । କିନ୍ତୁ ହଦିସ୍‌ରୁ ଏହା ପ୍ରମାଣ ହେଉଛି କି ଜଣେ ବ୍ୟକ୍ତିକୁ ଏହି ଦୁଇଟି ଉପାଧି ଦିଆଯିବ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଦ୍ୱିତୀୟ କଥା ହେଉଛି କି ମେହ୍‌ଦୀ ହେବାର ଦାବି କରିଥିବା ଏହି ଲୋକମାନେ କେଉଁ ପର୍ଯ୍ୟନ୍ତ ଗଲେ ? ଦୁନିଆର କେତେ ଦେଶରେ ପହଂଚିଲେ ? କିନ୍ତୁ ଜମାତ୍ ଅହେମଦୀୟା ବିଗତ ୧୨୭ ବର୍ଷରେ ଅନବରତ ଉନ୍ନତିର ମାର୍ଗରେ ପରିଚାଳିତ ଓ ସାରା ସଂସାରରେ ଏହାର ବାର୍ତା ପ୍ରସାର କରିଚାଲିଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହା ମଧ୍ୟ ସମ୍ଭବ କି କିଛି ପୁଣ୍ୟବନ୍ତ ଓ ଅଉଲିଆ ମଧ୍ୟ ଥିବେ ଏବଂ ତାଙ୍କୁ ମାନୁଥିବା ଲୋକମାନେ ତାଙ୍କୁ ମେହ୍‌ଦୀର ଉପାଧି ଦେଇଦେଇଥିବେ କିନ୍ତୁ ଏପରି ଲୋକେ କେବଳ ବିଶେଷ ସ୍ଥାନ, ବିଶେଷ ଜାତି ଭିତରେ ସୀମିତ ।

ଏହାପରେ ଆଉଜଣେ ପ୍ରଫେସର୍ ପ୍ରଶ୍ନ ପଚାରିଲେ କି ଜମାତ୍ ଅହେମଦୀୟାରେ ମଧ୍ୟ ଦୁଇଗୋଟି ଫିର୍‌କା ରହିଛି । ଗୋଟିଏ ହେଉଛି ସେ ଯାହାର ସମ୍ପର୍କ କାଦିଆନ୍ ସହିତ ରହିଛି ଓ ଅନ୍ୟଟିକୁ ଲାହୋରି (ଗୋଷ୍ଠୀ) କୁହାଯାଉଛି । ସେମାନଙ୍କ ନିଜ ଭିତରେ କଣ ସମ୍ପର୍କ ରହିଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଲାହୋରୀ ଅହେମଦୀମାନେ ନିଜାମେ ଖିଲାଫତ୍‌କୁ ମାନୁନାହାଁନ୍ତି ଓ ଏଥିପାଇଁ ସେମାନେ ଜମାତ୍‌ରୁ ଅଲଗା ହୋଇଗଲେ । ସେମାନେ କହୁଛନ୍ତି କି ଜମାତ୍‌ର ପ୍ରତ୍ୟେକ ବ୍ୟବସ୍ଥାର ଲଗାମ୍ ଜଣେ ଖଲିଫାଙ୍କ ହାତରେ ରହିବା କଥା ନୁହେଁ ବରଂ ଗୋଟିଏ କମିଟି ବା କିଛି ଲୋକଙ୍କ ଦ୍ୱାରା ପରିବେଷ୍ଟିତ ଗୋଟିଏ ଗ୍ରୁପ୍ ନିକଟରେ ରହିବା ଉଚିତ୍ । କିନ୍ତୁ ଆମେ କହୁଛୁ ନବୀଙ୍କ ପରେ ଖିଲାଫତ୍‌ର ନିଜାମ୍ ପ୍ରତିଷ୍ଠା ହୋଇଥାଏ । ସୁତରାଂ ଏହା ହେଉଛି ମୁଳ କାରଣ ଯେଉଁଥିପାଇଁ ସେମାନେ ଜମାତ୍ ଅହେମଦୀୟାରୁ ଅଲଗା ହୋଇଗଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁଠି ଆମ ଭିତରେ ଆପୋଷ ସମ୍ପର୍କର କଥା ଉଠୁଛି ସେଠାରେ ଆମେ ଯେବେ ମଧ୍ୟ ଜଣେ ଅନ୍ୟଜଣକ ସହିତ ମିଶୁଛୁ ବହୁତ ଭଲରେ ମିଶୁଅଛୁ ବରଂ ଦୁଇତିନିବର୍ଷ ପୂର୍ବେ ମୁଁ ବର୍‌ଲିନ୍‌ଠାରେ ଥିବା ତାଙ୍କ ମସ୍‌ଜିଦ୍‌କୁ ମଧ୍ୟ ଯାଇଥିଲି ଓ ସେହି ମସ୍‌ଜିଦ୍‌ର ଇମାମ୍ ମୋର ଭବ୍ୟ ସ୍ୱାଗତ କଲେ । ସେମାନେ ଆମ ଚେଷ୍ଟାକୁ ବହୁତ ପ୍ରଶଂସା କରୁଛନ୍ତି ଓ ସେମାନେ ଆମ ଉତ୍ସବ ଗୁଡ଼ିକରେ ମଧ୍ୟ ସାମିଲ୍ ହେଉଛନ୍ତି । ଆମ ମଧ୍ୟରେ ଏମିତି କିଛି ବହୁତ ବିଦ୍ୱେଶଭାବ ଓ ଶତ୍ରୁତା ନାହିଁ । କିନ୍ତୁ ଅସଲ କଥା ହେଉଛି କି ଆମ ଜମାତ୍ ବଢ଼ି ଚାଲିଛି ଓ ସେମାନେ ଦିନକୁ ଦିନ କମ୍ ହୋଇଯାଉଛନ୍ତି ବରଂ ସେମାନଙ୍କ ମଧ୍ୟରୁ ବହୁ ସଂଖ୍ୟକ ଲୋକେ ଆମ ଜମାତ୍‌ରେ ସାମିଲ୍ ହୋଇସାରିଛନ୍ତି ।

ଏହାପରେ ଜଣେ ପ୍ରଫେସର୍ ପ୍ରଶ୍ନ କଲେ କି କିଛି ସମୟ ପୂର୍ବେ ଆପଣ ଏହା କହିଲେ କି ଖଲିଫା ହେଉଛନ୍ତି ଜଣେ ଆଧ୍ୟାତ୍ମିକ ନେତା । ତେବେ ଆପଣଙ୍କ ନିକଟରେ ବର୍ତମାନ ଜମାତ୍ ଅହେମଦୀୟା ଓ ବାକି ଦୁନିଆକୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ କି ପ୍ରକାରର ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣଙ୍କ ସହିତ ଜଣେ ପାଦ୍ରୀ ବସିଛନ୍ତି । ସେ ମଧ୍ୟ ଭଲଭାବେ ଜାଣିଛନ୍ତି କି ଲୋକମାନେ ନିଜର ପ୍ରକୃତ ସୃଷ୍ଟିକର୍ତାଠାରୁ ଦୂରେଇ ଯାଉଛନ୍ତି ଓ ନିଜ ସୃଷ୍ଟିକର୍ତାଙ୍କ ଅଧିକାରକୁ ପ୍ରଦାନ କରୁନାହାଁନ୍ତି । ତେଣୁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ ଏହା କି ମାନବ ଜାତିକୁ ତାର ସୃଷ୍ଟିକର୍ତାଙ୍କ ନିକଟତର କରାଇବା । କାରଣ ପବିତ୍ର କୋରାନ୍‌ର ଶିକ୍ଷା ମୁତାବକ ମନୁଷ୍ୟ ଜନ୍ମର ମୂଳ ଉଦ୍ଦେଶ୍ୟ ଏହା କି ସେ ନିଜ ସୃଷ୍ଟି କର୍ତାଙ୍କ ସମ୍ମୁଖରେ ନତମସ୍ତକ ହେଉ । ଯଦି ଆପଣଙ୍କ ଜନ୍ମର ମୂଳ ଉଦ୍ଦେଶ୍ୟ ଏହା ତେବେ ପୁଣି ଏହା ହିଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ୍ ହେବ ।

ସେ ପୁଣି ପଚାରିଲେ କି କଣ ଏହି ଦୃଷ୍ଟିକୋଣରୁ କଠିନତା ଅଧିକ ବଢ଼ିଚାଲିଛି କି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଏହି ପ୍ରକାରର ସମସ୍ୟା ଦିନକୁ ଦିନ ବଢ଼ିଚାଲିଛି । କୁହାଯାଉଛି କି ଆମେରିକାରେ ହିଁ କିଛି ବର୍ଷ ପୂର୍ବେ ୭୭ ପ୍ରତିଶତ ଲୋକେ ଧର୍ମ ପ୍ରତି ଆଗ୍ରହ ରଖିଥିଲେ ବା ଅତି କମ୍‌ରେ ଇସାଇୟତ୍ ଉପରେ ସେମାନଙ୍କର ବିଶ୍ୱାସ ଥିଲା ଓ ବର୍ତମାନ ଏହି ସଂଖ୍ୟା କମି କମି ପଚାଶ ପ୍ରତିଶତ ନିକଟର ପହଂଚି ସାରିଛି ଓ ଦିନକୁ ଦିନ ଏହା କମି ଚାଲିଛି । ଆପଣ ନିଜେ ଏହା ଦେଖୁଥିବେ କି ନାସ୍ତିକ ମାନଙ୍କର ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି । ଧର୍ମକୁ ମାନୁଥିବା ଲୋକମାନଙ୍କ ସଂଖ୍ୟ ଲଗାତାର୍ କମ୍ ହୋଇଚାଲିଛି । ତେଣୁ ଏହା ସମସ୍ତଙ୍କ ପାଇଁ ଏକ ଆହ୍ୱାନ୍ ଅଟେ । ସର୍ବପ୍ରଥମେ ମାନବ ଜାତିକୁ ତା ସୃଷ୍ଟିକର୍ତାଙ୍କ ନିକଟତର କରାଯାଉ ଏ ଏହାପରେ ଏ ନିଷ୍ପତି କରାଯାଉ କି କେଉଁ ଧର୍ମ ଉପରେ ସେମାନେ ପରିଚାଳିତ ହେବେ ।

ଏହାପରେ ଜଣେ ପ୍ରଫେସର୍ ପ୍ରଶ୍ନ ପଚାରିଲେ କି ପରିବେଶ ବିଷୟରେ ଆପଣଙ୍କର କି ଧାରଣା ରହିଛି ?

ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯଦି ପରିବେଶ ବିଷୟରେ ଆପଣଙ୍କର ଚିନ୍ତାଧାରା Climate Change ତେବେ ଏହାର ମୂଳ

*ଅବଶିଷ୍ଟାଂଶ ପୃଷ୍ଠା-୧୧ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan